# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 200 | ଭାଗ ୩୨ | ସଂଖ୍ୟା ୨୦୦ | Bhubaneswar | Wednesday 09 October 2024 | Page 8 Rs. 4.00 | ଭୁବନେଶ୍ୱର | ବୁଧ ୯ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ପୃଷ୍ଠା ୫
ଜୁଲାନାରୁ ଜିତିଲେ ଭିନେଶ ଫୋଗଟ

## ମୋଦି ହୈ ତୋ ମୁମ୍‌କିନ୍ ହୈ

# ବିକଶିତ ଭାରତ: ବିରୋଧୀ ଚିତ୍‌ପଟାଙ୍ଗ

## ହରିଆଣାରେ ବିଜେପିର ହାଟ୍ରିକ୍

- ସୁହାଇଲା ଦଳିତ ସମୀକରଣ
- ଦଶହରାରେ ଶପଥ ଉତ୍ସବ
- ଅଭିନନ୍ଦନ ଜଣାଇଲେ ମୋଦି

ନୂଆଦିଲ୍ଲୀ,୮।୧୦: ହରିଆଣା ଓ ଜାମ୍ମୁ କଶ୍ମୀର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଉଭୟ ରାଜ୍ୟରେ ଏକ୍‌ଜିଟ୍ ପୋଲ୍‌ର ଆକଳନ ଭୁଲ ପ୍ରମାଣିତ ହୋଇଛି। ହରିଆଣାରେ ବିଜେପି ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ଟପି ହ୍ୟାଟ୍ରିକ୍ କରିଛି। ଜାମ୍ମୁ କଶ୍ମୀରରେ କଂଗ୍ରେସ ଏନ୍‌ସି ମେଣ୍ଟ ସ୍ପଷ୍ଟ ବହୁମତ ହାସଲ କରି ସରକାର ଗଠନ କରିବା ପାଇଁ ସ୍ଥିତି ମଜଭୁତ କରିଛି। ହେଲେ ହରିଆଣାରେ ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦମୀ ପାର୍ଟି (ଆପ୍) ଖାତା ଖୋଲିପାରିନାହିଁ। ଜାମ୍ମୁ କଶ୍ମୀରରେ ଦଳ ମାତ୍ର ଗୋଟିଏ ଆସନରେ ବିଜୟ ହାସଲ କରି ସ୍ଥିତି ରକ୍ଷା କରିଛି। ବିଜୟା ଦଶମୀ (୧୨ ତାରିଖ)ରେ ଦ୍ୱିତୀୟ ଥର ପାଇଁ ହରିଆଣା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ପାରନ୍ତି ନାଏବ ସିଂହ ସାଇନି।

ଉଭୟ ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜେପି, କଂଗ୍ରେସ, ଏନ୍‌ସିପିର ସମର୍ଥକ ଏବଂ ନେତୃବୃନ୍ଦ ବାଣ ଫୁଟାଇ ଖୁସି ମନାଇଛନ୍ତି। ଚଣ୍ଡୀଗଡ଼ ସ୍ଥିତ ବିଜେପି କାର୍ଯ୍ୟାଳୟରେ ଅଦିନିଆ ଦୀପାବଳୀର ମାହୋଲ ଦେଖିବାକୁ ମିଳିଛି। ଫଳାଫଳ ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ ରାଜ୍ୟର ଜନତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜାମ୍ମୁ କଶ୍ମୀରରେ ବିଧାନସଭା ନିର୍ବାଚନ ଗଣତନ୍ତ୍ରର ବିରାଟ ସଫଳତା ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି, ହରିଆଣା ସରକାରଙ୍କ ସଫଳତା ଉପରେ ରାଜ୍ୟବାସୀ ପୁନଃ ଆସ୍ଥା ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ନାଏମ ସିଂହ ସୈନି ବିଜୟର ଶ୍ରେୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେଇଛନ୍ତି। ସେ କହିଛନ୍ତି ଏହା କୃଷକ, ଯୁବବର୍ଗ, ଗରିବ ଓ ମହିଳାଙ୍କ ବିଜୟ। ବିରୋଧୀଙ୍କ ଅପପ୍ରଚାର କାମ ଦେଲାନି ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ତେବେ ହରିୟାଣା ଫଳାଫଳକୁ କଂଗ୍ରେସ ଗ୍ରହଣ କରିପାରିବ ନାହିଁ। ଦଳର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି ଯେ ହରିଆଣା ଫଳାଫଳ ସଂପୂର୍ଣ୍ଣ ଭାବେ ଆଶ୍ଚର୍ଯ୍ୟଜନକ। ରାଜ୍ୟବାସୀ ସେମାନଙ୍କ ମୁଣ୍ଡରେ ପରିବର୍ତ୍ତନ ଓ ସଂସ୍କାର କଥା ଭାବିଥିଲେ। କିନ୍ତୁ ଫଳ ଏହା ବିରୋଧରେ ଯାଇଛି। ଜାମ୍ମୁ କଶ୍ମୀରବାସୀ ବିଜେପିକୁ ଉଚିତ ଶିକ୍ଷା ଦେଇଛନ୍ତି ବୋଲି ସେ କହିଛନ୍ତି।

ହରିଆଣାରେ ଚଳିତ ମାସ ୫ ତାରିଖରେ ସମସ୍ତ ଆସନରେ ମତଦାନ ଅନୁଷ୍ଠିତ ହୋଇଥିଲା। ଭୋଟଗ୍ରହଣ ଶେଷ ହେବା ପରେ ବିଭିନ୍ନ ସଂସ୍ଥା ପକ୍ଷରୁ ବୁଥ ଫେରନ୍ତା ଜନମତ ସର୍ଭେ କରାଯାଇଥିଲା। ପ୍ରାୟ ସବୁ ସଂସ୍ଥା ବିଜେପି କ୍ଷମତାରରୁ ଯିବ ଓ କଂଗ୍ରେସ ୧୦ ବର୍ଷ ପରେ ଫେରିବ ବୋଲି ଆକଳନ କରିଥିଲେ। ଏହାସହିତ କୃଷକଙ୍କ ଅସନ୍ତୋଷ, ରାଜ୍ୟ ସରକାରଙ୍କ ବିରୋଧରେ ଅପପ୍ରଚାର ଓ ସାଧାରଣରେ ଶାସକ ବିରୋଧୀ ମନୋଭାବ ମଧ୍ୟ ବିଜେପକୁ କ୍ଷମତା ଚ୍ୟୁତ କରିବ ବୋଲି ଆଲୋଚନା ହେଉଥିଲା। ହେଲେ ସବୁ ଆକଳନ ଫେଲ୍ ମାରିଛି। ରାଜ୍ୟରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୪୬ ହୋଇଥିବା ବେଳେ ବିଜେପିକୁ ୪୮ ଆସନ ମିଳିଛି। ଗୈରିକ ପାର୍ଟି କ୍ରମାଗତ ୩ୟ ଥର ପାଇଁ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢ଼ିବାକୁ ଯାଉଛି। ନିର୍ବାଚନର ଠିକ୍ ବର୍ଷେ ➩ପୃଷ୍ଠା-୬




| ବିଜେପି | କଂଗ୍ରେସ | ଆଇଏନ୍‌ଏଲ୍‌ଡି | ଆନ୍ୟାନ୍ୟ |
|---|---|---|---|
| ୪୮ | ୩୭ | ୨ | ୩ |






| କଂଗ୍ରେସ ମେଣ୍ଟ | ବିଜେପି | ପିଡିପି | ଆନ୍ୟାନ୍ୟ |
|---|---|---|---|
| ୪୯ | ୨୯ | ୩ | ୯ |

## କଶ୍ମୀରରେ ଏନ୍‌ସି-କଂଗ୍ରେସ ମେଣ୍ଟ

### ଓମାର ଅବ୍‌ଦୁଲ୍ଲା ହେବେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ଜାମ୍ମୁ କଶ୍ମୀରରେ ଏନ୍‌ସି କଂଗ୍ରେସ ଓ ସିପିଏମ୍ ମେଣ୍ଟ ବାଜିମାତ କରିଛି। ଧାରା ୩୭୦ ଉଚ୍ଛେଦ ହେବା ପରେ ପ୍ରଥମଥର ପାଇଁ ଏଠାରେ ବିଧାନସଭା ନିର୍ବାଚନ ହୋଇଥିଲା। ୨୦୧୪ ପରେ ମଧ୍ୟ ଏହା ପ୍ରଥମ ନିର୍ବାଚନ ଥିଲା। ଏକଜିଟ ପୋଲ ଏଠାରେ ଝୁଲା ବିଧାନସଭା ହେବ ବୋଲି ଆକଳନ କରିଥିବା ବେଳେ ଏନ୍‌ସି ଓ କଂଗ୍ରେସ ମେଣ୍ଟ କମାଲ କରିଛନ୍ତି। ୯୦ଟି ଆସନରୁ ମେଣ୍ଟ ୪୯(ଏନ୍‌ସି-୪୨, କଂଗ୍ରେସ୬ ଓ ସିପିଏମ୍-୧) ରେ ବାଜିମାତ କରିଛି। ମେଣ୍ଟ ଜାମ୍ମୁ କଶ୍ମୀରରେ ସରକାର ଗଠନ କରିବାକୁ ଯାଉଛି। ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୪୬। ଏହାବାଦ ୫ ଜଣ ମନୋନୀତ ସଦସ୍ୟ ଉପ ରାଜ୍ୟପାଳଙ୍କ ଦ୍ୱାରା ବିଧାନସଭାକୁ ନିର୍ବାଚିତ ହେଉଥିବାରୁ ସେଠାରେ ବିଲ୍ ପାରିତ ଓ ସଂଖ୍ୟା ଗରିଷ୍ଠତା ହାସଲ ପାଇଁ ମଧ୍ୟ ମ୍ୟାଜିକ ନମ୍ବର ହେଉଛି ୪୮। ତେଣୁ ମେଣ୍ଟ ମ୍ୟାଜିକ ନମ୍ବର ଠାରୁ ଗୋଟିଏ ଆସନ ଅଧିକ ଜିତିଛି। ଦିଲ୍ଲୀରେ କ୍ଷମତାସୀନ ଆପ୍ ପ୍ରଥମଥର ପାଇଁ ଜମ୍ମୁ-କଶ୍ମୀରରେ ଗୋଟିଏ ଆସନ ଜିତିଛି। ଆପ୍ ବିଧାୟକ ଜଣଙ୍କ ମଧ୍ୟ ମେଣ୍ଟ ସରକାରକୁ ସମର୍ଥନ ଦେଇ ପାରନ୍ତି। ଏକାକୀ କେବେ ହେଲେ ଜମ୍ମୁ-କଶ୍ମୀରରେ ସରକାର ଗଠନ କରି ନଥିବା ବିଜେପି ୨୯ଟି ଆସନ ଜିତିଛି। ଦଳ ଅଧିକାଂଶ ଆସନ ଜମ୍ମୁ ଅଞ୍ଚଳରେ ପାଇଛି। ୨୦୧୪ରେ ଦଳ ୨୫ଟି ଆସନ ଜିତିଥିବା ବେଳେ ଏଥର ଏହା ୨୯କୁ ବୃଦ୍ଧି ପାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତିଙ୍କ ପିଡିପି ମାତ୍ର ୩ଟି ଆସନ ଜିତିବାକୁ ସକ୍ଷମ ହୋଇଛି। ୨୦୧୪ ତୁଳନାରେ ଏହା ୨୫ କମ। ଜମ୍ମୁ-କଶ୍ମୀର ପିପୁଲ୍ସ କନଫରେନ୍ସର ସାଜିଦ ଲୋନ ଏକମାତ୍ର ଆସନ ବଜାୟୀ ରଖିଛନ୍ତି। ଅନ୍ୟମାନେ ୮ ଆସନରେ ବିଜୟୀ ହୋଇଛନ୍ତି।

ଏଥର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତିଙ୍କ ଝିଅ ଇଲତିଜା ମୁଫତି ବିଜବେହର ଆସନରୁ ପରାଜିତ ହୋଇଛନ୍ତି। ବିଜେପି ନେତ୍ରୀ ଶଗୁନ ପରିହାର କିଶତୱାଡରୁ ବିଜୟୀ ହୋଇଛନ୍ତି। ସେ ନାନାଲ ➩ପୃଷ୍ଠା-୬

## ଏବେ ତ୍ୱରିତ୍ ବିକାଶର ସମୟ



ନୂଆଦିଲ୍ଲୀ ୮।୧୦ (ଏଜେନ୍ସି) : ଏକଛତ୍ରବାଦ୍ ଦ୍ୱାରା କଂଗ୍ରେସ ଦେଶକୁ ଦୁର୍ବଳ କରିଦେବା ପାଇଁ ଉଦ୍ୟମ କରୁଛି। ଏହାର ନେତୃବୃନ୍ଦ ସମାଜର ବିଭିନ୍ନ ବର୍ଗଙ୍କୁ ଉସୁକାଉଛନ୍ତି। ହରିଆଣାର କୃଷକମାନଙ୍କୁ ଦଳ କେନ୍ଦ୍ର ବିରୋଧରେ ମତାଇଥିଲା। କିନ୍ତୁ ସେମାନେ କଂଗ୍ରେସକୁ ଉଚିତ ଶିକ୍ଷା ଦେଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ହରିଆଣା ଓ ଜାମ୍ମୁ କଶ୍ମୀରରେ ନିର୍ବାଚନ ଫଳ ଘୋଷଣା ହେବା ପରେ ଦଳୀୟ କର୍ମକର୍ତ୍ତା ଓ ସମର୍ଥକମାନଙ୍କୁ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ୩୭୦ ଧାରା ଉଚ୍ଛେଦ ପରେ କଶ୍ମୀରରେ ପ୍ରଥମ ନିର୍ବାଚନ ଶାନ୍ତିପୂର୍ଣ୍ଣ ଥିଲା। ପ୍ରଥମକରି ସେଠାରେ ବିନା ହିଂସାରେ ମତଦାନ ଶେଷ ହେଲା। ଭୋଟ ଗଣତି ବେଳେ ମଧ୍ୟ କିଛି ଅଘଟଣ ଘଟିନି। ଜାମ୍ମୁ କଶ୍ମୀରରେ ମତଦାନ ଅନେକ ଦୃଷ୍ଟିରୁ ଐତିହାସିକ। ଆଗାମୀ ୫ ବର୍ଷ ଦେଶରେ ତ୍ୱରିତ୍ ବିକାଶର ସମୟ ହେବ ବୋଲି ପ୍ରତିଶ୍ରୁତି ଦେଉଛି। ହରିଆଣା ସରକାର ବିରୋଧରେ ଗତ ୧୦ ବର୍ଷରେ କୌଣସି ଦୁର୍ନୀତି ଅଭିଯୋଗ ଆସି ନାହିଁ ବୋଲି ➩ପୃଷ୍ଠା-୬

## ଅନବିଟେବୁଲ ଧର୍ମେନ୍ଦ୍ର ; ମୋଦୀଙ୍କ ଟ୍ରଷ୍ଟେଡ୍ ଲେଫ୍ଟନାଣ୍ଟ



ନୂଆଦିଲ୍ଲୀ ୮।୧୦ (ଏଜେନ୍ସି) :କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରାଜନୈତିକ ନେତୃତ୍ୱ ଓ ନିର୍ବାଚନୀ ରଣନୀତିର ପଟୁତା ପାଇଁ ହରିଆଣା ସମ୍ପର୍କିତ ସବୁ ପୂର୍ବାନୁମାନ ଭୁଲ ପ୍ରମାଣିତ ହେଲା। କଂଗ୍ରେସର ବିଜୟ ପୂର୍ବାନୁମାନକୁ ଖଣ୍ଡନ କରି ବଡ ବଡ ରାଜନୈତିକ ପଣ୍ଡିତଙ୍କ ଆକଳନକୁ ସମ୍ପୁର୍ଣ୍ଣଭାବରେ ଭୁଲ ପ୍ରମାଣିତ କରି ହରିୟାଣାରେ ବିଜେପି ଏକ ବଡ଼ ବିଜୟ ହାସଲ କରିଛି।

ଏହାପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନ ୨୦୧୪ରେ ମୋଦି ସରକାର କେନ୍ଦ୍ରରେ ଆସିବା ଦିନଠାରୁ ଅହରହ ପରିଶ୍ରମ କରି ଓଡ଼ିଶାରେ ବିଜେପିକୁ ବଡ ସଫଳତା ଦେଇଛି। ଉଭୟ ରାଜ୍ୟ ଓ ଜାତୀୟ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି ଓ କାର୍ଯ୍ୟକାରିତାରେ ଧର୍ମେନ୍ଦ୍ରଙ୍କ ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଥାଏ। ଧର୍ମେନ୍ଦ୍ରଙ୍କ ନିର୍ବାଚନୀ ରଣନୀତି ପାଇଁ ସେ ମୋଦିଙ୍କ ଟ୍ରଷ୍ଟେଡ୍ ଲେଫ୍ଟନାଣ୍ଟଙ୍କ ମଧ୍ୟରୁ ଅନ୍ୟତମ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର କାର୍ଯ୍ୟଦକ୍ଷତା, ରଣକୌଶଳ କାରଣରୁ ଦେଶରେ ଅଧିକାଂଶ ରାଜ୍ୟରେ ପ୍ରଭାରୀ, କିଛି ରାଜ୍ୟରେ ନିର୍ବାଚନ ପ୍ରଭାରୀ ସହିତ ବିଜେପି ଶାସିତ ସରକାରର ➩ପୃଷ୍ଠା-୬

## ଗେମ୍‌ଚେଞ୍ଜର ହେଲା ପ୍ରାର୍ଥୀ ପରିବର୍ତ୍ତନ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ହରିଆଣା ନିର୍ବାଚନ ସିଧାସଳଖ ପ୍ରମାଣିତ କରିଛି ଯେ ଧର୍ମେନ୍ଦ୍ର ପ୍ରଧାନ ହେଉଛନ୍ତି ଜଣେ ଦକ୍ଷ ରଣନୀତିକାର । ତାଙ୍କର ସଫଳ ଗୋଟି ଚାଳନା ଓ ଶେଷ ମୁହୂର୍ତ୍ତରେ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ସବୁ ଏକଜିଟ ପୋଲ ଆକଳନକୁ ଭୁଲ ପ୍ରମାଣିତ କରି ବିଜେପି ହାଟ୍ରିକ ମାରିଛି। ହରିୟାଣାର ନିର୍ବାଚନ ପ୍ରଭାରୀ ଭାବେ ନିଯୁକ୍ତ ହେବା ପରେ ଧର୍ମେନ୍ଦ୍ର ପ୍ରଧାନ ରୋହତକ, କୁରୁକ୍ଷେତ୍ର ଏବଂ ପଞ୍ଚକୁଲାରେ ନିଜର କ୍ୟାମ୍ପ ସ୍ଥାପନ କରିଥିଲେ। ହେଲିକପ୍ଟର ଯୋଗେ ବିଶାଳ ସମାବେଶ କରିବା ପରିବର୍ତ୍ତେ କାରରେ ସାରା ରାଜ୍ୟ ଭ୍ରମଣ କରି ଛୋଟ ଛୋଟ ସଭା କରିଥିଲେ। ସେ କର୍ମୀମାନଙ୍କୁ ଭେଟି ସାଧାରଣ ଜନତାଙ୍କ ଠାରୁ ମତାମତ ସଂଗ୍ରହ ପାଇଁ ପରାମର୍ଶ ଦେଉଥିବା ସହିତ ଯେକୌଣସି ସମସ୍ୟାର ତୁରନ୍ତ ସମାଧାନ କରିଥିଲେ। ହରିଆଣାରେ ବିଜେପି ପ୍ରଥମେ କିଛି ବରିଷ୍ଠ ନେତାଙ୍କୁ ଟିକେଟ ଦେଇଥିଲା। କିନ୍ତୁ ପରେ ଟିକେଟ କାଟି ନୂଆ ଓ ଜନତାଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ଚେହେରାଙ୍କୁ ଆଣିଥିଲା ଦଳ। ➩ପୃଷ୍ଠା-୬

### ବିଜେପି ଖାତାକୁ ଆସିଲା ଜାଠ ଭୋଟ

ବିଜେପି ପାଇଁ ହରିଆଣା ବିଜୟ ଆଦୌ ସହଜ ନଥିଲା। ୧୦ ବର୍ଷର ବିଜେପି ସରକାର ପ୍ରତି ଥିଲା ପ୍ରବଳ ଜନ ଅସନ୍ତୋଷ। ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ପ୍ରତି ଲୋକପ୍ରିୟତା ମଧ୍ୟ କମିଥିଲା। ଆଣ୍ଟି ଇନକମ୍ବେନସି ସହିତ ଲମ୍ବା ସମୟ ଧରି ଚାଷୀଙ୍କ ଆକ୍ରୋଶ, ପହିଲମାନଙ୍କ ରୋଷ, ଅଗ୍ନିବୀର ଯୋଜନାକୁ ନେଇ ଅସନ୍ତୋଷ ଆଦି ବିରୋଧୀଙ୍କ ପାଇଁ ଥିଲା ବଡ ନିର୍ବାଚନୀ ପ୍ରସଙ୍ଗ । ସବୁଠୁ ➩ପୃଷ୍ଠା-୬

### କାମଦେଲା ମାଇକ୍ରୋ ମ୍ୟାନେଜ୍‌ମେଣ୍ଟ

କୁହାଯାଏ ହରିଆଣାର ଭୋଟର ଭୋଟ ଦିଅନ୍ତିନି । କିନ୍ତୁ ନିଜ ଜାତିକୁ ନେଇ ଭୋଟ ଦେଇଥାନ୍ତି । ଆଉ ଏହି ଜାତିଭିତ୍ତିକ ଭୋଟ ହିଁ ହରିଆଣାରେ କିଏ ସରକାରକୁ ଆସିବ ତାହା ନିର୍ଦ୍ଧାରଣ କରିଥାଏ । ଆଉ ଏଥର ବିଜେପି ହରିଆଣାର ସବୁ ଗୋଷ୍ଠିକୁ ସନ୍ତୁଷ୍ଟ କରି ନିଜ ଆଡକୁ ଆକର୍ଷିତ କରିବାରେ ସଫଳ ହୋଇଛି। ଲୋକସଭା ନିର୍ବାଚନରେ କେନ୍ଦ୍ର ବିରୋଧରେ ଭୋଟ ହୋଇଥାଏ । କିନ୍ତୁ ବିଧାନସଭା ନିର୍ବାଚନରେ ରାଜ୍ୟର ବିଭିନ୍ନ ଆଞ୍ଚଳିତ ସମସ୍ୟାକୁ ନେଇ ଲୋକେ ଭୋଟ ଦେଇଥାନ୍ତି। ହରିଆଣାରେ ବହୁ ସଂଖ୍ୟାରେ ଯୁବକ ଚାକିରି ନପାଇ ବାହାରକୁ ଯାଇଥାନ୍ତି । ସେଥିପାଇଁ ସେମାନେ ବେଆଇନ ଭାବେ ଦଲାଲଙ୍କ ଜରିଆରେ ବିଦେଶକୁ ଯାଆନ୍ତି। ଏଥର କିନ୍ତୁ ଏହି ସମସ୍ୟାର ସମାଧାନ ପାଇଁ ନିର୍ବାଚନର ଦୁଇ ମାସ ପୂର୍ବରୁ ➩ପୃଷ୍ଠା-୬

## ମୋହନମନ୍ତ୍ର ; ସ୍ୱଚ୍ଛତା ଓ ସାଧୁତା ସରକାରଙ୍କ ପ୍ରାଥମିକତା




ଭୁବନେଶ୍ୱର, ୮।୧୦ (ସଂଚାର ବ୍ୟୁରୋ): ଶକ୍ତି, ଓଡ଼ିଶା ଖଣି ନିଗମ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗରେ ୨୮୨ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।ଲୋକସେବା ଭବନରେ ଆୟୋଜିତ ଏକ ନିଯୁକ୍ତି ମେଳାରେ ନବ ନିଯୁକ୍ତଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ତାଙ୍କ ସରକାର ପ୍ରାଥମିକତା ଦେଉଛନ୍ତି। ନବନିଯୁକ୍ତ ଯୁବକମାନଙ୍କୁ ଉତ୍ସାହିତ କରି ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପ୍ରକ୍ରିୟାର ଅଂଶ ହେବା ପାଇଁ ସେମାନଙ୍କ ପାଖରେ ସୁବର୍ଣ୍ଣ ସୁଯୋଗ ରହିଛି।

## ଗୋଟିଏ ଫ୍ରେମରେ ତିନି ଚିଟ୍‌ଫଣ୍ଡ କଳଙ୍କ

- ହାରୁ ନେତାଙ୍କୁ ଗୁରୁତ୍ୱ ଦେଉଛି ବିଜେଡି
- ମହିଳାଙ୍କୁ ଛାଡି ଯୁବ ବର୍ଗଙ୍କୁ ଫୋକସ୍
- ବିଜେପିର ସଭ୍ୟ ସଂଗ୍ରହ ଢାଞ୍ଚାର କପି ପେଷ୍ଟ



ଭୁବନେଶ୍ୱର, ୮।୧୦ (ସଂଚାର ବ୍ୟୁରୋ): ବିଜୁ ଜନତା ଦଳରେ ଆଜି ଏକ ଅପୂର୍ବ ସଂଯୋଗ ଦେଖିବାକୁ ମିଳିଛି । ଆସନ୍ତା କାଲି ଠାରୁ ସଭ୍ୟ ସଂଗ୍ରହ ପାଇଁ ସୂଚନା ଦେବାକୁ ଗୋଟିଏ ଫ୍ରେମରେ ଆସିଥିବା ତିନି ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାଶବର୍ମା ଓ ଅତନୁ ସବ୍ୟସାଚୀ ନାୟକଙ୍କ ମୁଣ୍ଡରେ ରହିଛି ଚିଟ୍‌ଫଣ୍ଡର କଳଙ୍କ। ଗତ ନିର୍ବାଚନରେ ଚିତ୍‌ପଟାଙ୍ଗ ମାରିଥିବା ଏହି ତିନି ନେତା ଏବେ ସଭ୍ୟସଂଗ୍ରହର ମଙ୍ଗ ଧରିଛନ୍ତି। ଗାନ୍ଧୀ ଜୟନ୍ତୀରୁ ପଦଯାତ୍ରା ଆରମ୍ଭ କରିଥିବା ବିଜେଡି ଗୋପବନ୍ଧୁ ଜୟନ୍ତୀରୁ ସଭ୍ୟ ସଂଗ୍ରହ ଆରମ୍ଭ କରିବ । ତେବେ ଦଳ ଏଥର ଯୁବ ବର୍ଗଙ୍କ ଉପରେ ଅଧିକ ଫୋକସ ଦେଉଛି। ମହିଳାଙ୍କୁ ଦଳ ଏଥର ଭରସା କରିପାରି ନାହିଁ। ଏହାର କାରଣ ହେଉଛି ସୁଭଦ୍ରା ଯୋଜନାରେ ମହିଳାମାନେ ଏବେ ବିଜେପି ମୁହାଁ । ତେଣୁ ସେମାନଙ୍କ ବଦଳରେ ବିଜେଡି ଯୁବକମାନଙ୍କୁ ଦଳରେ ସାମିଲ ପାଇଁ ସୂଚନା ଦେଇଛି ।

ତେବେ ଏହି ସୂଚନା ଦେଇଥିବା ତିନି ନେତାଙ୍କ ମୁଣ୍ଡରେ ଚିଟ୍‌ଫଣ୍ଡର କଳଙ୍କ ଥିବାବେଳେ ଏଥିପାଇଁ ଗଠିତ ୨୪ଜଣିଆ କମିଟି ତାଲିକା ପଦାକୁ ଆସିଲେ ଆଉ ➩ପୃଷ୍ଠା-୬

### ମୋହନଙ୍କ ପୂଜା ଭେଟି

## ବଢ଼ିଲା ଗ୍ରାଚ୍ୟୁଇଟି ସୀମା

ଭୁବନେଶ୍ୱର, ୮।୧୦ (ସଂଚାର ବ୍ୟୁରୋ): ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ଦଶହରା ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟ କର୍ମଚାରୀମାନଙ୍କ ଅବସରକାଳୀନ ଗ୍ରାଚ୍ୟୁଇଟି ସୀମା ୧୫ଲକ୍ଷ ଟଙ୍କାରୁ ୨୦ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହା ପିଛିଲା ଭାବେ ୨୦୨୪ ଜାନୁୟାରୀ ପହିଲାରୁ ଲାଗୁ ହେବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ମୃତ୍ୟୁ ଓ ଅବସରକାଳୀନ ଗ୍ରାଚ୍ୟୁଇଟି ପରିମାଣ ୧୫ଲକ୍ଷ ଟଙ୍କାରୁ ୨୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଷ୍ପତ୍ତି ନେଇଛନ୍ତି । ଏହି ବର୍ଦ୍ଧିତ ଗ୍ରାଚ୍ୟୁଇଟି ପିଛିଲା ଭାବେ ୨୦୨୪ ଜାନୁୟାରୀ ୧ରୁ ଲାଗୁ ହେବ । ରାଜ୍ୟର ବିଭିନ୍ନ ସେବା ସଂଗଠନଗୁଡ଼ିକ ଏଥିପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ। ସୂଚନାଯୋଗ୍ୟ, କେନ୍ଦ୍ର ସରକାର ୨୦୨୪ ଜାନୁୟାରୀ ପହିଲାରୁ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ କେନ୍ଦ୍ରୀୟ ସିଭିଲ୍ ସର୍ଭିସେସ(ପେନସନ) ନିୟମ ଅନୁସାରେ ମୃତ୍ୟୁ ଓ ଅବସରକାଳୀନ ଗ୍ରାଚ୍ୟୁଇଟି ସୀମାକୁ ବୃଦ୍ଧି କରିଛନ୍ତି ।

## ଖୁବଶୀଘ୍ର ଓଡ଼ିଶା ବିଧାନ ପରିଷଦ



### ବରିଷ୍ଠ ନେତାଙ୍କ ଆଶା ପୂରଣ ହେବ

### ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଁ ବାଟ ଖୋଲିବ

ଭୁବନେଶ୍ୱର, ୮।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ବିଧାନ ପରିଷଦ ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ । ୨୦୧୮ ମସିହାରେ ରାଜ୍ୟ ବିଧାନସଭାରେ ପାରିତ ହୋଇଥିବା ଏହି ପ୍ରସ୍ତାବ ଚୂଡାନ୍ତ ରୂପ ନେବାକୁ ଯାଉଛି। ବିଧାନ ପରିଷଦ ଗଠନ ହେଲେ ରାଜନେତାଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଏଠାରେ ସ୍ଥାନ ପାଇବେ । ତେବେ ରାଜ୍ୟ ମନ୍ତ୍ରୀମଣ୍ଡଳରୁ ଦୂରରେ ଥିବା ନେତାଙ୍କ ପାଇଁ ମନ୍ତ୍ରୀ ହେବାର ସୁଯୋଗ ସୃଷ୍ଟିହେବ ।

ବିଧାନ ପରିଷଦ ଗଠନ ହେବାକୁ ଯାଉଥିବା ସୂଚନା ମିଳିବାପରେ ଆଶାୟୀମାନେ ବେଶ୍ ସକ୍ରିୟ ହୋଇ ଉଠିଛନ୍ତି। ବିଶେଷକରି ବିଜେପି ଦଳର ଯେଉଁ ବରିଷ୍ଠ ନେତାମାନେ ନର୍ବାଚନରେ ହାରି ଯାଇଥିଲେ କିମ୍ବା ନିର୍ବାଚନ ଠାରୁ ଦୂରରେ ରହିଥିଲେ ସେମାନେ ଏବେ ବିଧାନ ପରିଷଦକୁ ଆସିବାକୁ ଲବି ଆରମ୍ଭ କରିଦେଲେଣି । ଏହି ତାଲିକାରେ ସବୁଠାରୁ ଆଗରେ ରହିଛନ୍ତି ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ନେତା ଦିଲ୍ଲୀପ ରାୟ, କୁସୁମ ଟେଟେ, ବାଇଧର ମଲ୍ଲିକ, ତେଜେଶ୍ୱର ପରିଡା ପ୍ରମୁଖ। ଏମାନେ ସମସ୍ତେ ନିର୍ବାଚନ ହାରିଯାଇଛନ୍ତି। ଏମାନଙ୍କ ସହିତ ଗୋଲକ ମହାପାତ୍ର, ପୂର୍ବତନ ସଭାପତି ସମୀର ମହାନ୍ତିଙ୍କ ସମେତ ବିଜେଡିରୁ ବିଜେପିକୁ ଆସିଥିବା ସମୀର ଦାସଙ୍କ ଭଳି ନେତା ମଧ୍ୟ ରହିଛନ୍ତି । ଏମାନଙ୍କ ବାଦ୍ ବି ଦଳର ଆଉ କିଛି ଉତ୍ସର୍ଗୀକୃତ କର୍ମକର୍ତ୍ତା ଅଛନ୍ତି ।

ଏବେ ବି ରାଜ୍ୟ ମନ୍ତ୍ରୀମଣ୍ଡଳରେ ୬ଟି ମନ୍ତ୍ରୀପଦ ଖାଲି ରହିଥିବାରୁ ବିଜେପି ତାହାର ବରିଷ୍ଠ ଓ ଅଭିଜ୍ଞ ନେତାଙ୍କୁ ବିଧାନପରିଷଦକୁ ଆଣି ମନ୍ତ୍ରୀ କରିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏଥି ସହିତ ବିଧାନ ପରିଷଦରେ ➩ପୃଷ୍ଠା-୬

### ବର୍ଷେ ବ୍ୟାପୀ ବୀର୍ସା ମୁଣ୍ଡା ଜୟନ୍ତୀ

ଭୁବନେଶ୍ୱର, ୮।୧୦ (ସଂଚାର ବ୍ୟୁରୋ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଆଦିବାସୀ ନେତା ବୀର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀକୁ ବର୍ଷତମାମ ପାଳନ କରିବେ । ନଭେମ୍ବର ୧୫ରେ ରାଉରକେଲାରେ ଜୟନ୍ତୀ ସମାରୋହର ଉଦଘାଟନ ହେବ ଓ ୨୦୨୫ ନଭେମ୍ବର ୧୫ ଯାଏଁ ସମାରୋହ ପାଳିତ ହେବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜୟନ୍ତୀ ସମାରୋହ ଅବସରରେ ଆଦିବାସୀ କଳା ସଂସ୍କୃତି, ଐତିହ୍ୟ, ଇତିହାସର ପ୍ରଚାର ପ୍ରସାର, ଶିକ୍ଷା ଓ ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସହ ସେମାନଙ୍କର ଜୀବିକାର ସୁରକ୍ଷା ଓ ଆର୍ଥିକ ବିକାଶ ପାଇଁ ପଦକ୍ଷେପ ନିଆଯିବ।



## ବଳାତ୍କାରୀକୁ ୨୦ବର୍ଷ କାରାଦଣ୍ଡ

ଯାଜପୁର, ୮।୧୦ (ସଂଚାର ବ୍ୟୁରୋ): ନାବାଳିକାକୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତକୁ ଜିଲା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୩୦ ହଜାର ଟଙ୍କା ଅନାଦେୟ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବ ବୋଲି ରାୟ ଶୁଣାଇଛନ୍ତି । ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ପାଣିକୋଇଲି ଅଞ୍ଚଳର ଶାନ୍ତନୁ ଜେନା(୩୦) ସେହି ଅଞ୍ଚଳର ଜଣୈକା ମହିଳାଙ୍କୁ ଧରମ ଭଉଣି କରି ତାଙ୍କ ଘରକୁ ଅବାଧରେ ଯାତାୟାତ କରୁଥିଲା । ଏପରିକି ପାରିବାରିକ ସମ୍ପର୍କ ଗଢ଼ି ଉଠିଥିଲା । ଶାନ୍ତନୁ ଜେନା ଏହି ଅବସରରେ ଜଣୈକା ୧୫ ବର୍ଷ ନାବାଳିକା ସହିତ ସମ୍ପର୍କ ରଖିଥିଲା । ଶାରୀରିକ ସମ୍ପର୍କ ରଖିବା ସମ୍ପର୍କରେ ନାବାଳିକା ନିଜ ପରିବାର ଲୋକଙ୍କୁ ସୂଚନା ଦେଇଥିଲା । ଏ ନେଇ ୨୦୨୨ ମସିହା ସେପ୍ଟେମ୍ବର ୯ ତାରିଖରେ ନାବାଳିକା ପରିବାର ପକ୍ଷରୁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଲିଖିତ ଅଭିଯୋଗକୁ ଭିତ୍ତି କରି ପାଣିକୋଇଲି ଥାନା ପକ୍ଷରୁ କେଶ ନଂ. ୨୦୪/୨୨, ଦଫା ୩୭୬(୩)/୨(ଏନ୍)/୬ ପୋକ୍‌ସୋ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ୧୦ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ବିଚାରପତି ଅଭିଜିତ ପଲାଇ ଅଭିଯୁକ୍ତ ଶାନ୍ତନୁ ଜେନାକୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୩୦ହଜାର ଟଙ୍କା ଜରିମାନା, ଅନାଦେୟ ଏକ ବର୍ଷ ଅଧିକ କାରାଦଣ୍ଡ ଭୋଗିବ ବୋଲି ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମାମଲା ପରିଚାଳନା କରୁଥିଲେ ।

### କାର୍ଯ୍ୟାଳୟରେ ମଦ ପିଇବା ଘଟଣା

## ରବୀନ୍ଦ୍ରଙ୍କ ବିରୁଦ୍ଧରେ କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ ?

- ବିତିଗଲା ଦୁଇ ସପ୍ତାହ, କେଉଁଆଡେ ଗଲା ତଦନ୍ତ
- ବିଡ଼ିଓଙ୍କ ନିରବତା ନେଇ ସନ୍ଦେହ
- ବିଧାୟକଙ୍କ ଫଟୋ ରଖି ଖସିବାକୁ ଚେଷ୍ଟା

କେନ୍ଦ୍ରାପଡ଼ା, ୮।୧୦ (ସଂଚାର ବ୍ୟୁରୋ): ଜୀବିକା ମିଶନ କେନ୍ଦ୍ରାପଡ଼ା ବ୍ଲକ ସଂଯୋଜକ ରବୀନ୍ଦ୍ର ପ୍ରତିହାରୀ ନିଜ ସରକାରୀ କାର୍ଯ୍ୟାଳୟ ମଧ୍ୟରେ ଥିବା ଟେବୁଲ୍ ଉପରେ ମଦ ବୋତଲ ସାଙ୍ଗକୁ ଚାଖଣା ରଖି ମଦ୍ୟପାନ କରିଥିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ଏହାସହ ଗଣମାଧ୍ୟମରେ ଏହି ସମ୍ପର୍କିତ ଖବର ପ୍ରକାଶ ହେବାର ଦୁଇ ସପ୍ତାହ ବିତିଗଲା ପରେ ମଧ୍ୟ ମଦ୍ୟପ କର୍ମଚାରୀଙ୍କ ଉପରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବ୍ଲକ ବିଡ଼ିଓ ଏହାର ତଦନ୍ତ ନିର୍ଦ୍ଦେଶ ଏବିଡ଼ିଓ ଙ୍କୁ ଦେଇଥିଲେ । ନିଜେ ଏବିଡ଼ିଓ ଅନିରୁଦ୍ଧ ବେହେରା ତଦନ୍ତ କରି ତାହାର ରିପୋର୍ଟ ବିଡ଼ିଓଙ୍କ ନିକଟରେ ଦାଖଲ କରିଥିବା ମଧ୍ୟ ଫୋନ୍ ଯୋଗେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ । ଘଟଣାକୁ ଦୁଇ ସପ୍ତାହ ବିତିଗଲା ମଦ୍ୟପାନ କରୁଥିବା କର୍ମଚାରୀ ରବୀନ୍ଦ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନନେଇ ଚୁପ୍ ରହିଗଲେ । ଏନେଇ ବିଡ଼ିଓଙ୍କୁ ପଚାରିଲେ ଘଟଣା ସମ୍ପର୍କରେ କିଛି କହିବି ନାହିଁ ବୋଲି ଘଟଣାକୁ ଏଡାଇ ଦେଉଥିବା ବେଳେ ପିଡି ଏହି ସମ୍ପର୍କରେ କୌଣସି ରିପୋର୍ଟ ମିଳିନଥିବା କହିଛନ୍ତି । ଯାହାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି କାରଣ ସରକାରୀ ବ୍ୟବସ୍ଥା ଭଙ୍ଗ କରି କାର୍ଯ୍ୟାଳୟ ମଧ୍ୟରେ ମଦ୍ୟପାନ କଲାପରେ ମଧ୍ୟ କାହିଁକି ଉଚ୍ଚକର୍ତ୍ତୃପକ୍ଷ ନୀରବ ରହିଛନ୍ତି ନା ଏଥିରେ କାହାର ଚାପ ପଡୁଛି ?



ଯାହାକି ଘଟଣାକୁ ଗୁରୁତ୍ୱ ନଦେଇ ଏଭଳି କର୍ମଚାରୀ ମାନଙ୍କୁ ଆହୁରି ମଦ୍ୟପାନ ପାଇଁ ସୁଯୋଗ ଦେଉଛନ୍ତି।

ଅନ୍ୟପଟରେ ମଦ୍ୟପାନ କରିଥିବା ରବୀନ୍ଦ୍ର ନିଜ ମୋବାଇଲ ଫୋନ ରେ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ଫଟୋ ହ୍ୱାଟସପ୍ ଡିପି ରେ ରଖିବା ସହିତ ବିଧାୟକ ଶ୍ରୀ ନାୟକଙ୍କ ହସ୍ତକ୍ଷେପ ପରେ ଉପରସ୍ଥ ଅଧିକାରୀ ମୋ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ ବୋଲି ବିଭିନ୍ନ ସ୍ଥାନରେ ଏବେ କହି ବୁଲୁଛନ୍ତି। ଯାହା ନିରପେକ୍ଷ ତଦନ୍ତ ଉପରେ ସନ୍ଦେହ ଜାତ ହୋଇଛି । ଜଣେ କର୍ମଚାରୀ ପ୍ରଶାସନର ଭାବମୂର୍ତ୍ତିକୁ ତଳେ ପକାଇଥିବା ବେଳେ ତାଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ ଦେଖାଇବା



କଣ ପାଇଁ ? ଅନ୍ୟପଟେ ବିଭାଗୀୟ ଅଧିକାରୀ କୌଣସି ନା କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ଚାପି ହୋଇ କାର୍ଯ୍ୟାନୁଷ୍ଠାନ ନେଉନଥିବା ଜିଲ୍ଲାରେ ଚର୍ଚ୍ଚା ମଧ୍ୟ ହେଉଛି ।

ରବୀନ୍ଦ୍ର ପ୍ରତିହାରୀ କେନ୍ଦ୍ରାପଡ଼ା ବ୍ଲକ ଜୀବିକା ମିଶନ କାର୍ଯ୍ୟାଳୟ ପରିସରରେ ସରକାରୀ ନିୟମ କାନୁନ୍‌କୁ ଫୁ କଲେ, ସେଠାରେ ନିର୍ଭୟରେ ବସି ମଦ ପିଇଲେ ଏହି ଦୃଶ୍ୟ ମୋବାଇଲ୍ ରୁ ମୋବାଇଲ୍ ଘୁରି ବୁଲିଲା ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେଲା । ଘଟଣାଟି ପ୍ରଥମେ "ସଂଚାର"ରେ ପ୍ରକାଶ ପାଇଲା ଯାହାକୁ ନେଇ ବ୍ଲକ ବିଡ଼ିଓ ବନ୍ଦନା ଖଟୁଆ ଏକ ତଦନ୍ତ ନିର୍ଦ୍ଦେଶ ଦେଲେ ହେଲେ ଘଟଣାକୁ ୨୦ ଦିନରୁ ଉର୍ଦ୍ଧ ସମୟ ଅତିକ୍ରମ କରିବାକୁ ବସିଥିବା ବେଳେ ରବୀନ୍ଦ୍ର ଙ୍କ ବିରୁଦ୍ଧରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିରବତା ପ୍ରଦର୍ଶନ ସରକାରୀ ନିୟମକୁ ପଦାକୁ ପକାଇଛି ।

### ତାତିଲା ଜାତୀୟ ଦଳିତ ସଂଖ୍ୟାଲଘୁ ମହାସଂଘ

## ପିପିଲି କଳିଙ୍ଗ ରେଡିମିକ୍ସର ଦବଙ୍ଗଗିରିକୁ ବିରୋଧ

ପିପିଲି, ୮।୧୦ (ସଂଚାର ବ୍ୟୁରୋ): ସରକାରଙ୍କ ପକ୍ଷରୁ ଭୂମିହୀନ ମାନଙ୍କୁ ଜମି ପଟ୍ଟା ଯୋଗାଇବାକୁ ଦାବି କରିବା ସହିତ ୩୧୬ ନମ୍ବର ଜାତୀୟ ରାଜପଥ ରାସ୍ତା କଡ଼ରେ ଥିବା କଳିଙ୍ଗ ରେଡ଼ିମିକ୍ସ କମ୍ପାନୀ ଗରିବ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଶୋଷଣ କରବାସମ୍ପର୍କରେ ରାଜରାସ୍ତାକୁ ଓହ୍ଲାଇଛି ଜାତୀୟ ଦଳିତ ସଂଖ୍ୟାଲଘୁ ମହାସଂଘ। ରାଜ୍ୟ ସଭାପତି ବିଜୟ ସେଠୀଙ୍କ ନେତୃତ୍ୱରେ ପିପିଲି ହାଟଛକ ଠାରୁ ଶହ ଶହ ପୁରୁଷ ଓ ମହିଳା ଶୋଭାଯାତ୍ରାରେ ବାହାରି ପିପିଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସ୍ୱାଧୀନତାର ୭୮ ବର୍ଷ ପରେ ବି ଭୂମିହୀନ ମାନଙ୍କୁ ପଟ୍ଟା ମିଳିପାରୁନାହିଁ। ଦଳିତ ଆଦିବାସୀ ମହାସଂଘ ତରଫରୁ ପିପିଲି, ଡ଼େଲାଙ୍ଗ, ନିମାପଡ଼ା, ସତ୍ୟବାଦୀ ଓ କଣାସ ଆଦି ବ୍ଲକ ମାନଙ୍କରୁ ୨୮୪ ଜଣଙ୍କୁ ଭୂମିହୀନ ବୋଲି ଚିହ୍ନଟ କରାଯାଇଛି। ତେବେ ଚିହ୍ନଟ ହୋଇଥିବା ଭୂମିହୀନ ମାନଙ୍କୁ ଜମିପଟ୍ଟା ଯୋଗାଇ ଦେବା ପାଇଁ ସଂଘ ତରଫ ରୁ ଦାବି କରାଯାଇଥିଲା। ଏହା ସହିତ ଜଗନ୍ନାଥପୁର ପଞ୍ଚାୟତ ସୁନାପଦା ଗ୍ରାମର ଶରତ କୁମାର ପ୍ରଧାନ ଗତ ତା୩୦.୦୫.୨୦୨୪ ରିଖେ ନିଜ ଗ୍ରାମରେ ଥିବା ୭ବଖରା ଘର ଛାତ ପକାଇବା ପାଇଁ ୩୧୬ ନମ୍ବର ଜାତୀୟ ରାଜପଥ ପିପିଲିରେ ଥିବା କଳିଙ୍ଗ ରେଡ଼ିମିକ୍ସ ସହ ଯୋଗାଯୋଗ କରିଥିଲେ। ତେବେ କଳିଙ୍ଗ ରେଡ଼ିମିକ୍ସ ଶରତ କୁମାର ପ୍ରଧାନଙ୍କ ଠାରୁ ପମ୍ପିଙ୍ଗ ପାଇଁ ୧୦, ୦୦୦ଟଙ୍କା ଓ ଏମ୍-୨୫ କଂକ୍ରିଟ ପାଇଁ ୧, ୭୪, ୦୦୦ଙ୍କା ଦାବି ମୁତାବକ ଛାତ ପକାଇବା ନିମନ୍ତେ ଟଙ୍କା ପୈଠ କରିଥିଲେ। ହେଲେ ଛାତ ଖୋଲାଯିବା ସମୟରେ ଛାତରୁ ରଡ଼୍ ଦେଖାଯିବା ସହ ଛାତରୁ ପାଣି ଗଳିଲା। ବାରମ୍ବାର କମ୍ପାନୀର ମାଲିକ ଓ ସିଇଓଙ୍କୁ ଜଣାଇବାରେ ସେମାନେ ଶରତ ପ୍ରଧାନ ଓ ତାଙ୍କ ସ୍ତ୍ରୀ ସାଧନା ପ୍ରଧାନଙ୍କୁ ୧୬ ଚକିଆ ଗାଡ଼ି ଚଢାଇ ମାରିଦେବୁ ବୋଲି ଧମକ୍ ଦେଲେ। ଏ ସମ୍ପର୍କରେ ଶରତ ପ୍ରଧାନ ପିପିଲି ଥାନାରେ ଲିଖିତ ଅଭିଯୋଗ କରିବାରେ ପିପିଲି ପୋଲିସ ୪୧୯/୨୪ ରେ ଏକ ମାମଲା ରୁଜୁ କରିଛି। ତେବେ ଏହି କଳିଙ୍ଗ ରେଡ଼ିମିକ୍ସ ଜନସାଧାରଣଙ୍କ ଠାରୁ ଲକ୍ଷାଧିକ ଟଙ୍କା ଶୋଷଣ କରୁଛୁ ବୋଲି ମହାସଂଘ ଦାବି କରିଛି।

**ଭୂମିହୀନଙ୍କୁ ମିଳୁନି ଜମି ପଟ୍ଟା**

**ତହସିଲ ଆଗରେ ବିକ୍ଷୋଭ**



ତେବେ ପିପିଲି ପ୍ରସାସନ ଏହି କମ୍ପାନୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହିତ ଏହି କମ୍ପାନିଟି ସମ୍ପୂର୍ଣ୍ଣ ବେଆଇନ ଭାବେ ହୋଇଥିବା ବେଳେ ସରକାରଙ୍କ ନିୟମକୁ ଉଲଘଂନ କରି ମାତ୍ର ୧୦ ମିଟର ଦୂରେ ରହିଥିବାରୁ କମ୍ପାନୀରୁ ଉଡୁଥିବା ଡ଼ଷ୍ଟ ସେହିବାଟ ଦେଇ ଯାତାୟତ କରୁଥିବା ଲୋକଙ୍କ ଆଖିରେ ପଡ଼ି ଅନେକ ଦୁର୍ଘଟଣା ଘଟୁଛି ବୋଲି ମହାସଂଘର ଜିଲ୍ଲା ସଭାପତି ବିଜୟ ସେଠୀ କହିଛନ୍ତି।ଏହି ବିକ୍ଷୋଭରେ ସଙ୍ଗଠନର ରାଜ୍ୟ ସମ୍ପାଦିକା ସୋନୀଲତା ସେଠୀ, ଶରତ ପ୍ରଧାନଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସଙ୍ଗଠନ ତରଫରୁ ପୁରୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପିପିଲି ତହସିଲଦାର ଦିଲ୍ଲୀପ କୁମାର ମାଝିଙ୍କୁ ପ୍ରଦାନ କରାଯାଇଥିଲା। ତେବେ କଳିଙ୍ଗ ରେଡ଼ିମିକ୍ସକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ସହିତ ଓ ଭୂମିହୀନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ଉପରେ ପ୍ରଶାସନ ଦୃଢ଼ କାର୍ଯର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଗୁରୁତ୍ୱର ହେବ ବୋଲି ସଭାପତି ବିଜୟ ସେଠୀ କହିଛନ୍ତି।

## ମାଇଁ ଲାଇଫ୍‌ଲାଇନ୍ ଫାଉଣ୍ଡେସନର ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୮।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକଅନୁଷ୍ଠାନ ମାଇଁ ଲାଇଫଲାଇନ ଫାଉଣ୍ଡେସନ ପଞ୍ଚମ ବାର୍ଷିକ ଉତ୍ସବ ପାଳନ କରାଯିବା ସହ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠାନର ପ୍ରତିଷ୍ଠାତା ଧିରେନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ଅନୁଷ୍ଠାନର ଉତ୍ତରତ୍ତର ଉନ୍ନତି କାମନା କରିଥିଲେ।



ସେହିପରି ସମ୍ମାନିତ ଅତିଥି ଜିଲ୍ଲାପରିଷଦ ଅଧ୍ୟକ୍ଷା ଲିଲିତା ଦାସ ଯୋଗଦେଇ ଏହି ଫାଉଣ୍ଡେସନ ମାଧ୍ୟମରେ ଅନେକ ଗରିବ ମେଧାବୀ ପିଲାମାନେ ପାଠ ପଡିବାରେ ସୁଯୋଗ ପାଉଛନ୍ତି । ଗ୍ରାମାଞ୍ଚଳରେ ଯୁବ ପିଢ଼ିଙ୍କ ବିକାଶ ନିମନ୍ତେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି । ପିଲାମାନଙ୍କୁ ସଫ୍ଟ ସ୍କିଲ ଟ୍ରେନିଂ ଦେଉଛନ୍ତି । ଅନ୍ୟତମ ଅତିଥିଭାବେ ଫାଉଣ୍ଡେସନର ଅଦକ୍ଷ ରୋହିତ କୁମାର ମାଝୀ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୧୮ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଦ୍ୱାରା ଓଡିଶା ଅସ୍ମିତା ଉପରେ ଆଧାରିତ "ମୁଁ ଗରବେ କହିବି ଓଡ଼ିଆ ଉପରେ ଏକ ନାଟକ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରାକ୍ତନ ସଂସ୍କୃତ ଶିକ୍ଷକ ବଳରାମ ଦାଶ ଯିଏକି ପ୍ରମାଣୁ ବମକୁ କିପରି ନିଷ୍କ୍ରିୟ କରାଯାଇପାରିବ ତାର କୌଶଳକୁ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେହିପରି ଲେଖକ ଓ କବି ସୁଶାନ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କର୍ଣ୍ଣଧର ମିସ୍ତ୍ରୀ, ଉଦ୍ଧବ ରାଉତ, ସବୀର ଦାସ, ଖଗେଶ୍ୱର ମଲ୍ଲିକ, କାର୍ତିକ ସେଠି, ନଳିନୀ ପାଣିଗ୍ରାହୀ, ଅକ୍ଷୟ ରାଉତ, କୃଷ୍ଣ ଚନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ପ୍ରଦୀପ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

## ବ୍ୟବସାୟୀଙ୍କ ପରଲୋକ

ଟାଙ୍ଗୀ-ଚୌଦ୍ୱାର, ୮।୧୦ (ସଂଚାର ବ୍ୟୁରୋ): ଚୌଦ୍ୱାର ପୌରପାଳିକା ୧ନଂ ୱାର୍ଡ ଅନ୍ତର୍ଗତ ପ୍ରଧାନସାହିର ସାମାଜିକକର୍ମୀ ତଥା ବିଶିଷ୍ଟ ବ୍ୟବସାୟୀ ଶିବ ନାରାୟଣ ନାୟକଙ୍କ ସୋମବାର ରାତିରେ ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ହେବ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସାଧିନ ଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ଭାଜପା ଦଳର ସେ ଜଣେ ସକ୍ରିୟ କର୍ମୀ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ଖବର ପାଇ ଚୌଦ୍ୱାର ତଥା ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଦୋଳଯାତ୍ରା ପଡ଼ିଆ ନିକଟସ୍ଥ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ଚାଟେଶ୍ୱର ଶ୍ମଶାନରେ ସତ୍କାର କରାଯାଇଥିଲା। ପୁତ୍ର କ୍ଷୀତିଶ ରଞ୍ଜନ ନାୟକ ମୁଖାଗ୍ନି ଦେଇଥିଲେ।

## ଲିଙ୍ଗିପୁର ଛକରେ ସିଏନ୍‌ଜି ଲିକ୍



ବାଲିଅନ୍ତା/ଧଉଳି, ୮।୧୦ (ସଂଚାର ବ୍ୟୁରୋ): ଲିଙ୍ଗିପୁର ଟ୍ରାଫିକ ଛକ ନିକଟରେ ଏକ ସି ଏନ୍ ଜି ଗ୍ୟାସ ଗାଡିରୁ ଗ୍ୟାସ ଲିକେଜ୍ ଅଳ୍ପକେ ବାର୍ତିଲେ ଡ୍ରାଇଭର। ଏହି ଭଳି ଏକ ଘଟଣା ଦେଖିବାକୁ ମିଳିଛି ଲିଙ୍ଗିପୁର ଟ୍ରାଫିକ ଛକ ନିକଟରେ । ଗ୍ୟାସ୍ ଲିକ୍ ହେଉଥିବା ଦେଖି କର୍ମଚାରି ବନ୍ଦ୍ କରିବାକୁ ଚେଷ୍ଟା କରିଥିଲେ ଘଟଣା ସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଥିବା ଦେଖିବାକୁ ମିଳିଛି । ଯାହା ବର୍ତ୍ତମାନ ବଡ ଖବର ଆସି ପହଞ୍ଚିଛି ଲିଙ୍ଗିପୁର୍ ଟ୍ରାଫିକ ଛକ ନିକଟରେ ସି ଏନ୍ ଜି ଗ୍ୟାସ୍ ଗାଡିରୁ ଗ୍ୟାସ୍ ଲିକ୍ ହେଇଥିବା ଦେଖିବାକୁ ମିଳିଛି ।

## କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




ଯାଜପୁର, ୮।୧୦ (ସଂଚାର ବ୍ୟୁରୋ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ଦାବୀ ନେଇ ଆଜି ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ବିଜେପି ସରକାର ୧୦୦ ଦିନ ଅତିକ୍ରମ କରିସାରିଥିଲେ ସୁଦ୍ଧା କୌଣସି ଉନ୍ନତିମୂଳକ କାର୍ଯ୍ୟ ନ କରି କେବଳ ରଙ୍ଗ ବଦଳାଇବା କାର୍ଯ୍ୟ ଚାଲୁ ରଖିଛନ୍ତି। ନିର୍ବାଚନ ସମୟରେ ଡବଲ ଇଞ୍ଜିନ ସରକାର ଦ୍ରୁତଗତିରେ ଚାଲିବା କଥା କହି ଜନସାଧାରଣଙ୍କୁ ପ୍ରତାରିତ କରିଛନ୍ତି। ପ୍ରତି ପରିବାର କୁ ୩୦୦ ୟୁନିଟ୍ ମାଗଣା ବିଜୁଳି, ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ତୁରନ୍ତ ୩୦୦୦ଟଙ୍କା ଭତ୍ତା ସହ ୮୦ବର୍ଷରୁ ଉର୍ଦ୍ଧ୍ୱଙ୍କୁ ୩୫୦୦ଟଙ୍କା ଭତ୍ତାପ୍ରଦାନ ,ସଅଳ କିସମ ଧାନ ସହ ସମସ୍ତ ପ୍ରକାର ଧାନର କ୍ରୟ ମୂଲ୍ୟ ୩୧୦୦ଟଙ୍କାରେ ତୁରନ୍ତ ମଣ୍ଡି ଦ୍ୱାରା ବିନା କଟ୍‌ନୀ ଛଟନୀରେ ଧାନ ସଂଗ୍ରହ କରିବା ସମେତ ୧୦ ଦଫା ଦାବିରେ ବିକ୍ଷୋଭ ଏବଂ ଗଣ ଧାରଣା ଦିଆଯାଇଥିଲା। ଏହି ଅବସରରେ କିଆନାଳୀ ଛକ ନିକଟ ରୁ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଜିଲ୍ଲାପାଳ ଙ୍କ କାର୍ଯ୍ୟଳୟ ସମ୍ମୁଖ ରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁମହୋତ୍ସବ ସୁରଭି

କେନ୍ଦ୍ରାପଡା, ୮।୧୦ (ସଂଚାର ବ୍ୟୁରୋ): ରତ୍ନାକର ନୋଡାଲ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁମହୋତ୍ସବ ସୁରଭି ୨୦୨୪ ନାରାୟଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଜମଧର ଠାରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁରୀଚରଣ ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବ ରେ ମୁଖ୍ୟ ଅତିଥି ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ, ସମ୍ମାନିତ ଅତିଥି ସହ ମଣ୍ଡଳ ଶିକ୍ଷାଧିକାରୀ ହିରଣ୍ମ ବାରିକ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରମୋଦ କୁମାର ବେହେରା ଯୋଗଦେଇ ଶିଶୁମହୋତ୍ସବ ଶିଶୁମାନଙ୍କ ର ସୁପ୍ତ ପ୍ରତିଭା କୁ ଜାଗ୍ରତ କରିବା ପାଇଁ ଏକ ଉପଯୁକ୍ତ କ୍ଷେତ୍ର ବୋଲି ମତବ୍ୟକ୍ତ କରିଥିଲେ।ଶିକ୍ଷୟିତ୍ରୀ ରଶ୍ମିତା ରାଯ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ଅନନ୍ତ କୁମାର ପରିଡାଙ୍କ ସଂଯୋଜନାରେ ପରିଚାଳିତ ସୁରଭି କାର୍ଯ୍ୟକ୍ରମ ରେ ବରିଷ୍ଠ, କନିଷ୍ଠ, ବରିଷ୍ଠ



(ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ),ଉପ କନିଷ୍ଠ ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ବକ୍ତୃତା, ତର୍କ, ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ, ଗଣିତ ଦୌଡ, ଗଳ୍ପ କଥନ, ଚିତ୍ରକଳା, ହସ୍ତଶିଳ୍ପ, ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀ ମାନଙ୍କୁ ଉଦଯାପନ ଉତ୍ସବ ରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ନାରାୟଣ ଚନ୍ଦ୍ର ବାରିକ, ଜମଧର ଗ୍ରାମପଞ୍ଚାୟତର ପୂର୍ବତନସରପଞ୍ଚ ଅଭିମନ୍ୟୁ ମହାନ୍ତି, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅନନ୍ତ କୁମାର ପରିଡା,ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁରୀଚରଣ ବାରିକ ଟ୍ରଫି, ପ୍ରମାଣପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ପ୍ରତ୍ଯେକ କାର୍ଯ୍ୟକ୍ରମ ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ବ୍ଲକ ସ୍ତରୀୟ ଶିଶୁମହୋତ୍ସବ ସୁରଭିରେ ଭାଗ ନେବାପାଇଁ ଯୋଗ୍ୟବିବେଚିତ ହୋଇଛନ୍ତି। ଶିକ୍ଷୟିତ୍ରୀ ରଶ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଶିକ୍ଷକ ଦୁଃଶାସନ ରାଉତ, ରାଜେନ୍ଦ୍ର ସାହୁ, ଶିବନାରାୟଣ ମହାନ୍ତି, ଲିଲି ସାହୁ, ପାର୍ବତୀ ପରିଡା,ସେକ ଫୟାଜୁଦ୍ଦିନ, ରତ୍ନପ୍ରଭା ସାମଲ, ସଂଗୀତା ଲେଙ୍କା,କଳ୍ପନା ସାହୁ, ସଂଯୁକ୍ତା ବେହେରା,ମଧୁସ୍ମିତା ରାଉତ ଆଦି ସହଯୋଗ କରିଥିଲେ।

### ଜରାଜୀର୍ଣ୍ଣ ଅବସ୍ଥାରେ ବ୍ରହ୍ମପୁର ଟାଉନ୍ ଥାନା କୋଠା

## କାନ୍ଥରୁ ପାଣି ଝରୁଛି, ତାଜା ଫାଟି ଆଁ କଲାଣି

ବ୍ରହ୍ମପୁର, ୮।୧୦ (ସଂଚାର ବ୍ୟୁରୋ): କେଉଁଠି କାନ୍ଥ ଫାଟି ଆଁ କଲାଣି ତ ଆଉ କେଉଁଠି ପାଣି ଝରୁଛି। ଲୋକଙ୍କ ସୁରକ୍ଷା ପାଇଁ ବ୍ରହ୍ମପୁର ସହରରେ ଥିବା ପ୍ରମୁଖ ଟାଉନ୍ ଥାନା କୋଠାର ଅବସ୍ଥା ଏବେ ଶୋଚନୀୟ ଅବସ୍ଥାରେ ରହିଛି। ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବ୍ରହ୍ମପୁର ଟାଉନ୍ ଥାନାର କୋଠା କାନ୍ଥରୁ ପାଣି ଝରୁଛି, ତାଜା ଗୁଡିକ ଫାଟି ଆଁ କରିଥିବା ଜଣାପଡ଼ିଛି। ୨୦୦୬ ମସିହାରେ ପୁଲିସ୍ ହାଉସିଂ କର୍ପୋରେସନ ଦ୍ୱାରା ନିର୍ମାଣ ହୋଇଥିବା ଏହି କୋଠାଟି ମାତ୍ର ୧୮ ବର୍ଷରେ ଧରାଶାୟୀ ହେବାକୁ ବସିଛି। ଯାହା ସାଧାରଣରେ ଏକ ବଡ ପ୍ରଶ୍ନ ଛିଡ଼ା କରିଛି। କହିବାକୁ ଗଲେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କୋଠାରୁ ପାଣି ଝରିବା ଓ ନଷ୍ଟ ହେବାକୁ ବସିଥିବା କଥାକୁ କେହି ଗ୍ରହଣ କରି ପାରୁ ନାହାନ୍ତି। ବର୍ତ୍ତମାନ ଜରାଜୀର୍ଣ୍ଣ କୋଠାରେ ଅସୁରକ୍ଷିତ ରହି ଲୋକଙ୍କୁ ସୁରକ୍ଷା ଯୋଗାଉଛନ୍ତି ପୁଲିସ ଅଧିକାରୀ ଓ କର୍ମଚାରୀ। ରେଶମ ନଗରୀରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଏହି ଥାନା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ମାମଲାରେ ଗିରଫ ଅଭିଯୁକ୍ତଙ୍କୁ ଆଣିଲେ ରଖିବା ପାଇଁ ହାଜତ ଥିଲେ ବି ଏହାର ଅବସ୍ଥା ସମ୍ପୂର୍ଣ୍ଣ ଖରାପ ଥିବା କୁହାଯାଉଛି। ଏଭଳି ପରିସ୍ଥିତିରେ ଏକ ନୂତନ କୋଠା ନିର୍ମାଣ କିମ୍ବା ଥାନାକୁ ସ୍ଥାନାନ୍ତର କରାନଯିବା ଅଘଟଣକୁ ଆମନ୍ତ୍ରିତ କରିବା ସହ ସମାନ ବୋଲି କୁହାଯାଇପାରେ।

ମିଳିଥିବା ସୂଚନା ଅନୁଯାୟୀ ନୂତନ କୋଠା ପାଇଁ ବ୍ୟୟ ଅଟକଳ ହୋଇ ବିଭାଗରୁ ପଠାଯାଇଛି। ସବୁଜ ସଙ୍କେତ ଆସିବା ମାତ୍ରେ ନୂତନ ମଡେଲ୍‌ରେ କୋଠା ନିର୍ମାଣ ହେବ। ଲୋକଙ୍କ ସୁରକ୍ଷା ଓ ସମାଜରେ ଶାନ୍ତି ପ୍ରତିଷ୍ଠା ଦିଗରେ ପୁଲିସର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ସମାନ ଭାବରେ ଏହାର ସୁପରିଚାଳନା ପାଇଁ ଉତ୍ତମ ଭିତ୍ତିଭୂମି ମଧ୍ୟ ଆବଶ୍ୟକତା ରହିଛି। ବ୍ରହ୍ମପୁର ସହରରେ ଶାନ୍ତି ଶୃଙ୍ଖଳା ପରିଚାଳନା ପାଇଁ ୫ଟି ଥାନା ରହିଛି। ସେହିପରି ସହର ଉପକଣ୍ଠ ଅଞ୍ଚଳ ପରିଚାଳନ ପାଇଁ ଅନ୍ୟ ୩ଟି ଥାନା ରହିଛି। ସହରରେ ଥିବା ଗୋଷାଇଁନୂଆଗାଁ, ବୈଦ୍ୟନାଥପୁର, ବଡ଼ବଜାର, ମହିଳା ଥାନାର ନୂତନ କୋଠା ନିର୍ମାଣ ହୋଇଛି। ସେହିପରି ଗୋପାଳପୁର,ସଦର ଥାନାର ନୂତନ କୋଠା ନିର୍ମାଣ ହୋଇଛି। ନିମଖଣ୍ଡିକୁ ନୂତନ ଥାନା ଭାବେ ଘୋଷଣା କରାଯାଇଥିବା ବେଳେ ଏହାର ସ୍ଥାୟୀ କୋଠା ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଛି। ଅନ୍ୟପଟେ ସହରର ପ୍ରମୁଖ ଓ ପୁରାତନ ଟାଉନ୍ ଥାନା ଦୃଷ୍ଟି ଆଢୁଆଳରେ ପଡି ରହିଛି। ସହରରେ ଆଇନ୍ ଶୃଙ୍ଖଳା ବଜାୟ ରଖିବା ସହ ପ୍ରମୁଖ କାର୍ଯ୍ୟାଳୟ ଓ ବଜାର ଗୁଡିକ ଏହି ଥାନା ଅଧୀନରେ ରହିଛି। ନିୟମିତ ଏହି ଅଞ୍ଚଳରେ ବିଭିନ୍ନ ଧାରଣା, ବିକ୍ଷୋଭ ସମେତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହାର ସୁପରିଚାଳନା ପାଇଁ ଉତ୍ତମ ଭିତ୍ତିଭୂମିର ଆବଶ୍ୟକତା ରହିଛି । କିନ୍ତୁ ସମ୍ପ୍ରତି ଥାନାଟି ଦୟନୀୟ ଅବସ୍ଥାରେ ରହିଛି।



ବହୁ ପୁରାତନ ଏହି ଥାନାଟି ୨୦୦୬ ଅଗଷ୍ଟ ୧୫ ତାରିଖରେ ନୂତନ କୋଠାକୁ ସ୍ଥାନନ୍ତରିତ ହୋଇଥିଲା। ବର୍ତ୍ତମାନ ସେହି କୋଠାର ଅବସ୍ଥା ଶୋଚନୀୟ ହୋଇ ରହିଛି। ସୂଚନା ପ୍ରକାରେ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଥାନାରେ ଆବଶ୍ୟକୀୟ ପ୍ରକୋଷ୍ଠ ନାହିଁ । ଥାନା ଅଧିକାରୀଙ୍କ ପ୍ରକୋଷ୍ଠଟି ଭଲ ରହିଛି। ଅନ୍ୟପଟେ ଡିସିଓ, ରାଇଟର ପ୍ରକୋଷ୍ଠ ସମେତ ହାଜତ ଅବସ୍ଥା କହିଲେ ନସରେ। ବର୍ଷା ହେଲେ କାନ୍ଥରୁ ପାଣି ଝରୁଛି। ବର୍ଷ ତମାମ ଥାନା କାନ୍ଥରେ ଶିଉଳି ପଡି ରହୁଛି। ସାଜା ଗୁଡିକ କେତେ ବେଳେ ଯେ କାହା ଉପରେ ଭାଙ୍ଗି ପଡିବ ତାହାର କିଛି ଭରସା ନାହିଁ। ଥାନା ଭିତରେ ପୁଲିସ ବାବୁଙ୍କ ସମେତ ଅଭିଯୁକ୍ତ ସଭିଏଁ ଭୟରେ ରହୁଥିବା ଜଣାପଡିଛି। ଶୁଣିବାକୁ ମିଳିଥିବା ଖବର ପ୍ରକାରେ ଟାଉନ୍ ଥାନ ନବୀକରଣ ପାଇଁ ଅପ୍ରିଲ ମାସରେ ବିଭାଗକୁ ଚିଠି କରାଯାଇଛି। ନୂତନ କୋଠା ପାଇଁ ୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହା ସହ ନିମଖଣ୍ଡି ଥାନାର କୋଠା ନିର୍ମାଣ ସମେତ ବିଭିନ୍ନ ଥାନା ଓ ପୁଲିସ୍ କ୍ୱାର୍ଟର୍ସ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ମୋଟ ୫ କୋଟି ଟଙ୍କାର ବ୍ୟୟ ଅଟକଳ ବିଭାଗକୁ ପ୍ରଦାନ କରାଯାଇଛି । ସରକାର ଓ ରାଜ୍ୟ ମୁଖ୍ୟାଳୟରୁ ଅନୁମୋଦନ ସହ ଅର୍ଥ ପ୍ରଦାନ କରାଗଲେ କାମ ଆରମ୍ଭ ହେବ । ସବୁଠୁ ବଡ କଥା ୨୦୦୬ ମସିହାରେ ପୁଲିସ୍ ହାଉସିଂ କର୍ପୋରେସନ ଦ୍ୱାରା ନିର୍ମାଣ ଏହି ଟାଉନ୍ ଥାନା କୋଠା ୧୮ ବର୍ଷରେ ଧରାଶାୟୀ ହୋଇଥିବା କଥା ସାଧାରଣରେ ଗ୍ରହଣୀୟ ହେଉନାହିଁ।

## ଜୀବନ ଅମୃତ ଅନୁଚିନ୍ତା

ଗୁରୁ-ଗୁରୁଙ୍କ ନାମ କୀର୍ତ୍ତନ କଲେ ସମସ୍ତ ପାପ ଦୂରୀଭୂତ ହୁଏ, ଗୁରୁଙ୍କ ମୁଖ୍ୟ ସ୍ମରଣ କଲେ ସମସ୍ତ ଦୁଃଖକଷ୍ଟ ଦୂର ହୋଇଯାଏ, ଗୁରୁଙ୍କ ପାଦ ସ୍ପର୍ଶ କଲେ ଆଈର୍ବାଦର ସୁଅ ଛୁଟେ ଏବଂ ଗୁରୁଙ୍କ ଶ୍ରୀପଦରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରି ଦେଲେ ଜୀବନର ପରମ ଲକ୍ଷ୍ୟରେ ପହଞ୍ଚି ଯାଇହୁଏ।

SANCHAR
ସଂଚାର



# ମୁଇଜୁ ମୁଣ୍ଡ ନୁଆଁଇଲେ

ଶେଷରେ ମାଳଦ୍ୱୀପ ଭାରତ ଆଗରେ ମୁଣ୍ଡ ନୁଆଁଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗରେ ମଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁ ହାତ ଯୋଡ଼ିବାକୁ ବାଧ୍ୟ ହେଲେ। ଏହା ହେଉଛି ନରେନ୍ଦ୍ର ମୋଦିଙ୍କ ବିଳ ବ୍ୟକ୍ତିତ୍ୱର ପ୍ରଭାବ। ଏହା ହେଉଛି ଭାରତ ସରକାରଙ୍କ ସଫଳ ବୈଦେଶିକ ନୀତିର ପରିଣାମ। ମାଳଦ୍ୱୀପ ଏକ ଛୋଟିଆ ଦେଶ ଏବଂ ଭାରତର ଏକ ପଡ଼ୋଶୀ କହିଲେ ଭୁଲ ହେବ ନାହିଁ। ଏହା ସାର୍କ ସଦସ୍ୟଭୁକ୍ତ ରାଷ୍ଟ୍ର। ମାଳଦ୍ୱୀପ ସହ ଭାରତର ତୁଳନା ହାସ୍ୟାସ୍ପଦ ଏବଂ କୌଣସି ଦୃଷ୍ଟିରୁ ମାଳଦ୍ୱୀପ ଭାରତ ସହ ସମକକ୍ଷ ବା ନିକଟତର ନୁହେଁ। ସେଥିପାଇଁ ଭାରତ ସବୁ ବେଳେ ମାଳଦ୍ୱୀପକୁ ସହଯୋଗ, ସମର୍ଥନ ଏବଂ ବିପଦ ବେଳେ ସହାୟତରେ ହାତ ବଢ଼ାଇଛି। ମାଳଦ୍ୱୀପ ଅର୍ଥନୀତିର ଭିତ୍ତିଭୂମି ହେଲା ପର୍ଯ୍ୟଟନ ଶିଳ୍ପ। ଦେଶର ମୋଟ ରାଜସ୍ୱର ୭୦ ପ୍ରତିଶତ ପର୍ଯ୍ୟଟନ ଶିଳ୍ପରୁ ଆସିଥାଏ। ଏଥିରେ ଭାରତର ଭୂମିକା ସବୁଠାରୁ ଅଧିକ। ଭାରତ ଏକ ବିଶାଳ ଜନବହୁଳ ଦେଶ। ପ୍ରତିବର୍ଷ ବହୁ ଭାରତୀୟ ମାଳଦ୍ୱୀପକୁ ପର୍ଯ୍ୟଟକ ଭାବେ ଯାଇଥାଆନ୍ତି। ସେମାନଙ୍କ ଅର୍ଥରେ ହିଁ ମାଳଦ୍ୱୀପର ପର୍ଯ୍ୟଟନ ଶିଳ୍ପ ସମୃଦ୍ଧ। କେବଳ ସେତିକି ନୁହେଁ, ମାଳଦ୍ୱୀପର ଅନେକ ଛୋଟ ଶିଳ୍ପ ଏବଂ ବ୍ୟବସାୟକୁ ଭାରତୀୟ ମାନେ ପରିଚାଳନା କରୁଛନ୍ତି। ଦେଶରେ ପର୍ଯ୍ୟଟନ ଶିଳ୍ପର ବିକାଶ କେବଳ ଭାରତ ଯୋଗୁଁ ସମ୍ଭବ ହୋଇଛି। ସେଠାରେ ଭିତ୍ତିଭୂମିର ବିକାଶ ମଧ୍ୟ ଭାରତର ଆର୍ôଥକ ସହାୟତାରେ ହୋଇଛି। ଆଉ ମାଳଦ୍ୱୀପକୁ ଅଧିକାଂଶ ଅତ୍ୟାବଶ୍ୟକ ସାମଗ୍ରୀ ଭାରତରୁ ହିଁ ଯାଇଥାଏ। ଆଳୁ, ପିଆଜ, ତେଲଠାରୁ ଆରମ୍ଭ କରି ଗହମ, ଚାଉଳ ଏବଂ ଫଳ ଭାରତରୁ ଯାଇଥାଏ। ନେପାଳ ଓ ଭୁଟାନ ଭଳି ମାଳଦ୍ୱୀପ ନିଜ ସ୍ଥିତି ରକ୍ଷା ନିମନ୍ତେ ଭାରତ ଉପରେ ସର୍ବଦା ନିର୍ଭରଶୀଳ। କିନ୍ତୁ ଭାରତ କେବେ ନିଜର ବଡ଼ ଭାଇ ପଣିଆ ଦେଖାଏ ନାହିଁ କିମ୍ବା ସେଠାରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଆଗ୍ରହ କରିନାହିଁ। କାହାର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ଖେଳାଇବା ବା ହସ୍ତକ୍ଷେପ କରିବାର ଅଭିପ୍ରାୟ କେବେ ଭାରତର ନଥିଲା କିମ୍ବା ନାହିଁ। ଏହା ହେଉଛି ଭାରତର ସ୍ଥାୟୀ ନୀତି। ଚୀନ ଭଳି ଭାରତ ବିସ୍ତାରବାଦୀ ନୁହେଁ। ଯଦି ଏହା ହୋଇଥାଆନ୍ତା ତେବେ ଭାରତ ଅନେକ କିଛି କରିପାରିଥାଆନ୍ତା। ଅତୀତରେ ମାଳଦ୍ୱୀପରେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାର ପ୍ରତି ବିପଦ ସୃଷ୍ଟି ହୋଇଛି। ସେତେବେଳେ ଭାରତ ସେଠାକୁ ସେନା ପଠାଇ ସୁରକ୍ଷା ପ୍ରଦାନ କରିଛି। ଗଣତନ୍ତ୍ରକୁ ରକ୍ଷା କରିଛି। ଏଥିରେ ଭାରତ ଉପରେ ବିପୁଳ ଆର୍ôଥକ ବୋଝ ପଡ଼ିଛି ଯାହାକୁ ଭାରତ ସରକାର ଚାହିଁଥିଲେ ସହଜରେ ଏଡ଼ାଇଯାଇପାରିଥାନ୍ତେ। କିନ୍ତୁ ଏକ ସଚ୍ଚା ପଡ଼ୋଶୀ ଏବଂ ବନ୍ଧୁ ରାଷ୍ଟ୍ର ଭାବେ ଭାରତ ସବୁ ବେଳେ ତାର କର୍ତ୍ତବ୍ୟ ଏବଂ ଦାୟିତ୍ୱ ପାଳନ କରି ଆସିଛି। ପ୍ରତିଦାନରେ କିଛି ଆଶା କରିନି। ଅନେକ ସମୟରେ ଏଭଳି ଅନେକ ଦେଶ ଭାରତ ପ୍ରତି ଭୁଲ ଧାରଣା ପୋଷଣ କରିଛନ୍ତି। ପରେ ଏହା ଦୂର ହୋଇଯାଇଛି। ଭାରତ ସେମାନଙ୍କୁ କ୍ଷମା କରି ଦେଇଛି। ଶ୍ରୀଲଙ୍କାର ଭାରତ ବିରୋଧୀ ଆଭିମୁଖ୍ୟ ସତ୍ତ୍ୱେ ଭାରତ ସରକାର ଏହାକୁ ଏକ ଆଦର୍ଶ ପଡ଼ୋଶୀ ରାଷ୍ଟ୍ରଭାବେ ସହାୟତା ପ୍ରଦାନ କରିଛି। ବାଂଲାଦେଶ, ନେପାଳରେ ଅନେକ ସମୟରେ ଭାରତ ବିରୋଧୀ ସ୍ୱର ଉଠିଥାଏ। କିନ୍ତୁ ଭାରତ କେବେ ଏହାକୁ ଗୁରୁତ୍ୱ ଦିଏ ନାହିଁ। ଗତ ବର୍ଷ ମାଳଦ୍ୱୀପରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲେ। ଏଥିରେ ମହମ୍ମଦ ମୁଇଜୁଙ୍କ ନେତୃତ୍ୱାଧିନ ଦଳ ବିଜୟୀ ହେଲା ଏବଂ ମୁଇଜୁ ହେଲେ ଦେଶର ଶାସନ ମୁଖ୍ୟ ବା ରାଷ୍ଟ୍ରପତି। ମୁଇଜୁ ଜଣେ ଉଗ୍ର ଭାରତ ବିରୋଧୀ ଭାବେ ଜଣାଶୁଣା। ନିର୍ବାଚନରେ ସେ ଭାରତ ବିରୋଧୀ ନାରା ଦେଇ ବିଜୟୀ ହୋଇଥିଲେ। କ୍ଷମତାକୁ ଆସିବା ପରେ ତାଙ୍କର ପ୍ରଥମ ନିର୍ଦ୍ଦେଶ ଥିଲା ମାଳଦ୍ୱୀପରୁ ଭାରତ ସେନା ପ୍ରତ୍ୟାହାର କରୁ। ଭାରତ ଏହାର ପ୍ରତିବାଦ କଲାନି। ବିନା ବାକ୍ୟ ବ୍ୟୟରେ ଭାରତୀୟ ସେନା ହଟିଆସିଲେ। ରାଷ୍ଟ୍ରପତି ହେବା ପରେ ମୁଇଜୁ ପ୍ରଥମେ ବେଜିଂ ଗସ୍ତରେ ଯାଇ ଚୀନର ଭକ୍ତ ଭାବେ ନିଜକୁ ପ୍ରମାଣିତ କରିବାକୁ ଉଦ୍ୟମ କଲେ। ଚୀନ ଆମର ପ୍ରଥମ ବନ୍ଧୁ ବୋଲି ସେ ଘୋଷଣା କଲେ। ସାଧାରଣତଃ ମାଳଦୀପର ଯିଏ ଶାସନ ମୁଖ୍ୟ ହୁଅନ୍ତି ସେମାନେ ପ୍ରଥମେ ଭାରତ ଗସ୍ତରେ ଆସନ୍ତି। କାରଣ ଭାରତ ହେଉଛି ମାଳଦ୍ୱୀପର ପ୍ରଥମ ପଡ଼ୋଶୀ। ଭାରତ ଉପରେ ମାଳଦ୍ୱୀପର ଅର୍ଥନୀତି ନିର୍ଭରଶୀଳ। କିନ୍ତୁ ମୁଇଜୁ ଆଶା କରିଥିଲେ ଚୀନ ତାଙ୍କୁ ସମର୍ଥନ ପ୍ରତିବଦଳରେ ସହାୟତା ଅଜାଡ଼ିଦେବ। କିନ୍ତୁ ତାଙ୍କର ଏହି ସ୍ୱପ୍ନ ଅଳ୍ପ ଦିନରେ ତୁଟିଗଲା। ଅତୀତରେ ଶ୍ରୀଲଙ୍କା, ବାଂଲାଦେଶ ଏବଂ ନେପାଳ ମଧ୍ୟ ଏଭଳି ପରିସ୍ଥିତି ଅନୁଭବ କରିଛନ୍ତି। ମୁଇଜୁ ଭାବିଥିଲେ ଭାରତକୁ ବିରୋଧ କରି, ଭାରତକୁ ନିନ୍ଦା କରି ସେ ଚୀନର ପ୍ରିୟପାତ୍ର ହୋଇଯିବେ। କିନ୍ତୁ ଖୁବ କମ ସମୟ ମଧ୍ୟରେ ବାସ୍ତବତାକୁ ସେ ଅନୁଭବ କରିପାରିଲେ। କିଛି ମାସ ତଳେ ମାଳଦ୍ୱୀପର ଜଣେ ମନ୍ତ୍ରୀ ଭାରତକୁ, ଭାରତର ପ୍ରଧାନମନ୍ତ୍ରୀଙ୍କୁ ବିନା କାରଣରେ କଟାକ୍ଷ, ବିଦ୍ରୁପ କରିଥିଲେ। ବେଳାଭୂମି ପର୍ଯ୍ୟଟନରେ ଭାରତର ଲାକ୍ଷାସ୍ୱୀପ କେବେ ମାଳଦ୍ୱୀପ ସହ ସମକକ୍ଷ ହୋଇପାରିବ ନାହିଁ ବୋଲି ସେ କହିଥିଲେ। ଏହାକୁ କହନ୍ତି କଣ୍ଟାବାଡ଼ରେ କଳି କରିବା। ଏହା ବିରୋଧରେ ଭାରତରେ ପ୍ରତିକ୍ରିୟାର ଝଡ଼ ସୃଷ୍ଟି ହେଲା। ଅନେକ ମାଳଦ୍ୱୀପକୁ ଭାରତୀୟମାନେ ବୟକଟ କରିବା ଉଚିତ ବୋଲି କହିଲେ। ଫଳସ୍ୱରୂପ ମାଳଦ୍ୱୀପରେ ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା କମିଗଲା। ଏହା ସତ୍ତ୍ୱେ ଭାରତ ସରକାର ମାଳଦ୍ୱୀପକୁ ଅନ୍ୟ ସବୁ ପ୍ରକାର ସହାୟତା ଜାରି ରଖିଲେ। ପିଆଜ ରପ୍ତାନୀ ଉପରେ କଟକଣା ସତ୍ତ୍ୱେ ଭାରତ ମାଳୀପକୁ କୂଟନୈତିକ ଚାନେଲରେ ପିଆଜ ପଠାଇଲା। ଚାଉଳ ବି ଦେଉଛି। ଅନ୍ୟ ପକ୍ଷରେ ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରୁ ମାଳଦ୍ୱୀପର ପର୍ଯ୍ୟଟନ ଶିଳ୍ପ ବିପର୍ଯ୍ୟସ୍ତ ହୋଇପଡ଼ିଲା। ଦେଶରେ ଫୋରେକ୍ସ ରିଜର୍ଭ ବା ବୈଦେଶିକ ମୁଦ୍ରା ଭଣ୍ଡାର ଖାଲି ହୋଇଗଲା। ପରିସ୍ଥିତି ଅଣାୟତ ହେବା ଦେଖି ଶେଷରେ ମୁଇଜୁ ତାଙ୍କ ନୀତିରେ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଛନ୍ତି। ବିପଦରେ ପଡ଼ିବା ପରେ ମୁଇଜୁ ସହାୟତା ଲାଗି ଭାରତକୁ ଧାଇଁ ଆସିଛନ୍ତି। ସେ ପୁଣି ଆସିଛନ୍ତି ଭାରତୀୟ ବିମାନରେ। ତାଙ୍କ ନିଜ ବିମାନରେ ଆସିବାକୁ ତାଙ୍କର ଶକ୍ତି ବା ସାମର୍ଥ୍ୟ ନାହିଁ। ତିକ୍ତତା ସତ୍ତ୍ୱେ ଭାରତ ବିଶାଳ ହୃଦୟରେ ତାଙ୍କୁ ସ୍ୱାଗତ କରିଛି। ଭାରତ ମୁଇଜୁଙ୍କୁ ଅପମାନିତ ବା ଅସମ୍ମାନୀତ କରିନି। ଏହା ଭାରତର ବଡ଼ ପଣ। ମାଳଦ୍ୱୀପକୁ ସବୁ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ବାଂଲାଦେଶର ଅନ୍ତରୀଣ ସରକାର ଏବଂ ଏହାର ମୁଖ୍ୟ ମହମ୍ମଦ ୟୁନୁସ୍ ଏଥିରୁ ଶିକ୍ଷା ଲାଭ କରିବା ଉଚିତ। ଭାରତ ସବୁ ବେଳେ ସମସ୍ତଙ୍କର ବିପଦ ବେଳର ବନ୍ଧୁ ହୋଇ ଆସିଛି। ଯିଏ ଭାରତ ସହ ଉତ୍ତମ ସମ୍ପର୍କ ରକ୍ଷା କରିଛି ସେ ଲାଭରେ ରହିଛି, ଏଥିପାଇଁ ପଶ୍ଚାତାପ କରିବାକୁ ଭାରତ କେବେ ସୁଯୋଗ ଦେଇନି। ଏବେ ମହମ୍ମଦ ମୁଇଜୁ ଆତ୍ମସମୀକ୍ଷା କରିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ଏକକାଳୀନ ଦୁଇ ଆସନରେ ଲଢ଼ିବା ବନ୍ଦ ହେଉ

*ମହାଶୟ,*

ଅନେକ ସମୟରେ ବିଭିନ୍ନ ଦଳର ବରିଷ୍ଠ ନେତାମାନେ ଲୋକସଭା ବା ବିଧାନସଭା ନିର୍ବାଚନରେ ଦୁଇଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଦେଖାଯାଉଛି। ଉଭୟ ଆସନରୁ ଜିତିଲେ ଗୋଟିଏ ଆସନ ଛାଡ଼ିବାକୁ ବାଧ୍ୟ। ସେଠାରେ ପୁଣି ଉପନିର୍ବାଚନ କରିବାକୁ ପଡ଼େ। ଏଥିରେ ବିପୁଳ ଅର୍ଥ ବ୍ୟୟ ହୋଇଥାଏ। ତାହା ସାଧାରଣ ଜନତାଙ୍କ ଟିକସ ଅର୍ଥରୁ ବ୍ୟୟ ହୋଇଥାଏ। ସବୁ ଦଳର ନେତା ଏପରି କରିବା ଦେଖାଯାଏ। ଅତୀତରେ ଇନ୍ଦିରା ଗାନ୍ଧି, ନରେନ୍ଦ୍ର ମୋଦିଙ୍କ ଭଳି ନେତା ଦୁଇ ନୁଇଟି ଲୋକସଭା ଆସନରେ ପ୍ରାର୍ଥୀ ହୋଇଛନ୍ତି। ଗୋଟିଏ ଆସନରୁ ଇସ୍ତଫା ଦେଇଛନ୍ତି। ସେଠାରେ ପୁଣି ଉପନିର୍ବାଚନ ହୋଇଛି। ଏଥର ରାହୁଲ ଗାନ୍ଧି ଦୁଇଟି ଆସନରୁ ଲଢ଼ି ଜିତିଲେ। କେରଳର ୱାଇନାଡ଼ ଆସନରୁ ଇସ୍ତଫା ଦେଲେ। ଏବେ ୱାଇନାଡ଼ ଲୋକସଭାରେ ପ୍ରତିନିଧି ଶୂନ୍ୟ। ଶୀଘ୍ର ଏଠାରେ ଉପନିର୍ବାଚନ ହେବ। ସେଥିପାଇଁ ରାହୁଲ ଗାନ୍ଧି ଟଙ୍କାଟିଏ ଖର୍ଚ୍ଚ କରିବେନି। ରାଜକୋଷରୁ ଏହା ଖର୍ଚ୍ଚ ହେବ। ନବୀନ ପଟ୍ଟନାୟକ ମଧ୍ୟ ଗତ ଥର ଦୁଇଟି ଆସନରୁ ଜିତିବା ପରେ ଗୋଟିଏ ଆସନ ବିଜେପୁରରୁ ଇସ୍ତଫା ଦେଇଥିଲେ। ସେଠାରେ ପୁଣି ଉପନିର୍ବାଚନ ହୋଇଥିଲା। ଏଥର ମଧ୍ୟ ସେ ଦୁଇଟି ଆସନରୁ ଲଢ଼ିଥିଲେ। ଗୋଟିଏ ଆସନରୁ ପରାଜିତ ହେଲେ। ନଚେତ ସେଠାରେ ଏବେ ଉପନିର୍ବାଚନ ହୋଇଥାଆନ୍ତା। ଜାମ୍ମୁ-କାଶ୍ମୀରରେ ନ୍ୟାସନାଲ କନଫରେନ୍ସ ନେତା ଓମାର ଅବଦୁଲ୍ଲା ଦୁଇଟି ଆସନରୁ ଲଢ଼ି ଜିତିଛନ୍ତି। ସେଠାରେ ଗୋଟିଏ ଆସନ ଲାଗି ଶୀଘ୍ର ଉପନିର୍ବାଚନ ହେବାକୁ ଯାଉଛି। ଏହାକୁ ବନ୍ଦ କରାଯିବା ଉଚିତ। ଦେଶର ରାଜକୋଷରୁ ଏଭଳି ଅପବ୍ୟୟ ସ୍ୱାଗତଯୋଗ୍ୟ ନୁହେଁ।

ବିଷ୍ଣୁପ୍ରସାଦ ଦାସ, ସହିଦନଗର

# ଶିକ୍ଷାନୁଷ୍ଠାନରେ ନିର୍ଯାତନା

**ମନସ୍ୱିନୀ ମଙ୍ଗରାଜ**

ଶିକ୍ଷାନୁଷ୍ଠାନ ହେଲା ଶିକ୍ଷା ଏବଂ ସଂସ୍କାର ପାଇବାର ସ୍ଥାନ। ଏଠାରେ ଅଶିକ୍ଷା, କୁସଂସ୍କାର ଏବଂ ନିର୍ଯାତନା ଚିନ୍ତା ପରିସର ବାହାରେ। ଏହା ଦ୍ୱାରା ଶିକ୍ଷାନୁଷ୍ଠାନର ପବିତ୍ରତା ନଷ୍ଟ ହୋଇଥାଏ। ଶିକ୍ଷାନୁଷ୍ଠାନ ହୋଇଛି ମଣିଷ ତିଆରି କରିବାକୁ, ଅମଣିଷ ସୃଷ୍ଟି କରି ସମାଜକୁ କଳୁଷିତ କରିବା ଏହାର ଉଦ୍ଦେଶ୍ୟ ନୁହେଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ କିଛି ବର୍ଷ ହେବ ଶିକ୍ଷାନୁଷ୍ଠାନରେ ଭୟ ଏବଂ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଛାତ୍ରଙ୍କ ଉପରେ ରାଗିଂ ନାମରେ ଅତ୍ୟାଚାର ବଢ଼ି ଚାଲିଛି। କେବଳ ଓଡ଼ିଶା ନୁହେଁ, ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜୁନିୟର ପିଲାଙ୍କୁ ସିନିୟର ଛାତ୍ରଛାତ୍ରୀ ରାଗିଂ କରିବା ଏକ ନିୟମିତ ଘଟଣା। ଅନେକ ପିଲାଙ୍କ ଜୀବନ ଏଥିରେ ଯାଇଛି। ବିଶେଷକରି ଇଞ୍ଜିନିୟରିଂ, ମେଡିକାଲ ଓ ମ୍ୟାନେଜମେଣ୍ଟ କଲେଜ ଗୁଡ଼ିକରେ ଏଭଳି ରାଗିଂ ହୋଇଥାଏ। ଘର ଛାଡ଼ି ହଷ୍ଟେଲରେ ରହିଥିବା ପିଲାଙ୍କୁ ଏଥିପାଇଁ ଅକଥନୀୟ ଶାରିରୀକ ଓ ମାନସିକ ନିର୍ଯାତନାର ଶୀକାର ହେବାକୁ ପଡ଼ିଥାଏ। ବେଳେ ବେଳେ ନିର୍ଯାତନା ଏତେ ଅମାନୁଷିକ ଓ ଅପମାନ ଜନକ ହୋଇଥାଏ ଯେ କେତେକ ଛାତ୍ର ଏଥିପାଇଁ ଜୀବନ ହାରିବାର ନଜିର ରହିଛି। ଏଥିପାଇଁ ଅନେକ ଛାତ୍ର ମାନସିକ ଚାପର ସମ୍ମୁଖୀନ ହୋଇ ପାଠପଢ଼ାରେ ଧ୍ୟାନ ଦେଇପାରନ୍ତି ନାହିଁ। ଏହା କଲେଜରେ ଶୈକ୍ଷିକ ବାତାବରଣକୁ ନଷ୍ଟ କରିଥାଏ। ପିଲାମାନଙ୍କ ଅଭିଭାବକମାନେ ଏହା ଦ୍ୱାରା ଚିନ୍ତାଗ୍ରସ୍ତ ହୁଅନ୍ତି। ହଷ୍ଟେଲକୁ ଛାଡ଼ିବା ବେଳେ ପିତାମାତା ଚିନ୍ତାରେ ସମୟ କାଟନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେବା ପରେ କିଛି ବର୍ଷ ତଳେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ରାଗିଂ ରୋକିବାକୁ ଆଇନ କଡ଼ାକଡ଼ି କରିଛନ୍ତି। ସବୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ତାଗିଦ କରାଯାଇଛି। କଲେଜ ଏବଂ ହଷ୍ଟେଲ ପରିସରକୁ ରାଗିଂ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ରାଗିଂ ଅଭିଯୋଗ ଆସିଲେ କଲେଜ ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅଭିଯୋଗ ପ୍ରମାଣିତ ହେଲେ ରାଗିଂ କରିଥିବା ଛାତ୍ରଛାତ୍ରୀଙ୍କୁ ବହିଷ୍କାର କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି। ଏହା ପରେ ରାଗିଂ ହ୍ରାସ ପାଇଛି ସତ, ମାତ୍ର ସମସ୍ୟା ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ଏବେ ବି ଅନେକ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ରାଗିଂ ହେଉଥିବା ଅଭିଯୋଗ ଆସୁଛି। ଦୁଇ ବର୍ଷ ତଳେ ବଲାଙ୍ଗୀରରେ ଜଣେ ମେଡିକାଲ ଛାତ୍ର ଛାତରୁ ପଡ଼ି ପ୍ରାଣ ହରାଇଥିବା ଅଭିଯୋଗ ଆସିଥିଲା। ସମ୍ପୃକ୍ତ ଛାତ୍ରଜଣକ ବାହାର ରାଜ୍ୟରୁ ଆସି ଏଠାରେ ପାଠ ପଢୁଥିଲେ। ତାଙ୍କ ପିତାମାତା ଅଭିଯୋଗ କରିଥିଲେ ଯେ, ସେମାନଙ୍କ



ପୁଅ ରାଗିଂର ଶୀକାର ହୋଇ ପ୍ରାଣ ହରାଇଛନ୍ତି ବା ତାଙ୍କୁ ହତ୍ୟା କରାଯାଇଛି। ଏହାର ତଦନ୍ତ ନିର୍ଦ୍ଦେଶ ହେଲା। କିନ୍ତୁ ସତ କ'ଣ ତାହା ଜଣାପଡ଼ିଲାନି। ତେବେ ଛାତ୍ରଜଣକ କୌଣସି କାରଣରୁ ମାନସିକ ଚାପରେ ଥିଲେ ତାହା ଜଣାପଡ଼ିଥିଲା। ସେ କେଉଁ ପରିସ୍ଥିତିରେ ଛାତରୁ ପଡ଼ିଲେ, ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି ତାହା ଜଣାପଡ଼ିଲାନି। ଏବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏଭଳି ରାଗିଂ ଅଭିଯୋଗ ଆସିଛି। ଏଥିପାଇଁ ୪ଜଣ ଛାତ୍ରଙ୍କୁ ହଷ୍ଟେଲରୁ ବିଦା କରାଯାଇଛି। ଏହା ସ୍ୱାଗତଯୋଗ୍ୟ। ଶିକ୍ଷାନୁଷ୍ଠାନରେ ବିଶଷ କରି ହଷ୍ଟେଲରେ ରାଗିଂ ଅଭିଯୋଗ ଆସିଲେ ଅଭିଯୁକ୍ତଙ୍କୁ ପିତାମାତା ବା ଅଭିଭାବକଙ୍କୁ ଭୋଟା ଅଙ୍କର ଜୋରିମାନା କରାଯିବା ଉଚିତ। ଏହା ଦ୍ୱାରା ଅଭିଭାବକମାନେ ପିଲାମାନଙ୍କୁ ରାଗିଂ ନକରିବାକୁ ସତର୍କ କରାଇବେ ଏବଂ ପିଲାଙ୍କର ମଧ୍ୟ ଭୟ ରହିବ କାଳେ ତାଙ୍କ ପରିବାର ଉପରେ ବଡ଼ ଆର୍ôଥକ ବୋଝ ପଡ଼ିବ। ପିଲାଙ୍କ ଭୁଲ ପାଇଁ କାହିଁକି ପିତାମାତାଙ୍କୁ ଦଣ୍ଡିତ କରାଯିବ ବୋଲି ପ୍ରଶ୍ନ ଉଠିପାରେ। କିନ୍ତୁ ଏହା ଏକ ଦୃଢ଼ ପଦକ୍ଷେପ ହେବ। ପିଲାମାନଙ୍କୁ ଉପଯୁକ୍ତ ସଂସ୍କାର ଦେଇନଥିବା ପିତାମାତା ଦଣ୍ଡିତ ହେବାକୁ ଯୋଗ୍ୟ। ତେବେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ରାଗିଂ ରୋକିବା ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବା ଉଚିତ। ରାଜ୍ୟ ସରକାର ରାଗିଂ ରୋକିବାକୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଣ୍ଟି ରାଗିଂ ସେଲ ଗଠନ, ଛାତ୍ର ଓ ଅଭିଭାବକଙ୍କଠାରୁ ଅଣ୍ଡରଟେକିଂ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସ୍ୱାଗତ ଯୋଗ୍ୟ। କିନ୍ତୁ ଏହା କେତେଦୂର କାର୍ଯ୍ୟକାରୀ ହେବ ତାହା ହେଲା ଗୁରୁତ୍ୱପୂର୍ଣ୍ଣ। ରାଗିଂ ଏକ ବିକୃତ ମାନସିକତାର ପରିଚାୟକ। ଏଥିପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ବା ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉପଯୁକ୍ତ କାଉନସେଲିଂ ବ୍ୟବସ୍ଥା ହେବା ଉଚିତ। ଆଡମିଶନ ଆରମ୍ଭରୁ ପିଲାଙ୍କୁ କଲେଜ କର୍ତ୍ତୃପକ୍ଷ ସଚେତନ ଏବଂ ସତର୍କ କରାଇବା ଉଚିତ। ରାଗିଂ ବିରୋଧରେ କ'ଣ ଦଣ୍ଡ ବିଧାନ ରହିଛି ସେ ସମ୍ପର୍କରେ ସେମାନେ ଭଲଭାବେ ଅବଗତ ହେବା ଉଚିତ। ରାଗିଂ ଏକ ଅପରାଧ। ଏଥିଲାଗି ସେମାନଙ୍କ କ୍ୟାରିୟର ନଷ୍ଟ ହୋଇପାରେ, ବାପା-ମା'ଙ୍କ ସ୍ୱପ୍ନ ପୂରଣ ହୋଇପାରିବନି, ଏକଥା ଛାତ୍ରଛାତ୍ରୀଙ୍କ ଭଲଭାବେ ହୃଦୟଙ୍ଗମ କରାଯିବା ଉଚିତ।

**କାଇପଦର, ଖୋର୍ଦ୍ଧା**

# ଇତିହାସ ଆଇନାରେ ଉତ୍କଳର ଶକ୍ତି ସଂସ୍କୃତି



**ଉମାଶଙ୍କର ପ୍ରସାଦ**

ସାମ୍ୟ, ମୈତ୍ରୀ, ବିଶ୍ୱପ୍ରେମ ଉଦାରତା ଉପରେ ଭିତିକରି ଆମ ସଂସ୍କୃତି ମହନୀୟ ହୋଇଛି। ବିଶିଷ୍ଟ ପ୍ରାଣ ପ୍ରାଚୁର୍ଯ୍ୟରେ ଭରା ଏ ସଂସ୍କୃତିର ବୈଶିଷ୍ଟ୍ୟ ହେଲା ଭଗବତ ଚିନ୍ତନ। ପାପପୂଣ୍ୟ ଧାରଣା, ଦାନ ଧର୍ମ, ଆଚାର ବିଚାର, ସେବା, ସଦ୍‌ଭାବ ଇତ୍ୟାଦି। ଏହା କେଉଁ ସ୍ମରଣାତୀତକାଳରୁ ଉତ୍କଳୀୟ ଜନ ଜୀବନକୁ ପ୍ରଭାବିତ କରିବା ସହ ଶକ୍ତି ସଂସ୍କୃତିର ଧାରା ବିସ୍ତାର କରିଛି। ସମାଜରେ ଯେତେବେଳେ ଅନ୍ୟାୟ, ଅତ୍ୟାଚାର ତାର ସୀମା ଟପିଯାଏ ସେତେବେଳେ ଏ ଧରାକୁ ରକ୍ଷା କରିବାପାଇଁ ମାତୃରୂପିଣୀ ଶକ୍ତି ବିଭିନ୍ନ ରୁପରେ ଏ ଧରାରେ ଅବତୀର୍ଣ୍ଣ ହୋଇ ଏ ଧରାରେ ଶାନ୍ତି ସ୍ଥାପନା କରିଥାନ୍ତି। ଯଦି ଇତିହାସର ପୃଷ୍ଠାକୁ ଅନୁଧ୍ୟାନ କରାଯାଏ ତେବେ ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ, ଯାଜପୁରର ମା' ବିରଜା ହେଉଛନ୍ତି ଭାରତର ଶାକ୍ତ ପ୍ରତିମାମାନଙ୍କ ମଧ୍ୟରେ ପ୍ରାଚୀନତମ ଦେବୀ। ସେ ହେଲେ ମୂର୍ତ୍ତିକଳାର ବୈଶିଷ୍ଟ୍ୟପୂର୍ଣ୍ଣ ଅଭିବ୍ୟକ୍ତି। ତାଙ୍କ ମସ୍ତକରେ ଅଙ୍କିତ ହୋଇଥିବା ଖଗପତି, ସର୍ପ, ଜୋନି, ଶିବ ଓ ଚନ୍ଦ୍ର ହେଉଛନ୍ତି ଶୈବ, ଶାକ୍ତ, ବୈଷ୍ଣବ, ବୌଦ୍ଧ, ଗାଣପତ୍ୟ, ଜୈନ ସମସ୍ତ ଧର୍ମ କେନ୍ଦ୍ରିଭୂତ ବିଗ୍ରହ। ଏ ଦେବୀ ବିରଜାଙ୍କ କଥା ମହାଭାରତର ବନପର୍ବରେ ରହିଅଛି। "ତତୋ ବୈତରଣୀ ନଦୀ ସର୍ବପାପ ପ୍ରବୋଚିନମ୍, ବିରଜାତୀର୍ଥ ମାସାଦ୍ୟ ବିରାଜିତ ଯଥାଶଶି"।

ଗୁପ୍ତଯୁଗ ପୂର୍ବରୁ ବିରଜା ଆଦିବାସୀ ଦେବୀ ଥିଲେ। ପ୍ରାୟ ଖ୍ରୀଷ୍ଟିୟ ପଞ୍ଚମ ଶତକରେ ତାଙ୍କ ଆର୍ଯ୍ୟକରଣ ହୋଇ ଆଦିବାସୀ ମୂର୍ତ୍ତି ସ୍ଥାନରେ ମା' ମହିଷାମର୍ଦ୍ଦିନୀ ଦୁର୍ଗାମୂର୍ତ୍ତି ପ୍ରତିଷ୍ଠିତ ହେଲେ। ବିରଜା ମାହାତ୍ମ୍ୟ ଅନୁସାରେ ଦେବୀ ବିରଜା ବ୍ରହ୍ମାଙ୍କ ଯଜ୍ଞକୁଣ୍ଡରୁ ସୃଷ୍ଟି ହୋଇଥିଲେ। ଅନେକ ତତ୍ତ୍ୱବିତ୍ ମତ ପ୍ରଦାନ କରିଛନ୍ତି ପୂର୍ବେ ଏ ଦେବୀ ବୌଦ୍ଧମାନଙ୍କ ଦ୍ୱାରା "ପ୍ରଜ୍ଞା ପାରମିତା"ଭାବେ ପୂଜିତ ହେଉଥିଲେ। ପରେ ବାମାଚରୀ ତାନ୍ତ୍ରିକମାନେ ତାଙ୍କୁ ହିନ୍ଦୁଦେବୀ ଭାବରେ ପୂଜାର୍ଚ୍ଚନା କଲେ। ବିରଜା ଦେବୀଙ୍କ ମୂର୍ତ୍ତି ଅନୁରୂପ ଏକ ମୂର୍ତ୍ତି ଖଡ଼ିଆଳ ନିକଟସ୍ଥ ମାରାଗୁଡ଼ା ଅଚଂଳରେ ଭୂ-ଖୋଦନରୁ ମିଳିଅଛି। ନଳରାଜା ଭବଦତ ବର୍ମନ (ଖ୍ରୀ.ପୂ ୪୪୦-୪୬୫)ରେ ଏକ ମନ୍ଦିର ନିର୍ମାଣ କରି ଯେଉଁ ମୂର୍ତ୍ତିକୁ ସେ ମନ୍ଦିରରେ ପ୍ରତିଷ୍ଠା କରିଥିଲେ ତାହା ହୁଏ ତ ସେହି ମୂର୍ତ୍ତି ବା ଅନୁରୂପ ଏକ ମୂର୍ତ୍ତି ହୋଇପାରେ। ସପ୍ତମ ଶତାବ୍ଦୀରେ ଚର୍ତ୍ତୁଭୂଜା ଦୁର୍ଗାମୂର୍ତ୍ତି ପ୍ରାଚ୍ୟ ଉପତ୍ୟକାର ମୋଟିଆଠାରେ, ନିଆଳିର ମାଧବ ମନ୍ଦିରରେ, ବାଙ୍କିର ଚର୍ଚ୍ଚିକା ମନ୍ଦିରରେ ଏବଂ ଭୁବନେଶ୍ୱରର ମାର୍କଣ୍ଡ ମନ୍ଦିରରେ ଦେଖାଯାଏ। ଷଡ଼ଭୂଜା ମହିଷାମର୍ଦ୍ଦିନୀ ମୂର୍ତ୍ତି ଆମ ଉତ୍କଳରେ ବିଶେଷଭାବରେ ଦେଖାଯାଆନ୍ତି ନାହିଁ। ମାତ୍ର ବିନ୍ଦୁସାଗରର ପୂର୍ବ ଉପକୂଳରେ ଏପରି ଏକ ମୂର୍ତ୍ତି ଦ୍ୱାରକାବାସିନୀ ଦୁର୍ଗାଭାବରେ ପୂଜିତ ହେଉଛନ୍ତି। ଯାହା ଏବେ ଲୋକମୂଖରେ ଦ୍ୱାରବାସିନୀ ନାମରେ କଥିତ ଏବଂ ଗର୍ଭବତୀ ମହିଳାମାନେ ସ୍ୱାଭାବିକ ପ୍ରସବ କାମନାରେ ମାନସିକ ରଖି ଦ୍ୱାରକାବାସିନୀଙ୍କୁ ନଡ଼ିଆ ଭୋଗଦେଇ ପୂଜାର୍ଚ୍ଚନା କରିଥାନ୍ତି। ଅଷ୍ଟମ ନବମ ଶତାବ୍ଦୀରେ ଝଙ୍କଡ଼ ସାରଳା ହେଲେ ଅଷ୍ଟଭୂଜା ଦୁର୍ଗାମୂର୍ତ୍ତି। କଟକ ଦେବୀ ନଦୀକୂଳ ଦେବୀଦୋଳର ଭୂତାମଚଣ୍ଡୀ, ନୂଆଗଡ଼ର ନାଗେଶ୍ୱରୀ, ତାଜଙ୍ଗ ନିକଟ ଦୁର୍ଗା, ଢେଙ୍କାନାଳ ଭୀମନଗରୀର ରାମଚଣ୍ଡୀ ପ୍ରଭୃତି ବିଗ୍ରହ ଏକ ଧାରାର। ଉତ୍କଳର ପ୍ରାଚୀ ଉପତ୍ୟକା କାକଟପୁର, ଯୋଗେଶ୍ୱର ନିଆଳି, ବଡ଼ମ୍ବାର ଭଟ୍ଟାରିକା, ରେମୁଣା ନିକଟ କନକ ଦୁର୍ଗା ଦଶଭୂଜା ଅଟନ୍ତି। ଢେଙ୍କାନାଳ କୋଦାଳକ (ଜୁଆଲ)ର କନକ ଦୁର୍ଗା ଦ୍ୱାଦଶଭୂଜା ଅଟନ୍ତି। ବଲାଙ୍ଗୀର ଜିଲ୍ଲା ସଇଁତୋଳାରୁ ପ୍ରାପ୍ତ ଦ୍ୱାବିଂଶଭୂଜା ମୂର୍ତ୍ତି ଏକ ବିରଳ ପ୍ରତିମା। ଏହିଭଳିଭାବେ ଆମ ଶକ୍ତି ସଂସ୍କୃତି ବିଭିନ୍ନ ରୂପରେଖରେ ଉତ୍କଳର ବିଭିନ୍ନ ସ୍ଥାନରେ ରହି ପୂଜା ପାଉଛନ୍ତି। ମାତ୍ର ଏବେ ଓଡ଼ିଶାରେ ଯେଉଁ ମୃଣ୍ମୟୀ ମୂର୍ତ୍ତି ଦୁର୍ଗା ପୂଜାରେ ବହୁଳଭାବରେ ଆରାଧିତ ହେଉଛନ୍ତି ସେମାନେ ପ୍ରାୟ ଦଶଭୂଜା। ଯାହା ସମ୍ଭବତଃ ବଙ୍ଗୀୟ ମୂର୍ତ୍ତିକଳା ଦ୍ୱାରା ପ୍ରଭାବିତ। ଓଡ଼ିଶାରେ ସାଧାରଣତଃ ମହିଷାମର୍ଦ୍ଦିନୀ ଦେବୀଙ୍କୁ ଦୁର୍ଗା କୁହାଯାଏ। ଶାରଳା ଦାସ ତାଙ୍କ ଲିଖିତ ଚଣ୍ଡୀ ପୁରାଣରେ ଉଲ୍ଲେଖ କରିଛନ୍ତି ଦୁର୍ଗତିରୁ ଉଦ୍ଧାର କରିବା ହେତୁ ତାଙ୍କ ନାମ ହେଉଛି ଦୁର୍ଗା। ବ୍ୟାସଙ୍କ ମହାଭାରତ ବିରାଟ ପର୍ବ ୦୬-



୨୦-୨୨ରେ କୁହାଯାଇଛି। ହେ ଦୁର୍ଗା ତୁମେ ଦୁର୍ଗତି ନାଶ କରବୋଲି ଲୋକେ ତୁମକୁ ଦୁର୍ଗା କହିଥାନ୍ତି। କାନ୍ତାର ମଧ୍ୟରେ ଯେଉଁମାନେ ଅବସନ୍ନ ହୋଇପଡ଼ନ୍ତି, ମହା ସମୁଦ୍ରରେ ଯେଉଁମାନେ ମଗ୍ନ ହୁଅନ୍ତି, ଦସ୍ୟୁ ଦ୍ୱାରା ଯେଉଁମାନେ ବନ୍ଦୀ ହୁଅନ୍ତି, ସେମାନଙ୍କର ତୁମେ ହିଁ ପରମଗତି। ନଦୀ ବା ସମୁଦ୍ର ପାର ହେବା ସମୟରେ କାନ୍ତାର ବା ଅରଣ୍ୟରେ ଯେଉଁମାନେ ତୁମକୁ ସ୍ମରଣ କରନ୍ତି ସେମାନେ କଦାପି ବିପନ୍ନ ହୁଅନ୍ତି ନାହିଁ। ଶବ୍ଦ କଳ୍ପଦ୍ରୁମରେ ଦୁର୍ଗା ଶବ୍ଦର ବହୁ ଅର୍ଥ କରାଯାଇଛି ଯଥା - ଦୁର୍ଗ ନାମକ ଦୈତ୍ୟ, ମହାବିଘ୍ନ, ମହାଭୟ, ଭବବନ୍ଧନ, କୁକର୍ମ, ଶୋକ, ଦୁଃଖ, ନରକ, ଯମଦଣ୍ଡ, ପୁନର୍ଜନ୍ମ, ମହାସଙ୍କଟ ଓ ଅତିରୋଗକୁ ଯେ ନାଶ କରନ୍ତି ସେ ଦୁର୍ଗା। ସ୍କନ୍ଦ ପୁରାଣ କାଶୀଖଣ୍ଡ ଉତରାର୍ଦ୍ଧରେ ଉଲ୍ଲେଖ ଅଛି "ଆଜିଠାରୁ ଅତି ଦୁର୍ଗମ ଦୁର୍ଗ ଦୈତକୁ ସମରରେ ବଧ କରିବା ଯୋଗୁଁ ମୁଁ ଦୁର୍ଗା ନାମରେ ନାମିତ ହେବି"। ଦେବୀ ଭାଗବତ ୭/୨୮/୭୯ ରେ ଦେବୀ କହିଛନ୍ତି, ଦୁର୍ଗାସୁର ବଧ ନିମିତ ମୋର ନାମ ହେଉଛି ଦୁର୍ଗା। ମା"ଦୁର୍ଗା ହେଉଛନ୍ତି ଓଡ଼ିଶାର ଇଷ୍ଟଦେବୀ। କୋଣାର୍କ ମନ୍ଦିର ଗାତ୍ରରେ ଶ୍ରୀ ଜଗନ୍ନାଥ, ଶିବଲିଙ୍ଗଙ୍କ ସହିତ ଦଶଭୂଜା ଦେବୀ ଦୁର୍ଗାଙ୍କ ଚିତ୍ର ଖୋଦିତ ହୋଇଛି।

କାଳିକା ପୁରାଣରେ ବଜ୍ରଯାନିଙ୍କର ଭାରତରେ ଚାରୋଟି ପୀଠ ଥିବା ଉଲ୍ଲେଖ ହୋଇଛି। ସେହି ପୀଠ ମଧ୍ୟରୁ ପ୍ରଥମ ପୀଠ ଓଡ଼ିଶା ଓ ଶେଷ ପୀଠ କାମରୂପ। ଏବେବି ଓଡ଼ିଶାର ବୌଦ୍ଧ ଓ ତନ୍ତ୍ର ପୀଠରେ ବଜ୍ରଯାନର ଯଥେଷ୍ଟ ଉପାଦାନ ଦେଖିବାକୁ ମିଳିଥାଏ। କଟକ ଜିଲ୍ଲା ଲଳିତଗିରି, ଉଦୟ ଗିରି, ରତ୍ନଗିରି, ବଜ୍ରଗିରି ଆଦି ସ୍ଥାନମାନଙ୍କରେ ବଜ୍ରଯାନର ବହୁ ଦେବତାଙ୍କ ମୂର୍ତ୍ତି ରହିଛି। ଝଙ୍କଡ଼ର ଶାରଳା ହିନ୍ଦୁମାନଙ୍କର ଦୁର୍ଗା ହେଲେ ମଧ୍ୟ ତାଙ୍କ ହାତରେ ବୌଦ୍ଧ ବଜ୍ରଯାନର ଦୁଇଟି ଆୟୁଧ ବଜ୍ର ଓ ଘଣ୍ଟି ଥିବାର ଦେଖାଯାଏ। ଓଡ଼ିଶାରେ ଦୁର୍ଗାପୂଜା ଆଶ୍ୱିନ କୃଷ୍ଣାଷ୍ଟମୀ ଠାରୁ ଦଶହରା ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ। ଶାରଳାଦି ବହୁ ଦେବୀଙ୍କ ନିକଟରେ କୃଷ୍ଣାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପି ମହାପୂଜା ହୋଇଥାଏ। କାଳିକା ପୁରାଣ, ଦେବୀ ଭାଗବତ ଆଦି ପୁରାଣମାନଙ୍କରେ ଦେଖିବାକୁ ମିଳେ ଯେ ରାବଣ ବଧ ନିମିତ ବ୍ରହ୍ମା ଓ ଦେବତାମାନେ ନବରାତ୍ର ପୂଜା କରିଥିଲେ। ମାତ୍ର ଏ ବିଷୟରେ ବାଲ୍ମୀକି ରାମାୟଣ ନୀରବ। ଏହି ରାମାୟଣରୁ ଜଣାଯାଏ ଆଶ୍ୱୀନ ମାସରେ ରାମ ରାବଣ ଯୁଦ୍ଧ ହୋଇ ନ ଥିଲା। ସୁଗ୍ରୀବ ସୀତା ଅନ୍ୱେଷର କାର୍ଯ୍ୟରେ ଖିଲାପ କରିବାରୁ ଲକ୍ଷ୍ମଣ ରାମଙ୍କ ଆଦେଶରେ କାର୍ତ୍ତିକ ବା ଆଶ୍ୱିନ ଶୁକ୍ଳପକ୍ଷରେ କିଷ୍କିନ୍ଧା ଯାଇଥିଲେ। ପୌଷ ଅମାବାସ୍ୟାରେ ରାବଣବଧ ହୋଇଛି ଓ ମାତ୍ର ସତର, ଅଠର ଦିନ ଶ୍ରୀରାମଙ୍କ ସହ ରାକ୍ଷସଙ୍କର ଯୁଦ୍ଧ ହୋଇଥିଲା। ତେଣୁ ରାବଣ ବଧ ନିମିତ ଦୁର୍ଗାପୂଜା ହେବା ସମ୍ପୂର୍ଣ୍ଣ କାଳ୍ପନିକ ବୋଲି ବହୁମତ ଆସେ।

ଦୁର୍ଗା ହେଉଛନ୍ତି ଶାବରୀୟ ଦେବତା। ବେଦରେ ଦୁର୍ଗା ଓ ଚଣ୍ଡୀଆଦିଙ୍କ ନାମ ନାହିଁ। କେତେକ ପଣ୍ଡିତଙ୍କ ମତରେ ଦ୍ରାବିଡ଼ ଋଣୀ ଶବ୍ଦରୁ ଚଣ୍ଡୀ ଶବ୍ଦ ଆସିଛି। କୋରାପୁଟ, ଫୁଲବାଣୀ, ଗଞ୍ଜାମ ଆଦି ଅଞ୍ଚଳରେ ଶାବରୀୟମାନେ ଏହି ସମୟରେ ନୂଆଖାଇ ପର୍ବ ପାଳନ କରନ୍ତି। ବିଶେଷତଃ ଏହା ଲାଞ୍ଜିଆ ଶବରମାନଙ୍କ ଉତ୍ସବ। ପରଜାମାନେ ଯେଉଁ ତିନୋଟି କାଠ ଗଣ୍ଡି ପୋତି ତାଙ୍କ ଦେବତାଙ୍କୁ ପୁଜିଥାନ୍ତି ସେହି ତିନି ଦେବତା ଦୁର୍ଗାଙ୍କର ତିନିରୂପ- ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ। ସେଥିପାଇଁ ମୃଣ୍ମୟୀ ଦୁର୍ଗା ମୂର୍ତ୍ତିଙ୍କୁ ଦୁଇ ପାର୍ଶ୍ୱରେ ଲକ୍ଷ୍ମୀ ଓ ସରସ୍ୱତୀ ମୂର୍ତ୍ତି ରଖାଯାଇ ପୁଜା କରାଯାଏ। ମୁଣ୍ଡକ ଉପନିଷଦରେ କାଳୀଙ୍କ ସପ୍ତଜିହ୍ୱା ମଧ୍ୟରୁ ପ୍ରଥମଟିର ନାମ କାଳି। ତେଣୁ ଦୁର୍ଗାଙ୍କୁ ଅଗ୍ନିକନ୍ୟା ବୋଲି ପୁରାଣବ୍ୟକ୍ତ କରିଛି। ସେ ମଧ୍ୟ ସୂର୍ଯ୍ୟଙ୍କ ପ୍ରତୀକ:-ସୂର୍ଯ୍ୟଙ୍କ ଦୁଇକାଳ ସନ୍ଧ୍ୟା, ସକାଳ ହେଉଛନ୍ତି ଲକ୍ଷ୍ମୀ ସରସ୍ୱତୀ।

ଚଣ୍ଡୀ ପୁରାଣାନୁସାରେ ଚୈତ୍ରବଂଶର ରାଜା ସୁରଥ ଦେବୀଙ୍କୁ ପୂଜା କରିଥିଲେ। ଚୈତ୍ରବଂଶ ଓଡ଼ିଶାରେ ରାଜତ୍ୱ କରୁଥିଲେ। ଖାରବେଳ ଥିଲେ ତାଙ୍କର ପଞ୍ଚମ ପୁରୁଷ। କଳାହାଣ୍ଡିର ଶାବରୀୟମାନେ ଯେଉଁ କାଠ ଗଣ୍ଡି ପୋତି ପୂଜା କରୁଥିଲେ ସେହି ଖମ୍ବେଶ୍ୱରୀ ପ୍ରତୀକ। ଖମ୍ବେଶ୍ୱରୀ ବା ସ୍ତମ୍ଭେଶ୍ୱରୀ ରାଜାଙ୍କର ଇଷ୍ଟଦେବୀ ଥିଲେ। ଏହି ଖମ୍ବେଶ୍ୱରୀ ପୂଜାରୁ ଦୁର୍ଗାପୂଜା ଉଦ୍‌ଭବ ବୋଲି ଧାରଣା କରାଯାଏ। ଓଡ଼ିଶା ଶକ୍ତିଙ୍କ ଦେଶ। ପ୍ରାଗ୍ ବୈଦିକ ଯୁଗରୁ ଶାବରୀୟମାନେ ଯେଉଁ ମାତୃପୂଜା କରିଆସିଛନ୍ତି। ବହୁ ଶତାବ୍ଦୀପରେ ତାହା ଜାତିର ପରମ ଉପାସନା ବୋଲି ଗୃହିତ ହୋଇଛି। ପ୍ରତ୍ୟେକଙ୍କ ଅସ୍ଥି ମଜ୍ଜାଗତ ହେଉଛି ଶକ୍ତି ପୂଜା। ସେହି ପୂଜା ଆଜି ସମାଗତ। ମା' ଦେବୀଦୁର୍ଗା ଘରେ ଘରେ ଉପାସିତା। ମା' ଏ ଜାତିକୁ, ସମାଜକୁ ଆର୍ଶୀବାଦ ଦେଇ ସମସ୍ତ ଦୁଃଖ ଶୋକକୁ ବିଦୂରିତ କରନ୍ତୁ ଏତିକି କାମନା।

**ଗ୍ରନ୍ଥକାର ତଥା ବରିଷ୍ଠ ସାମ୍ବାଦିକ**
**ମେନ୍ ରୋଡ୍, ଖୋର୍ଦ୍ଧା,**
**ମୋବାଇଲ୍: ୬୩୭୦୬୭୫୫୬୨**

# ପାଇକ ବିଦ୍ରୋହ ଓ ଖୋର୍ଦ୍ଧା ପାଇକ



**ପ୍ରସନ୍ନ କୁମାର ପାଇକରାୟ**

ପାଇକ ବୀରତ୍ୱର ଗାଥା ଓ ସେମାନଙ୍କ ବଳିଦାନର ପଟ୍ଟାନ୍ତର ନାହିଁ। ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପରାଧୀନ ଭାରତର ଇତିହାସରେ ଏକ କ୍ରାନ୍ତିକାରୀ ଯୁଗ। ଭାରତବର୍ଷ ବ୍ରିଟିଶର କ୍ରୁର ଶାସନରେ ଜର୍ଜରିତ। ସେତେବେଳେ ଓଡ଼ିଶା ଖଣ୍ଡ ବିଖଣ୍ଡିତ। ଖୋର୍ଦ୍ଧାର ଭୋଇ ବଂଶୀୟ ଗଜପତି ଥିଲେ ଦ୍ୱିତୀୟ ମୁକୁନ୍ଦ ଦେବ (୧୭୯୮-୧୮୧୭)। ଉତ୍କଳର ରାଜା ସର୍ବହରା। ବ୍ରିଟିଶ ଶାସନରୁ ମୁକ୍ତ ହୋଇ ସ୍ୱାଧୀନତା ପାଇଁ ମନପ୍ରାଣ ବ୍ୟାକୁଳ। ଓଡ଼ିଶାର ରଣରଙ୍ଗା ପାଇକ ସମ୍ପ୍ରଦାୟ ଏକ ସମର ପିପାସୁ ମୁକ୍ତିକାମୀ ସଂଗ୍ରାମ ଗୋଷ୍ଠୀ। ଜନ୍ମଭୂମିର ମୁକ୍ତି ଚିନ୍ତା ବିଦ୍ରୋହର ରୂପ ନେଲା, ଉନବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିରୁ। ୧୮୦୪ ମସିହାରେ ଖୋର୍ଦ୍ଧା ଗଜପତିଙ୍କ ମନ୍ତ୍ରୀ ଜୟୀ ରାଜଗୁରୁ ରାଜ୍ୟ ପାଇକ ମାନଙ୍କ ସ୍ୱାର୍ଥ ପାଇଁ ସର୍ବପ୍ରଥମେ ବ୍ରିଟିଶ ବିରୁଦ୍ଧରେ ଆନ୍ଦୋଳନ କରିଥିଲେ। କିନ୍ତୁ ଗଜପତିଙ୍କ ଅବିଶ୍ୱାସ ନିୟତା ଯୋଗୁଁ ଚକ୍ରାନ୍ତକାରୀ ବ୍ରିଟିଶ ଜୟୀ ରାଜଗୁରୁଙ୍କୁ ବନ୍ଦୀ କରି ୧୮୦୬ ମସିହାରେ ଅତି ଅମାନୁଷିକ ଭାବରେ ପଶ୍ଚିମବଙ୍ଗ ମେଦିନିପୁର ବାଘତୋଟାଠାରେ ବର ଗଛର ଦୁଇ ଡାଳରେ ଜୟୀ ରାଜଗୁରୁଙ୍କର ଗୋଡ଼ ଦ୍ୱୟକୁ ବାନ୍ଧି ଫାଶୀ ଦେଇଥିଲେ। ଜୟୀ ରାଜଗୁରୁଙ୍କ ମୃତ୍ୟୁ ପରେ ଖୋର୍ଦ୍ଧା ଗଜପତି ଓ ପାଇକଙ୍କ ଉପରେ ବ୍ରିଟିଶର ଲୋଲୁପ ଦୃଷ୍ଟିଜନିତ ଅତ୍ୟାଚାର ଏବଂ ଦମନଲୀଳା ଦିନକୁ ଦିନ ବଢ଼ି ଚାଲିଲା। ୧୮୧୭ ମସିହା ଓଡ଼ିଶାର ପ୍ରାଣୋଚ୍ଛଳ ଜୀବନ ଯାତ୍ରାରେ ଏକ ଐତିହାସିକ ଏବଂ ଅବିସ୍ମରଣୀୟ ମୁହୂର୍ତ୍ତ ଥିଲା। ସେତେବେଳେ ଓଡ଼ିଆ ଜାତିର ଅସ୍ମିତା ଉପରେ ସଂଶୟ ଏବଂ ଅନିଶ୍ଚିତ ଭବିଷ୍ୟତର କଳା ବାଦଲ। ମହାରାଜା ମୁକୁନ୍ଦ ଦେବଙ୍କ ସେନାପତି ତଥା ସୁପ୍ରିମୋ କମାଣ୍ଡୋ ଗଡ଼ରୋଡଙ୍ଗର କିଲ୍ଲାଦାର ସେନାଧ୍ୟକ୍ଷ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ ଓଡ଼ିଶାକୁ ବ୍ରିଟିଶ ଶାସନରୁ ମୁକୁଳେଇବା ପାଇଁ ବଜ୍ର ଶପଥ ନେଇ ପାଇକ ମାନଙ୍କୁ ମେଳିକରି ଗଣଆନ୍ଦୋଳନର ଡାକରା ଦେଇଥିଲେ। ଓଡ଼ିଶାର ପରମ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ କାମନା ସହ ବିଦ୍ରୋହୀ ପାଇକମାନେ ବଜେଇଥିଲେ ରଣଦୁନ୍ଦୁଭି। ଏହି ସଂଗ୍ରାମ ଥିଲା ବ୍ରିଟିଶ ବିରୁଦ୍ଧରେ ପ୍ରଥମ ସଶସ୍ତ୍ର ମୁକ୍ତି ସଂଗ୍ରାମ। ସେହି ରକ୍ତ ରଞ୍ଜିତ ଐତିହାସିକ ଦିନଟି ଥିଲା ୧୮୧୭ ମସିହା ମାର୍ଚ୍ଚ ୨୯ ତାରିଖ ବାଣପୁରୁର ପଲଟଣ ପଡ଼ିଆରେ। ଘୁମୁସରର ରାଜା ଶ୍ରୀକର ଭଞ୍ଜଙ୍କୁ ବ୍ରିଟିଶ ଗାଦିଚ୍ୟୁତ କରି ବନ୍ଦୀ କରିଥିବାରୁ ରାଜାଙ୍କର ଅନୁଗତ ୪୦୦ ଆଦିବାସୀ



କନ୍ଧ ବିପ୍ଲବୀ ସୈନ୍ୟ ସହ ଖୋର୍ଦ୍ଧା ପାଇକ ମାନେ ଯୋଗଦେଇ ଖୋର୍ଦ୍ଧା ରାଜ୍ୟ ମଧ୍ୟରେ ପଶି ପୁଲିସ ଥାନାରେ ଅଗ୍ନି ସଂଯୋଗ କଲେ, ପୁଲିସଙ୍କୁ ବାନ୍ଧିଲେ ନିର୍ଘୁମ ପିଟିଲେ। ଖଜଣାଖାନା ଲୁଟ କଲେ। ଫିରିଙ୍ଗି ଶାସନ ବିରୁଦ୍ଧରେ ମୂର୍ଦ୍ଦାବାଦର ନାରା ଶୁଭିଲା। ଏହି ବିଦ୍ରୋହରେ ଓଡ଼ିଆ ପାଇକ ପୁଅ ନିଜ ଛାତିଚିରି ଲେଖି ଦେଇଥିଲା ତା ବୀରତ୍ୱର ଗାଥା। ସିପାହୀ ବିଦ୍ରୋହ(୧୮୫୭) ର ୪୦ ବର୍ଷ ପୂର୍ବରୁ ୧୮୧୭ ମସିହାରେ ଓଡ଼ିଶା ମାଟିରେ ପାଇକ ବିଦ୍ରୋହ ଦେଶର ସ୍ୱାଧୀନତା ପାଇଁ ମୂଳମଞ୍ଜି ପୋତିଥିଲା। ଏହି ସ୍ୱାଧୀନତା ସଂଗ୍ରାମ ରେ ପରବର୍ତ୍ତୀ ସମୟରେ ଦେଓ୍ୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ପିଣ୍ଡିକି ବାହୁବଳେନ୍ଦ୍ର, ମାଧବ ଚନ୍ଦ୍ର ରାଉତରାୟ, କୃତିବାସ ପାଟଶାଣୀ ପ୍ରମୁଖ ଯୋଗଦାନ କରିଥିଲେ। ପାଇକ ବିଦ୍ରୋହର ଶୀର୍ଷ ନାୟକ ଦୁର୍ଦ୍ଧଶ ବୀର ବକ୍ସି ଜଗବନ୍ଧୁ କେବେହେଲେ ହାର ମାନି ନଥିଲେ। ଓଡ଼ିଶାର ପାରିପାର୍ଶ୍ୱିକ ପରିସ୍ଥିତି ବକ୍ସିଙ୍କୁ ବାଧ୍ୟ କରିଥିଲା କଟକର ପ୍ରସିଦ୍ଧ ଦୁର୍ଗ ବାରବାଟୀରେ ଆତ୍ମ ସମର୍ପଣ କରିବାକୁ। ମର୍ମାହତ ବକ୍ସି ନୟାଗଡ଼ର ବେବର୍ତ୍ତା ବରଜୁ ପାଇକରାୟ ଓ କଟକ ମାଲୁଦର ୱାଜା ମହମ୍ମଦର ମଧ୍ୟସ୍ଥତାରେ ୧୮୨୫ ମସିହା ମେ ମାସ ୨୫ ତାରିଖରେ ଆତ୍ମସମର୍ପଣ କରିଥିଲେ। ବକ୍ସିଙ୍କୁ ବ୍ରିଟିଶ ସରକାର ବାରବାଟୀ ଦୁର୍ଗରେ ନଜରବନ୍ଦୀରେ ରଖିଲେ। ସ୍ୱାଭିମାନି ବକ୍ସି ଚିନ୍ତାରେ ଦିନକୁ ଦିନ ରୁଗଣ ଓ ଦୃବଳ ହୋଇ ୧୮୨୯ ମସିହା ଜାନୁଆରୀ ୨୪ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରି ବୀରଗତି ପ୍ରାପ୍ତ ହେଲେ। ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅଦ୍ୟମ ସାହାସର ଜ୍ୱଳନ୍ତ ଗାଥା। ବୀରତ୍ୱପୂର୍ଣ୍ଣ ଓ ସୌର୍ଯ୍ୟମୟ ପାଇକ ବିଦ୍ରୋହ ଓଡ଼ିଆ ଜନମାନସରେ ଏକ ଗୌରବମୟ ସ୍ଥାନ ରଖିଛି। ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ମିଳିଛି। ୨୦୧୭ ମସିହାରେ ପାଇକ ବିଦ୍ରୋହର ଦ୍ୱିଶତ ବର୍ଷ ପୂର୍ତ୍ତିକୁ ରାଷ୍ଟ୍ରୀୟ ସ୍ତରରେ ପାଳନ ପାଇଁ ମୋଦି ସରକାର କାର୍ଯ୍ୟକାରୀ କରିଥିଲେ। ପୂର୍ବତନ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପାଇକ ବିଦ୍ରୋହର ରାଷ୍ଟ୍ରୀୟ ଉତ୍ସବକୁ ଉଦଘାଟନ କରି ପାଇକ ବିଦ୍ରୋହକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଆଦ୍ୟ- ଉଦଘୋଷଣାର ଉଜ୍ଜ୍ୱଳ ଘଟଣା ବୋଲି ଅଭିହିତ କରିଥିଲେ। ବଡ଼ କଥା ହେଲା ଭାରତ ସରକାରଙ୍କ ଏନସିଆରଟି ଦ୍ୱାରା ପରିଚାଳିତ ସିବିଏସ୍‌ଇର ଅଷ୍ଟମ ଶ୍ରେଣୀ ଇତିହାସ ବହିର ୬୨ ଏବଂ ୬୩ ପୃଷ୍ଠାରେ ଲିଖିତ ବିଷୟ ଯାହା ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ମୋଦି ଦ୍ୱାରା ପାଇକ ବିଦ୍ରୋହର ସ୍ମାରକ ମୁଦ୍ରା, ସ୍ମାରକ ଡାକ ଟିକେଟ ଉନ୍ମୋଚନ ତଥା ଉତ୍କଳ ବିଶ୍ୱବିଦ୍ୟାଳୟରେ ୫ କୋଟି ଟଙ୍କା ବ୍ୟୟରେ ବକ୍ସି ଜଗବନ୍ଧୁ ଚେୟାର, ବରୁଣେଇ ଠାରେ ପାଇକ ସ୍ମାରକ ଆଦି ସ୍ଥାପନ ପାଇଁ ପ୍ରୟାସ ଜାରି ରହିଛି। ଏକ ବୀରତ୍ୱପୂର୍ଣ୍ଣ ଏବଂ ସୌର୍ଯ୍ୟମୟ ଜାତିର ଉତ୍ତରପିଢ଼ି ଭାବେ ଆମେ ଆମର ପୂର୍ବ ପୁରୁଷଙ୍କ ଅଦ୍ୟମ ସାହସର ଗାଥାକୁ ନେଇ ଗୌରବାନ୍ୱିତ।

**ରାଜ୍ୟ ସମ୍ପାଦକ (ଓ୍ୟୁଜେ)**
**ମୋବାଇଲ୍: ୭୦୦୮୯୩୬୩୭୩**

# ହରିଆଣାରେ ମେଣ୍ଟ ନ କରିବା ମହଙ୍ଗା ପଡ଼ିଲା

## କଂଗ୍ରେସ ଓ ଆପ୍ ଅନୁତାପ କରୁଛନ୍ତି





**ନୂଆଦିଲ୍ଲୀ, ୮।୧୦:** ହରିୟାନା ବିଧାନସଭା ନିର୍ବାଚନରେ କ୍ରମାଗତ ତୃତୀୟ ଥର ପାଇଁ ବିଜେପି ବିଜୟୀ ହେବା ଅନେକଙ୍କୁ ବିସ୍ମିତ କରିଛି। ପ୍ରାୟ ସମସ୍ତ ଏକଜିଟ ପୋଲ ରିପୋର୍ଟରେ ହରିୟାନାରେ କଂଗ୍ରେସ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିବ ବୋଲି ପୂର୍ବାନୁମାନ କରାଯାଇଥିଲା। କିନ୍ତୁ ସମସ୍ତ ଆକଳନ ଭୁଲ ପ୍ରମାଣିତ ହୋଇଛି। ହରିୟାନରେ ବିଜେପି ହ୍ୟାଟ୍ରିକ କରିଛି। ହରିୟାନରେ ଏହି ପରାଜୟ କଂଗ୍ରେସ ପାଇଁ ଜବରଦସ୍ତ ଧକ୍କା ହୋଇଛି। ଗତ ଥର ବିଜେପି ୪୦ଟି ଆସନ ପାଇଥିଲା। ଏଥର ତାହାଠାରୁ ଅଧିକ ଆସନ ମିଳିବା ଅନେକଙ୍କୁ ବିସ୍ମିତ କରିଛି। ଗତ ୧୦ ବର୍ଷ ହେବ ରାଜ୍ୟରେ କ୍ଷମତା ବାହାରେ ଥିବା କଂଗ୍ରେସ ଏଥର ନିଶ୍ଚିତ ବିଜୟ ହାସଲ କରିବ ବୋଲି ଆଶା ରକିଥିଲା। ଗତ ଲୋକସଭା ନିର୍ବାଚନରେ ରାଜ୍ୟରେ କଂଗ୍ରେସ ହାସଲ କରିଥିବା ସଫଳତା ଆଧାରେ କଂଗ୍ରେସ ଏଥର ରାଜ୍ୟର ୯୦ ଆସନରୁ ୫୦ ଆସନ ଦଖଲ କରିବ ବୋଲି ଭାବିଥିଲା। ଅବଶ୍ୟ ହରିୟାନାର ପରାଜୟକୁ ଜାମ୍ମୁ-କାଶ୍ମୀରରେ ବିଜୟ କିଛିଟା ଲାଘବ କରିଛି। କିନ୍ତୁ ହରିୟାନା ପରାଜୟ ଦଳକୁ ମ୍ରିୟମାଣ କରିଛି।

ସକାଳେ ଗୋଟ ଗଣତି ଆରମ୍ଭରୁ କଂଗ୍ରେସ ବାଜା ବାଣ ସହ ଉତ୍ସବ ପାଳନ କରିବା ଆରମ୍ଭ କରିଥିଲା। କିନ୍ତୁ ଭୋଟ ଗଣତିର ଟେଣ୍ଡ ଜଣାପଡ଼ିବା ପରେ କଂଗ୍ରେସ ଏହାକୁ ବାତିଲ କରିଥିଲା। ଅପେକ୍ଷାକୃତ ଏକ ଛୋଟ ରାଜ୍ୟ ହେଲେ ମଧ୍ୟ ହରିୟାନା ନିର୍ବାଚନର ରାଜନୈତିକ ଗୁରୁତ୍ୱ ବେଶ ଅଧିକ। ଆଗକୁ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଦିଲ୍ଲୀ ସୀମାକୁ ଲାଗିଥିବା ହରିୟାନା ଫଳାଫଳ ଦିଲ୍ଲୀରେ ପଡ଼ିବ। କୃଷକ ଆନ୍ଦୋଳନର ପ୍ରଭାବ ହରିୟାନା ବିଧାନସଭା ନିର୍ବାଚନରେ ପଡ଼ିବ ବୋଲି କଂଗ୍ରେସ ଆଶା ବାନ୍ଧିଥିଲା। କିନ୍ତୁ ତାହା ବିଫଳ ହେଲା। ଦଳରେ ଗୋଷ୍ଠୀ କନ୍ଦଳ, ପ୍ରାର୍ଥୀ ଚୟନରେ ତ୍ରୁଟି ଏବଂ ଅଣଜାଠ ଭୋଟ କଂଗ୍ରେସ ବିରୋଧରେ ଯିବାରୁ ଏହା ବିଜେପି ପାଇଁ ସହାୟକ ହେଲା। ତେବେ କଂଗ୍ରେସ ଏହି ନିର୍ବାଚନରେ ପରାଜିତ ହେବାର ଏକ ବଡ଼ କାରଣ ହେଲା ରାଜ୍ୟରେ କୌଣସି ସମଭାବାପନ୍ନ ଦଳ ସହ ମେଣ୍ଟ ନକରିବା। ଆପ, ଆଇଏନଏଲଡି ଏବଂ ଜେଜେପି ଭଳି ଅନେକ ଦଳ ଏଥର ନିର୍ବାଚନରେ ନିଜ ସ୍ଥିତି ଜାହିର କରିବାକୁ ପ୍ରୟାସ କରିଥିଲେ। ସେମାନେ ନିର୍ବାଚନରେ ପରାଜିତ ହୋଇଥିଲେ ମଧ୍ୟ ବେଶ ଭଲ ଭୋଟ ପାଇଛନ୍ତି। କଂଗ୍ରେସ ଏମାନଙ୍କ ସହ ଆସନ ବୁଝାମଣା କରିଥିଲେ ବିଜେପିର ବିଜୟ ଧାରାକୁ ରୋକିପାରିଥାଆନ୍ତା। ବିଶେଷ କରି ଆପ ସହ ଯଦି କଂଗ୍ରେସ ଆସନ ବୁଝାମଣା କରିବାରେ ସଫଳ ହୋଇଥାଆନ୍ତା ତେବେ ଫଳାଫଳ ନିଶ୍ଚୟ ଭିନ୍ନ ହୋଇଥାଆନ୍ତା। ମେଣ୍ଟ ନହେବା ଫଳରେ ଉଭୟେ କ୍ଷତିଗ୍ରସ୍ତ ହେଲେ। ହରିୟାନା ହେଉଛି ଅରବିନ୍ଦ କେଜରିୱାଲଙ୍କ ନିଜ ରାଜ୍ୟ। ସେଠାରେ ଆପ ଖାତା ଖୋଲିନପାରିବା ଦଳ ପାଇଁ ଲଜ୍ଜାକର ହୋଇଛି। ଯଦି ଆପ ଓ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ହୋଇଥାଆନ୍ତା ଏବଂ ଆପକୁ ୧୦ରୁ ୧୫ଟି ଆସନ କଂଗ୍ରେସ ଛାଡ଼ିଥାଆନ୍ତା ତେବେ ବିଜେପିର ଆସନ ସଂଖ୍ୟା ୪୦ ତଳକୁ ଖସିଯାଇଥାଆନ୍ତା। କିନ୍ତୁ ଅତ୍ୟଧିକ ଆତ୍ମବିଶ୍ୱାସ ଉଭୟ କଂଗ୍ରେସ ଏବଂ ଆପ ପାଇଁ ମହଙ୍ଗା ପଡ଼ିଲା। ଏହାର ପ୍ରଭାବ ଆଗାମୀ ଦିନରେ ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ ଦିଲ୍ଲୀ ବିଧାନସଭା ନିର୍ବାଚନରେ ପଡ଼ିବା ନିଶ୍ଚିତ।



ବିଧାୟକ ଦଳ ବୈଠକ ପୂର୍ବରୁ ଫାରୁକଙ୍କ ଘୋଷଣା

## ଓମାର ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ହେବେ

**ଶ୍ରୀନଗର, ୮।୧୦:** ନ୍ୟାସନାଲ କନଫରେନ୍ସ ନେତା ଓମାର ଅବଦୁଲ୍ଲା ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଦଳର ସଭାପତି ଡକ୍ଟର ଫାରୁକ ଅବଦୁଲ୍ଲା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏହି ଘୋଷଣା କରିଛନ୍ତି। ବିଧାୟକ ଦଳ ନେତା ନିର୍ବାଚନ ପ୍ରକ୍ରିୟା ପର୍ଯ୍ୟନ୍ତ ସେ ଅପେକ୍ଷା କରି ନାହାଁନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନରେ ନ୍ୟାସନାଲ କନଫରେନ୍ସ ମେଣ୍ଟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଧାରା ୩୭୦ ଉଚ୍ଛେଦ ପରେ ଜାମ୍ମୁ-କାଶ୍ମୀରରେ ପ୍ରଥମ ଥର ଲାଗି ବିଧାନସଭା ନିର୍ବାଚନ ହୋଇଛି। ଏବେ ଜାମ୍ମୁ-କାଶ୍ମୀର ଦିଲ୍ଲୀ ଭଳି ଏକ କେନ୍ଦ୍ରଶାସିତ ଅଞ୍ଚଳ। ପୂର୍ବରୁ ଜାମ୍ମୁ-କାଶ୍ମୀର ଏକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟ ଥିଲା। କେନ୍ଦ୍ର ଶାସିତ ଅଞ୍ଚଳ ହେବା ପରେ ପ୍ରଥମ ଥର ପାଇଁ ଏନସି-କଂଗ୍ରେସ ମେଣ୍ଟ ସରକାର ଗଠନ କରିବାକୁ ଯାଉଛି। ଓମାର ପୂର୍ବରୁ ମଧ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ। ଏବେ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଥମ ମୁଖ୍ୟମନ୍ତ୍ରୀ ହେବେ। ଫାରୁକ କହିଛନ୍ତି ଯେ, ୧୦ ବର୍ଷ ପରେ ରାଜ୍ୟବାସୀ ଆମ ସପକ୍ଷରେ ରାୟ ଦେଇଛନ୍ତି। ଏହାକୁ ଆମେ ସ୍ୱାଗତ କରୁଛୁ ଏବଂ ସାଦରେ ଗ୍ରହଣ କରୁଛୁ। ସରକାର ଗଠନ ପରେ ଜାମ୍ମୁ-କାଶ୍ମୀରକୁ ପୁନର୍ବାର କିପରି ପୂର୍ଣ୍ଣ ରାଜ୍ୟ ମାନ୍ୟତା ମିଳିବ ସେଥିଲାଗି ପ୍ରୟାସ କରାଯିବ ବୋଲି ସେ କହିଛନ୍ତି। ରାଜ୍ୟର ବିକାଶ ଏବଂ ଶାନ୍ତି ପ୍ରତିଷ୍ଠା ନୂଆ ସରକାରଙ୍କ ପ୍ରାଥମ କର୍ତ୍ତବ୍ୟ ହେବ ବୋଲି ସେ କହିଛନ୍ତି।



## ଜାମ୍ମୁ-କାଶ୍ମୀରରେ ଆପ୍ ଖାତା ଖୋଲିଲା

**ଶ୍ରୀନଗର, ୮।୧୦:** ହରିୟାନାର ସବୁ ଆସନରେ ଆମ ଆଦମୀ ପାର୍ଟୀ (ଆପ) ପ୍ରାର୍ଥୀ ଦେଇଥିଲେ ମଧ୍ୟ ଗୋଟିଏ ହେଲେ ଆସନ ଜିତିପାରିନାହିଁ। ତେବେ ଜାମ୍ମୁ-କାଶ୍ମୀରରେ ଏହା ଖାତା ଖୋଲିବାକୁ ସମର୍ଥ ହୋଇଛି। ଦୋଡା ଆସନରୁ ଦଳର ମେହରାଜ ମଲ୍ଲିକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱି ବିଜେପିର ଗଜୟ ସିଂହ ରଣାଙ୍କୁ ୪୫୩୮ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଏହି ଆସନରେ ନ୍ୟାସନାଲ କନଫରେନ୍ସ ପ୍ରାର୍ଥୀ ତୃତୀୟ ସ୍ଥାନରେ ରହିଛନ୍ତି। ଏହା ଫଳରେ ଜାମ୍ମୁ-କାଶ୍ମୀର ବିଧାନସଭାରେ ପ୍ରଥମ ଥର ପାଇଁ ଆପର ପ୍ରତିନିଧିତ୍ୱ ରହିବ। ୨୦୧୪ରେ ଦୋଡା ଆସନରୁ ବିଜେପିର ଶକ୍ତି ରାଜ ବିଜୟୀ ହୋଇଥିଲେ। ତେବେ ୧୯୬୨ରୁ ଏଠାରେ କଂଗ୍ରେସ ଓ ନ୍ୟାସନାଲ କନଫରେନ୍ସ ମଧ୍ୟରେ ମୁକାବିଲା ହୋଇଆସୁଥିଲା।

## ଜୁଲାନାରୁ ଜିତିଲେ ଭିନେଶ ଫୋଗତ

**ଚଣ୍ଡିଗଡ଼, ୮।୧୦:** ପୂର୍ବତନ ଅଲିମ୍ପିୟାନ ରେସଲର ଭିନେଶ ଫୋଗତ ହରିୟାନା ବିଧାନସଭା ନିର୍ବାଚନରେ ବିଜୟୀ ହୋଇଛନ୍ତି। ହରିୟାନାର ଜୁଲାନା ଆସନରୁ ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱି ବିଜେପିର କ୍ୟାପଟେ ଯୋଗେଶ ବୈରାଗୀଙ୍କୁ ପ୍ରାୟ ୬ହଜାର ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଏହା ସହିତ ପ୍ରଥମ ଥର ଲାଗି ଭିନେଶ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ବିଜୟ ପରେ ଫୋଗତ କହିଛନ୍ତି ଯେ, ସତ୍ୟର ବିଯ ହୋଇଛି। ତାଙ୍କ ପ୍ରତି ହରିୟାନାବାସୀ ଯେଉଁ ଶ୍ରଦ୍ଧା ଏବଂ ବିାସ ସ୍ଥାପନ କରିଛନ୍ତି ସେଥିଲାଗି ସେ କୃତଜ୍ଞ ବୋଲି କହିଛନ୍ତି।

ତୃତୀୟ ଥର ପାଇଁ ରାଜ୍ୟରେ ଶାସନ କରିବାକୁ ଯାଉଥିବା ବିଜେପି ପକ୍ଷରୁ ଭିନେଶଙ୍କ ପ୍ରତିପକ୍ଷ ଥିଲେ ଯୋଗେଶ କୁମାର। ପ୍ରଥମ ରାଉଣ୍ଡରୁ ଭିନେଶ ତାଙ୍କୁ ପଛରେ ପକାଇ ଆଗେଇ ଚାଲିଥିଲେ। ଶେଷରେ ୬ ହଜାର ମାର୍ଜିନ ସହ ଜୁଲାନର ବିଧାୟିକା ହୋଇଛନ୍ତି ଭିନେଶ। ୨୦୨୪ ଅଲିମ୍ପିକ୍ସ ପରେ ରେସଲିଂରୁ ଅବସର ଘୋଷଣା କରିଥିଲେ ଭିନେଶ ଫୋଗାଟ। ଏହାପରେ ସେ ସେପ୍ଟେମ୍ବର 6ରେ କଂଗ୍ରେସରେ ଯୋଗ ଦେଇଥିଲା।



ଏହା ତାଙ୍କର ପ୍ରଥମ ନିର୍ବାଚନ ହୋଇ ଥିବାବେଳେ ସେ ବିଜୟ ହାସଲ କରିଛନ୍ତି। ହରିୟାଣା ବିଧାନସଭା ପାଇଁ ଅକ୍ଟୋବର ୫ରେ ମତଦାନ ହୋଇଥିଲା। ଆଜି ହରିୟାଣା ସମେତ ଜମ୍ମୁ-କଶ୍ମୀରରେ ଭୋଟ୍ ଗଣତି ହେଉଛି। ହରିୟାଣାରେ ବିଜେପି ଆଗରେ ଥିବାବେଳେ ଜମ୍ମୁ-କଶ୍ମୀରରେ କଂଗ୍ରେସ ଆଗରେ ରହିଛି।

## ଲଡୱା ଆସନରୁ ଜିତିଲେ ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନି



**ଚଣ୍ଡିଗଡ଼, ୮।୧୦:** ନିର୍ବାଚନର ଠିକ ୧୦୦ ଦିନ ପୂର୍ବରୁ ହରିୟାଣାର ମୁଖ୍ୟମନ୍ତ୍ରୀ ପଦ ପାଇଥିବା ବିଜେପିର ବରିଷ୍ଠ ନେତା ନାୟବ ସିଂହ ସୈନି ବିଧାନସଭା ନିର୍ବାଚନରେ କମାଲ କରିଛନ୍ତି। ସେ ଲଡୱା ଆସନରୁ ୧୦ ହଜାରରୁ ଅଧିକ ଭୋଟରେ କଂଗ୍ରେସର ମେୱା ସିଂହଙ୍କୁ ପରାସ୍ତ କରିଛି। ଜାଠ ବହୁଳ ଏହି ନିର୍ବାଚନ ମଣ୍ଡଳୀ ବିଜେପିର ଗଡ଼ ଭାବେ ପରିଚିତ। ବିଜେପି ତା' ଗଡ଼ରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରାର୍ଥୀ କରିଥିଲା ଓ ସେ ମଧ୍ୟ ବାଜିମାତ କରିଛନ୍ତି। ମୁଖ୍ୟମନ୍ତ୍ରୀ ସୈନି ୩୬,୬୧୩ ଖଣ୍ଡ ଭୋଟ ପାଇଥିବା ବେଳେ ମେୱାଙ୍କୁ ୨୬,୯୪୨ ଖଣ୍ଡ ଭୋଟ ମିଳିଛି। ସ୍ୱାଧୀନ ପ୍ରାର୍ଥୀ ବିକ୍ରମଜିତ ସିଂହ ଚେମା ୫୩୯୫, ଆଇଏନଏଲଡିର ସପନା ବରଶାମି ୪୪୩୦ ଓ ଆପ୍‌ର ଯୋଗା ସିଂହ ଉମରି କେବଳ ୨୩୯ ଖଣ୍ଡ ଭୋଟ ପାଇଛନ୍ତି। ନାୟବ ସିଂହ ସୈନି ବିଜୟୀ ହେବା ସହ ବିଜେପି ମଧ୍ୟ ହରିୟାଣାରେ ଐତିହାସିକ ବିଜୟ ଦିଗରେ ଆଗକୁ ବଢ଼ୁଛି। ଯଦି ବର୍ତ୍ତମାନର ଟ୍ରେଣ୍ଡକୁ ବିଚାରକୁ ନିଆଯାଏ, ତା'ହେଲେ ବିଜେପି ଏକାକୀ ରାଜ୍ୟରେ ସରକାର ଗଠନ କରିବ। ଏପରି ସ୍ଥିତିରେ ନାୟବ ସିଂହ ସୈନି ପୁଣି ମୁଖ୍ୟମନ୍ତ୍ରୀ ହେବେ।

## ବାପାଙ୍କ ପରାଜୟର ପ୍ରତିଶୋଧ ନେଲେ ଆଦିତ୍ୟ ସୂର୍ଯ୍ୟେୱାଲା



**ନୂଆଦିଲ୍ଲୀ, ୮।୧୦:** ମାତ୍ର ୨୫ ବର୍ଷ ବୟସରେ ନିର୍ବାଚନ ମୈଦାନକୁ ଓହ୍ଲାଇଥିବା କଂଗ୍ରେସର ରାଜ୍ୟସଭା ସାଂସଦ ରଣଦୀପ ସିଂହ ସୂର୍ଯ୍ୟେୱାଲାଙ୍କ ପୁଅ ଆଦିତ୍ୟ କମାଲ କରିଛନ୍ତି। ସେ ହରିୟାଣା ନିର୍ବାଚନରେ ଡେବ୍ୟୁ କରିଥିବା ବେଳେ କୈଥାଲ ଆସନରୁ ୮,୧୨୪ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି।

ହରିୟାଣା ବିଧାନସଭା ନିର୍ବାଚନର ସବୁଠାରୁ କନିଷ୍ଠ ପ୍ରାର୍ଥୀ ହେବାର ରେକର୍ଡ କରିଥିଲେ ଆଦିତ୍ୟ। ତାଙ୍କୁ ନିର୍ବାଚନରେ ୮୩,୭୪୪ ଖଣ୍ଡ ଭୋଟ ମିଳିଛି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେପି ଭେଟରାନ ଲୀଳା ରାମ(୬୩) ୭୫,୬୨୦ ଖଣ୍ଡ ଭୋଟ ପାଇଛନ୍ତି।

୨୦୧୯ ହରିୟାଣା ବିଧାନସଭା ନିର୍ବାଚନରେ ଲୀଳା ରାମ ୧୨୪୬ ଖଣ୍ଡ ଭୋଟରେ ରଣଦୀପ ସୂର୍ଯ୍ୟେୱାଲାଙ୍କୁ ହରାଇ ଦେଇଥିଲେ। ଏବେ ତାଙ୍କର ୨୫ ବର୍ଷୀୟ ପୁଅ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି।

## ପରାଜୟ ସ୍ୱୀକାର କଲେ ମେହବୁବାଙ୍କ ଝିଅ

**ଶ୍ରୀନଗର, ୮।୧୦:** ଜୋର ସୋର୍‌ରେ ଚାଲିଛି ଜମ୍ମୁ କଶ୍ମୀର ବିଧାନସଭା ନିର୍ବାଚନ ଭୋଟ୍ ଗଣତି। ଏହାରି ଭିତରେ ରେଜଲ୍ଟ ପୂର୍ବରୁ ହାର୍ ସ୍ୱୀକାର କରିଛନ୍ତି ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତିଙ୍କ ଝିଅ ଇଲତିଜା ମୁଫତି। ସେ ଟ୍ୱିଟ୍ କରି କହିଛନ୍ତି, 'ମୁଁ ଜନସାଧାରଣଙ୍କ ନିଷ୍ପତ୍ତି ଗ୍ରହଣ କରୁଛି। ବିଜବେହରର ସମସ୍ତଙ୍କଠାରୁ ମୁଁ ପାଇଥିବା ପ୍ରେମ ଓ ଭଲପାଇବା ସର୍ବଦା ମୋ ପାଖରେ ରହିବ। ମୁଁ ପିଡିପି କର୍ମୀଙ୍କୁ ଧନ୍ୟବାଦ ଦେଉଛି, ଯେଉଁମାନେ ଏହି ସମଗ୍ର ଅଭିଯାନରେ ବହୁତ ପରିଶ୍ରମ କରିଥିଲେ।' ଜମ୍ମୁକଶ୍ମୀରର ହଟ୍ ସିଟ୍ ବିଜବେହରରୁ ଲଢ଼ୁଥିଲେ ପିପୁଲ୍ସ ଡେମୋକ୍ରେଟିକ୍ ପାର୍ଟି ତଥା ପିଡିପି ପ୍ରାର୍ଥୀ ଇଲତିଜା ମୁଫତି। ତେବେ ପ୍ରାରମ୍ଭିକ ଟ୍ରେଣ୍ଡରେ ବହୁ ପଛରେ ଥିଲେ। ପଞ୍ଚମ ପର୍ଯ୍ୟାୟ ଭୋଟ ଗଣତି ସୁଦ୍ଧା ପ୍ରାୟ ସେ ୫୧୦୦ ଭୋଟ୍ ପଛରେ ଥିଲେ।

ସେହିପରି ଏହି ଆସନରୁ ନିର୍ବାଚନ ଲଢ଼ୁଥିବା ନ୍ୟାସନାଲ କନ୍‌ଫରେନ୍ସ ପାର୍ଟିର ବଶିର ଅହମ୍ମଦ ଶାହା ଭେରି ଆଗୁଆ ଅଛନ୍ତି। ସେ ୩୪୫୧ ସିଟ୍‌ରେ ଆଗୁଆ ଅଛନ୍ତି। ସେ କହିଛନ୍ତି, 'ବର୍ତ୍ତମାନ ପର୍ଯ୍ୟନ୍ତ ଆମେ ଯାହା ଆଶା କରୁଥିଲୁ ତାହା ପୂରଣ ହୋଇଛି। ଲୋକମାନେ ଆମକୁ ସମର୍ଥନ କରିଛନ୍ତି।ଭୋଟ୍ ଗଣନର କେବଳ ଚାରିଟି ପର୍ଯ୍ୟାୟ ସରିଛି। ଆହୁରି ଅନେକ ରାଉଣ୍ଡ ବାକି ଅଛି। ମୋର ଆଶା ଆମେ ନିଶ୍ଚିତ ଜିତିବୁ।' ପ୍ରାରମ୍ଭିକ ଟ୍ରେଣ୍ଡରେ କେନ୍ଦ୍ର ଶାସିତ ପ୍ରଦେଶରେ ଆଗରେ ରହିଛି ଏନସି ମେଣ୍ଟ। କଂଗ୍ରେସ-ନ୍ୟାସନାଲ ମେଣ୍ଟ ୫୧ ବିଧାନସଭା ଆସନରେ ଆଗରେ ଚାଲୁଛି। ଭାରତୀୟ ଜନତା ପାର୍ଟି ୨୭ଟି ସିଟରେ ଆଗରେ ରହିଥିବା ବେଳେ ପିଡିପି ୨ ଆସନ ଏବଂ ଅନ୍ୟାନ୍ୟ ୮ଟି ସିଟରେ ଆଗରେ ଅଛି। ଅପରାହ୍ଣ ସୁଦ୍ଧା କିଏ ଗଢ଼ିବ ସରକାର ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି। ବୁଥ ବାହୁଡ଼ା ରିପୋର୍ଟରେ ଜମ୍ମୁ-କଶ୍ମୀରରେ ଏନସି ମେଣ୍ଟ ସରକାର ଗଠନ କରିବା ବୋଲି ଆକଳନ କରାଯାଉଛି।



## ହେଜବୁଲ୍ଲା ମୁଖ୍ୟ କାର୍ଯ୍ୟାଳୟର କମାଣ୍ଡର ନିପାତ

**ବିରୁଟ, ୮।୧୦:** ହେଜବୁଲ୍ଲା ଶକ୍ତିକୁ ଦୁର୍ବଳ କଲା ଇସ୍ରାଏଲ। ସଂଗଠନର ମୁଖ୍ୟ ହାସନ ନସରଲ୍ଲା ଏବଂ ତାଙ୍କ ଉତ୍ତରାଧିକାରୀ ହାସିମ ସୈଫୁଦ୍ଦିନଙ୍କ ପରେ ଏବେ ମୁଖ୍ୟ କାର୍ଯ୍ୟାଳୟର କମାଣ୍ଡରଙ୍କୁ ନିପାତ କରିଛି। ଏନେଇ ଇସ୍ରାଏଲ ସେନା ପକ୍ଷରୁ ସୂଚନା ଦିଆଯାଇଛି। ଇସ୍ରାଏଲ ସେନା ଏକ ଏକ୍ସ ପୋଷ୍ଟରେ କହିଛି ଯେ, ହେଜବୁଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଥିବା କମାଣ୍ଡର ସୁହେଲ ହୁସେନ ହୁସେନୀ ସଫା ହୋଇଛି। ଗତକାଲି ବେରୁଟରେ ହୋଇଥିବା ଏୟାର ଷ୍ଟ୍ରାଇକରେ ହୁସେନ ହୁସେନୀର ନିପାତ ହୋଇଛି। ତେବେ ଏନେଇ ହେଜବୁଲ୍ଲା ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ଗତକାଲି ଇସ୍ରାଏଲ-ହମାସ ଯୁଦ୍ଧକୁ ଗୋଟିଏ ବର୍ଷ ପୂରିଛି। ଏହି ଗୋଟିଏ ବର୍ଷ ମଧ୍ୟରେ ପାଲେଷ୍ଟାଇନ ଓ ଇସ୍ରାଏଲ ବିବାଦ ସମଗ୍ର ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିଦେଇଛି। ଅକ୍ଟୋବର ୭ରେ ଇସ୍ରାଏଲ ପାଲେଷ୍ଟାଇନର ସମର୍ଥିତ ସଂଗଠନ ହମାସ ଇସ୍ରାଏଲ ଉପରେ କରିଥିବା ଆକ୍ରମଣରେ ୧୨୦୦ ଲୋକଙ୍କ ମୃତ୍ୟୁ ଘଟି ଥିବାବେଳେ ୨୫୦ରୁ ଅଧିକ ଲୋକଙ୍କୁ ପଣବନ୍ଦୀ ହୋଇଥିଲେ। ଏହାପରେ ବନ୍ଧକଙ୍କ କାନ୍ଧରେ ବନ୍ଧୁକ ରଖି ଗୁଳି ଚଲାଇଥିଲା ହମାସ। କିନ୍ତୁ ଇସ୍ରାଏଲ ଏହାର କଡ଼ାଗଣ୍ଡା ହିସାବ ନେଇଛି। କେବଳ ହମାସ ନୁହେଁ, ଏହାର ସମର୍ଥିତ ରାଷ୍ଟ୍ରଙ୍କୁ ମଧ୍ୟ ଜବାବ ଦେଇଛି। ଏହି କ୍ରମରେ ଇରାନର ସମର୍ଥିତ ସଂଗଠନ ହେଜବୁଲ୍ଲାର ମେରୁଦଣ୍ଡ ଭାଙ୍ଗି ଦେଇଛି ଇସ୍ରାଏଲ।



## ପଦାର୍ଥ ବିଜ୍ଞାନରେ ୨ ଜଣଙ୍କୁ ନୋବେଲ





**ଷ୍ଟକ୍‌ହୋମ୍, ୮।୧୦:** ଘୋଷଣା ହୋଇଛି ଚଳିତ ବର୍ଷ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର। ୨୦୨୪ ବର୍ଷ ପାଇଁ ୨ ଜଣ ମିଳିତ ଭାବେ ପାଇବେ ପଦାର୍ଥ ବିଜ୍ଞାନରେ ନୋବେଲ୍ ପୁରସ୍କାର। ପଦାର୍ଥ ବିଜ୍ଞାନୀ ଜନ ଜେ ହୋପଫିଲ୍ଡ ଓ ଜେଫ୍ରୀ ହିନଟନଙ୍କୁ ଚଳିତ ବର୍ଷ ନୋବେଲ ପୁରସ୍କାର ମିଳିବ। ଆର୍ଟିଫିସିଆଲ ନ୍ୟୁରାଲ ନେଟୱର୍କ ଜରିଆରେ ମେସିନ ଲର୍ଣ୍ଣିଂ କୌଶଳ ପାଇଁ ସେମାନଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ମିଳିବ। ଦୁଇ ବୈଜ୍ଞାନିକ ନିଜ କ୍ଷେତ୍ରର ଟୁଲକୁ ବ୍ୟବହାର କରି ଆଧୁନିକ ମେସିନ ଲର୍ଣ୍ଣିଂକୁ ଅଧିକ ସହଜ କରିଛନ୍ତି। ଜନ ହୋପଫିଲ୍ଡ ଏମିତି ଏକ ନେଟୱର୍କ ତିଆରି କରିଥିଲେ ଯାହା ଷ୍ଟୋରିଂ ଓ ରିକନଷ୍ଟ୍ରଟିଂ ମେଥଡରେ ବ୍ୟବହାର ହେଉଥିଲା। ଏହା ଜରିଆରେ ନୋଡେସକୁ ପିକ୍ସେଲ୍ସ ଭାବେ ଦେଖାଯାଏ। ଜେଫ୍ରୀ ହିନଟନ ହୋପଫିଲ୍ଡ ନେଟୱର୍କ ତିଆରି କରିଥିଲେ। ଏହଦ୍ୱାରେ ସେ ଗୋଟିଏ ନୂଆ ମଡେଲ ସୃଷ୍ଟି କରିଥିଲେ ଯାହା Boltzmann machine ଜରିଆରେ ପରିଚୟ ହାସଲ କରିଥିଲା। ସ୍ୱତନ୍ତ୍ର ଡାଟାକୁ ଜାଣିବା ପାଇଁ ଏହା ବ୍ୟବହାର ହୋଇଥାଏ।

୨୦୨୩ରେ ୩ ଜଣଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ମିଳିଥିଲା। ପିଏରେ ଆଗୋସ୍ତିନି(Pierre Agostini), ଫେରେନ୍ସ କ୍ରାଉଜ(Ferenc Krausz), ଆନୀ ଏଲ'ହୁଇଲିଅର(Anne L'Huillier)ଙ୍କୁ ଫିଜିକ୍ସରେ ନୋବେଲ୍ ପ୍ରାଇଜ୍ ମିଳିଥିଲା। ପଦାର୍ଥରେ ଇଲେକ୍ଟ୍ରୋନ୍ ଗତିଶୀଳତା କ୍ଷେତ୍ରରେ ଅଧ୍ୟୟନ ପାଇଁ ସେମାନଙ୍କୁ ନୋବେଲ୍ ମିଳିଥିଲା। ୨୦୨୨ ବର୍ଷ ପାଇଁ ମିଳିତ ଭାବେ ତିନି ଜଣଙ୍କୁ ନୋବେଲ୍ ମିଳିଥିଲା। ଆଲେନ୍ ଆସପେକ୍ଟ(Alain Aspect), ଜନ୍ କ୍ଲଜର(John Clauser) ଏବଂ ଆଣ୍ଟନ୍ ଜେଲିଞ୍ଜର୍(Anton Zeilinger) ନୋବେଲ ମିଳିଥିଲା। ଏମାନେ କ୍ୱାଣ୍ଟମ୍ ସ୍ଥିତିକୁ ବ୍ୟବହାର କରି ଗ୍ରାଉଣ୍ଡବ୍ରେକିଙ୍ଗ୍ ପରୀକ୍ଷଣ କରିଥିଲେ। ଯେଉଁଥିରେ ସେମାନେ ଜାଣିବାକୁ ପାଇଥିଲେ ଯେ, ଦୁଇଟି ପାର୍ଟିକିଲ୍ ଅଲଗା ହେବା ପରେ ବି ଗୋଟିଏ ୟୁନିଟ୍ ପରି ଆଚରଣ କରୁଥିଲେ।

ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ପ୍ରତିବର୍ଷ ରୋୟାଲ ସ୍ୱେଡିଶ ଏକାଡେମି ନୋବେଲ୍ ପୁରସ୍କାର ଦେଇଥାଏ। ୧୯୦୧ରୁ ଏହି ପରମ୍ପରା ଚାଲିଆସୁଛି। ୧୯୦୧ରୁ ୨୦୨୪ ମଧ୍ୟରେ ୧୧୮ ଥର ଫିଜିକ୍ସରେ ନୋବେଲ୍ ପ୍ରାଇଜ୍ ଦିଆଗଲାଣି। ବର୍ତ୍ତମାନ ସୁଦ୍ଧା ୨୨୪ ଜଣ ପୁରସ୍କାର ପାଇଥିବା ବେଳେ ଜନ୍ ବର୍ଡେନ ହେଉଛନ୍ତି ଏକମାତ୍ର ବିଜେତା ଯିଏକି ଦୁଇ ଦୁଇ ଥର ବିଶ୍ୱର ଏହି ଶ୍ରେଷ୍ଠତମ ସମ୍ମାନ ପାଇଛନ୍ତି। ସେ ୧୯୫୬ ଏବଂ ୧୯୭୨ରେ ଦୁଇଥର ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଛନ୍ତି।

## ଟ୍ରାକ୍ଟର ଉପରେ ବିଦ୍ୟୁତ୍ ତାର ଛିଡ଼ି ୬ ଜଳିଗଲେ

**ଜୟପୁର, ୮।୧୦:** ରାଜସ୍ଥାନର କରୌଲି ଜିଲ୍ଲାରେ ଏକ ବଡ଼ ଅଘଟଣ ଘଟିଛି। ଉଚ୍ଚ କ୍ଷମତା ସମ୍ପନ୍ନ ଏକ ବିଦ୍ୟୁତ୍ ତାର ଏକ ଟ୍ରାକ୍ଟର ଉପରେ ଖସି ପଡ଼ିବାରୁ ଏକ ପରିବାରର ୬ ଜଣ ଜଳି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ପତିପତ୍ନୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ପରିବାରର ୬ ସଦସ୍ୟ ଟ୍ରାକ୍ଟର ଯୋଗେ ନିଜ କ୍ଷେତକୁ କାମ କରିବାକୁ ଯାଉଥିଲେ। ସେଠାରୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଛି। ଅମରାପୁରା ନିକଟରେ ୧୧ କେଭି ଲାଇନ୍ ତାର ହଠାତ୍ ଟ୍ରାକ୍ଟର ଉପରେ ପଡ଼ି ଯାଇଥିଲା। ଫଳରେ ପରିବାରର ସମସ୍ତ ସଦସ୍ୟ ଜଳି ଯାଇଥିଲେ। ଏହାଦେଖି ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପତିପତ୍ନୀ ସୋନୁ ବେରବା ଓ ନୀରଜଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୪ ଜଣଙ୍କ ଚିକିତ୍ସା ଚାଲିଛି। ତେବେ ସେମାନଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ଗୁରୁତରଙ୍କ ମଧ୍ୟରେ ଛୋଟ ଛୁଆ ବି ଥିବା ଜଣାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଲାଗି ରହିଛି।

## ପ୍ରେମ ପାଇଁ ପରିବାରର ୧୩ ଜଣଙ୍କୁ ବିଷ ଦେଇ ହତ୍ୟା

**ଇସଲାମାବାଦ, ୮।୧୦:** ବେଳେ ବେଳେ ପ୍ରେମରେ ବିଫଳତାର ପରିଣାମ ଭୟଙ୍କରଠୁ ଆହୁରି ଭୟଙ୍କର ହୋଇଯାଏ। ଚରମରୁ ଚରମ ନିଷ୍ପତ୍ତି ନେବାକୁ ପଛାନ୍ତିନି ପ୍ରେମିକ-ପ୍ରେମିକା। ଏହି କ୍ରମରେ ଜଣେ ଯୁବତୀ ଘଟାଇଛନ୍ତି ନାରକୀୟ କାଣ୍ଡ। ପରିବାର ଲୋକ ପ୍ରେମିକ ସହ ବାହା ଦେବାକୁ ରାଜି ନହେବାରୁ ୧୩ ଜଣଙ୍କୁ ଜୀବନରୁ ମାରି ଦେଇଛି। ଏପରି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି ପାକିସ୍ତାନରେ। ସୂଚନା ଅନୁସାରେ, ପାକିସ୍ତାନର ଖେରିପୁର ସ୍ଥିତ ହୈବତ ଖାନ ଭୋଇ ଗ୍ରାମର ଜଣେ ଯୁବତୀ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। ମାତ୍ର ପରିବାର ଲୋକେ ତାଙ୍କ ସହ ବାହା ଦେବେ ନାହିଁ ବୋଲି ରୋକ୍ ଠୋକ୍ ମନା କରିଦେଇଥିଲେ। ଫଳରେ ସେ ତାଙ୍କ ପ୍ରେମିକ ସହ ମିଶି ବାପାମାଆଙ୍କ ସହ ଅନ୍ୟ ସଦସ୍ୟଙ୍କୁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରିଥିଲେ। ଶେଷରେ ଅଗଷ୍ଟ ୧୯ରେ ଘରେ ଥିବା ଅଟାରେ ମାରାତ୍ମକ ବିଷ ମିଶାଇଥିଲେ। ପରିବାରର ୧୩ ଜଣ ସଦସ୍ୟ ଏହି ଅଟାରୁ ତିଆରି ରୁଟି ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ପୋଷ୍ଟମୋର୍ଟମ୍ ରିପୋର୍ଟରୁ ବିଷକ୍ରିୟା ହୋଇଥିବା ଜଣାପଡିଥିଲା। ମାତ୍ର ସେମାନେ ଆତ୍ମହତ୍ୟା କରିଥିଲେ ନା ଅନ୍ୟ କେହି ଖାଦ୍ୟରେ ବିଷ ମିଶାଇଥିଲେ ସେନେଇ ତଦନ୍ତ ଆରମ୍ଭ କରିଥିଲା ପୁଲିସ। ତଦନ୍ତ ସମୟରେ ଯୁବତୀ ଜଣକ ସତ ମାନିଛନ୍ତି। ପ୍ରେମିକ ସହ ମିଶି ଅଟାରେ ବିଷ ମିଶାଇଥିବା କହିଛନ୍ତି। ପୁଲିସ ଯୁବତୀଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି।

## ରାସ୍ତା ମଝିରେ ଟ୍ରେନ୍ ବଗି



**ପ୍ରୟାଗରାଜ, ୮।୧୦:** ରାସ୍ତାରେ ଲମ୍ବିଛି ଲମ୍ବା ଭିଡ଼ । ଏହି ଭିଡ଼ କୌଣସି ବସ୍, ଟ୍ରକ୍ ପାଇଁ ନୁହେଁ ବରଂ ଏକ ଟ୍ରେନ୍ ବଗି ପାଇଁ ହୋଇଥିଲା। ରାସ୍ତାରେ ପ୍ରଥମ ଥର ଏକ ଏସି ଟ୍ରେନ୍ ବଗି ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ । ଟ୍ରେନ୍, ବଗି କିପରି ରାସ୍ତାକୁ ଆସିଲା ଯାହା ଲୋକଙ୍କୁ ଚକିତ କଲା। ଏଥିପାଇଁ ପ୍ରବଳ ରାସ୍ତା ଜାମ ହୋଇଥିବା ବେଳେ ଏହାକୁ କ୍ଲିୟର କରିବାକୁ ଲାଗିଗଲା ୮ ଘଣ୍ଟା। ଏପରି ଏକ ଅଜଣ ଘଟଣା ଉତ୍ତରପ୍ରଦେଶର ପ୍ରୟାଗରାଜରେ ଦେଖିବାକୁ ମିଳିଛି।

ଘଟଣା ବୁଝୁ ବୁଝୁ ବଗିଟି ଏକ ଟ୍ରେଲର ଯୋଗେ ଷ୍ଟେଶନ ଅଭିମୁଖେ ଯାଉଥିଲା। ମାତ୍ର ବଜାର ମଝିରେ ବୁଲାଣିରେ ଟ୍ରେଲରଟି ଅଟକି ଯିବାରୁ ତା' ଉପରେ ବଗିଟି ବି ଅଟକି ଯାଇଥିଲା। ଲମ୍ବା ଅଧିକ ଥିବାରୁ ବଗିଟି ବୁଲାଣିରେ ଫସି ଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱର ବହୁ ସଂଖ୍ୟାରେ ବସ୍, ଟ୍ରକ୍ ଅଟକି ରହିଥିଲା। ସ୍ଥିତି ଏପରି ହେଲା ଯେ, ଉକ୍ତ ରାସ୍ତାଟି ପ୍ରାୟ ୮ ଘଣ୍ଟା ପାଇଁ ବ୍ଲକ୍ ହୋଇ ଯାଇଥିଲା। ପୁଲିସ୍ ଓ ଟ୍ରାଫିକ୍ ପୁଲିସ୍‌କୁ ସ୍ଥିତି ସମ୍ଭାଳିବା ସହ ଗାଡ଼ିଗୁଡ଼ିକ ସୁରୁଖୁରରେ ଯାତାୟତ ବ୍ୟବସ୍ଥା କରାଇବା ନିମନ୍ତେ ବହୁ ପରିଶ୍ରମ କରିବାକୁ ପଡ଼ିଥିଲା। ଏପରିକି ବଗିଟିକୁ ରାସ୍ତାରୁ ହଟାଇବା ସମ୍ଭବ ନ ହେବାରୁ ଘଟଣାସ୍ଥଳକୁ ଦୁଇଟି କ୍ରେନ ଅଣାଯାଇଥିଲା। କ୍ରେନ୍ ସହାୟତାରେ ବଗିକୁ ଉଠାଇ ରାସ୍ତା ଜାମକୁ କ୍ଲିୟର କରାଯାଇଥିଲା। ଏହାପରେ ଗାଡ଼ିଗୁଡ଼ିକ ସୁରୁଖୁରରେ ଯାତାୟତ କରିଥିଲା। ୨୦୨୨ ମସିହା ପୂର୍ବରୁ ରେଳ ବିଭାଗ ପକ୍ଷରୁ ଯାତ୍ରୀଙ୍କ ସୁବିଧା ନିମନ୍ତେ ପରୀକ୍ଷାମୂଳକ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହି ଯୋଜନାରେ ହିଁ ଉକ୍ତ ଏସି ଟ୍ରେନ୍ ବଗିଟିକୁ ସୁବେଦାରଗଞ୍ଜ ରେଲୱେ ଷ୍ଟେଶନକୁ ନିଆଯାଇଥିଲା। ଏକ ପ୍ରାଇଭେଟ ଫୁଡ କମ୍ପାନୀକୁ ଉକ୍ତ ବଗି ଲିଜ୍‌ରେ ଦିଆଯାଇଥିଲା ସୁବେଦାରଗଞ୍ଜ ରେଲୱେ ଷ୍ଟେଶନରେ ଉକ୍ତ ବଗିରେ ଏକ ରେଷ୍ଟୁରାଣ୍ଟ ଖୋଲିବାକୁ ଯୋଜନା କରାଯାଇଥିଲା। ତେଣୁ ଉକ୍ତ ବଗିକୁ ରେଳ ରିପାୟରିଂ ସେଣ୍ଟରରୁ ଟ୍ରେଲର ଉପରେ ରେଳ ଷ୍ଟେଶନକୁ ନିଆଯାଉଥିଲା। ଏକ ଟ୍ରେନ୍ ବଗିକୁ ରାସ୍ତାରେ ଦେଖି ଲୋକେ ହତବାକ ହୋଇ ଯାଇଥିବା ବେଳେ କିଛି ଏହ ସହ ସେଲଫି ଉଠାଇବାକୁ ଲାଗିଲେ। କାରଣ ସେମାନେ ପ୍ରଥମ ଥର ପାଇଁ ରାସ୍ତାରେ ଏକ ବଗି ଦେଖୁଥିବା ବେଳେ ନିଜ ଆଖିକୁ ବିଶ୍ୱାସ କରି ପାରୁ ନ ଥିଲେ।

# ଜିମ୍ନାଷ୍ଟିକ୍‌କୁ ଦୀପା କର୍ମକାରଙ୍କ ବାଏ ବାଏ



**ନୂଆଦିଲ୍ଲୀ,୮।୧୦:** ଭାରତର ପ୍ରଥମ ମହିଳା ଭାବେ ଅଲିମ୍ପିକ୍ସରେ ଜିମ୍ନାଷ୍ଟିକ୍ସ ଇଭେଣ୍ଟରେ ଭାଗ ନେଇ ପୂରା ଦୁନିଆକୁ ନିଜ ଦକ୍ଷତା ବଳରେ ପ୍ରଭାବିତ କରିଥିବା ଦୀପା କର୍ମକାର ବଡ଼ ଘୋଷଣା କରିଛନ୍ତି। ମାତ୍ର ୩୧ ବର୍ଷ ବୟସରେ ସେ ଜିମ୍ନାଷ୍ଟିକ୍ସରୁ ଅବସର ନେଇ ଯାଇଛନ୍ତି। ସେ ସୋଶାଲ ମିଡିଆରେ ଏହାର ସୂଚନା ଦେବା ସହ ଅବସର ପଛର କାରଣ ବି କହିଛନ୍ତି। ଭବିଷ୍ୟତରେ ସେ କୋଚ କିମ୍ବା ମେଣ୍ଟୋର ଭୂମିକାରେ ଆସି ପାରନ୍ତି ବୋଲି ସଙ୍କେତ ଦେଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହେବାର କିଛି ମାସ ପରେ ଦୀପା ଏଭଳି ଘୋଷଣା କରିଛନ୍ତି।

୩୧ ବର୍ଷୀୟ ଦୀପା କହିଛନ୍ତି, "ଅନେକ କିଛି ଭାବିବା ପରେ ମୁଁ ଜିମ୍ନାଷ୍ଟିକ୍ସରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଏପରି ନିଷ୍ପତ୍ତି ମୋ ପାଇଁ ଆଦୌ ସହଜ ନଥିଲା। କିନ୍ତୁ ମୁଁ ଭାବୁଛି ଏବେ ଏହି ଉପଯୁକ୍ତ ସମୟ। ଜିମ୍ନାଷ୍ଟିକ୍ସ ମୋ ଜୀବନର ବହୁତ ବଡ଼ ଅଂଶ। ମୁଁ ପ୍ରତିଟି ମୁହୂର୍ତ୍ତ ପାଇଁ କୃତଜ୍ଞ। ଏବେ ବି ୫ ବର୍ଷର ଦୀପା କଥା ମୋର ମନେ ପଡୁଛି ଫ୍ଲାଟ ଫିଟ୍ ବା ପାଦ ପାଇଁ ମୁଁ କେବେ ଜିମ୍ନାଷ୍ଟ ହୋଇପାରିବି ନାହିଁ ବୋଲି ମୋତେ କୁହାଯାଉଥିଲା। ଆଜି ମୁଁ ହାସଲ କରିଥିବା ସଫଳତା ପାଇଁ ଗର୍ବିତ। ଭାରତକୁ ବିଶ୍ୱ ଦରବାରରେ ପ୍ରତିନିଧିତ୍ୱ କରିବା, ପଦକ ଜିତିବା ଓ ରିଓ ଅଲିମ୍ପିକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବା ମୋ କ୍ୟାରିୟର ଅବିସ୍ମରଣୀୟ ମୁହୂର୍ତ୍ତ। ଆଜି ଛୋଟ ଦୀପା ମୋତେ ଖୁସି କରିପାରିଛି। କାରଣ ସ୍ୱପ୍ନ ଦେଖିବାର ସାହସ ତା' ପାଖରେ ଥିଲା। ତାସ୍କେଣ୍ଟରେ ଅନୁଷ୍ଠିତ ଏସିଆନ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପରେ ବିଜୟ ମୋ ଜୀବନରେ ଏକାଏକ ଟର୍ଣ୍ଣିଂ ପଏଣ୍ଟ ହୋଇ ରହିଛି। ମୁଁ ଭାବୁଥିଲି ନିଜକୁ ଆଗକୁ ନେବି। କିନ୍ତୁ ବେଳେବେଳେ ନିଜର ଶରୀର କହେ, ଏବେ ବିଶ୍ରାମ ନେବାର ସମୟ ଆସି ଯାଇଛି। ହୃଦୟ ଏଥିରେ ଏକମତ ହେଉ ନଥିଲେ ହେଁ ଶରୀରର ବିଶ୍ରାମ ନେବାକୁ କହିଥାଏ।"

ରିଓ ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ଭାଗ ନେଇଥିବା ଦୀପା ଅତ୍ୟନ୍ତ ଚ୍ୟାଲେଞ୍ଜିଂ ତଥା ବିପଦପୂର୍ଣ୍ଣ Produnova vaultରେ ପ୍ରଦର୍ଶନ କରିଥିଲେ। ସେ ସମସ୍ତଙ୍କୁ ଚକିତ କରି ୪ର୍ଥ ସ୍ଥାନରେ ନିଜର ଅଭିଯାନ ଶେଷ କରିଥିଲେ। ସେ ୦.୧୫ ପଏଣ୍ଟ ପାଇଁ ବ୍ରୋଞ୍ଜ ମେଡାଲରୁ ବଞ୍ଚିତ ହୋଇଥିଲେ। କିନ୍ତୁ ନିଜର ପ୍ରଦର୍ଶନ ବଳରେ ସେ ନିଜର ଛାପ ଛାଡ଼ିବାକୁ ସକ୍ଷମ ହୋଇଥିଲେ। ୨୦୧୬ରେ ତାଙ୍କୁ ଖେଳ ରତ୍ନ ଓ ୨୦୧୭ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଲିମ୍ପିକ୍ସରେ ଡେବ୍ୟୁ କରିବା ପୂର୍ବରୁ ଦୀପା ଅନେକ ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ନାଁ ଉଜ୍ଜ୍ୱଳ କରିଥିଲେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମହିଳା ଭଲ୍ଟରେ ସେ ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ। ସେ ଭାରତୀୟ ମହିଳା ଭାବେ ଏଭଳି ସଫଳତା ପାଉଥିଲେ। ୨୦୧୫ ହିରୋଶିମାରେ ଆୟୋଜିତ ଏସିଆନ ଚାମ୍ପିୟନସିପରେ ଦୀପା ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ୨୦୧୫ ବିଶ୍ୱ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପରେ ସେ ଭାରତର ପ୍ରଥମ ମହିଳା ଭାବେ ୫ମ ସ୍ଥାନରେ ନିଜର ଅଭିଯାନ ଶେଷ କରିଥିଲେ।




# ସମାଲୋଚକଙ୍କ ମୁହଁ ବନ୍ଦ କଲେ ପାକ୍ ଅଧିନାୟକ ଶାନ ମସୁଦ

**ନୂଆଦିଲ୍ଲୀ, ୮।୧୦:** ପାକିସ୍ତାନ ଟେଷ୍ଟ ଟିମର ଅଧିନାୟକ ଶାନ ମସୁଦ ତାଙ୍କ ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ସେ ଦମଦାର ଶତକ ହାସଲ କରିଛନ୍ତି। ବାଂଲାଦେଶଠାରୁ ୦-୨ ହାରି ଚାପରେ ରହିଥିବା ଶାନ ମୁଲତାନ ମାଟିରେ ନିଜର ଦମ ଦେଖାଇଛନ୍ତି। ସେ ମାତ୍ର ୧୦୨ ବଲରେ ଶତକ ହାସଲ କରି ଇଂଲଣ୍ଡ ବୋଲରଙ୍କୁ ଘାଇଲା କରିଛନ୍ତି। ମୁଲତାନ କ୍ରିକେଟ ଷ୍ଟାଡିୟମର ପିଚ୍ ସାଧାରଣତଃ ବ୍ୟାଟରଙ୍କୁ ସୁହାଉଥିବା ବେଳେ ଶାନ ଏହାର ଜବରଦସ୍ତ ଫାଇଦା ଉଠାଇ ପାକିସ୍ତାନକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଛନ୍ତି। ସେ ୧୫୧ ରନ ଇନିଂସ ଖେଳି ଆଉଟ ହୋଇଥିବା ବେଳେ ପାକିସ୍ତାନ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୪ ୱିକେଟ ହରାଇ ୩୨୮ ରନ କରି ନେଇଛି। ତାଙ୍କ ବ୍ୟତୀତ ଅବଦୁଲ୍ଲା ସଫିକ୍ୟୁ ମଧ୍ୟ ୧୦୨ ରନର ଇନିଂସ ଖେଳିଛନ୍ତି। ତେବେ ପୂର୍ବତନ ଅଧିନାୟକ ବାବର ଆଜମ କେବଳ ୩୦ ରନ କରିବାକୁ ସକ୍ଷମ ହୋଇଛନ୍ତି। ଶାନ ଆଜି ଶତକ ହାସଲ କରିବା ପରେ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହା ଅଧିନାୟକ ଭାବେ ଶାନଙ୍କ ପ୍ରଥମ ଟେଷ୍ଟ ଶତକ। ମୁଲତାନରେ ସେ ୧୫୧ ରନର ଇନିଂସ ଖେଳି ୧୫୨୪ ଦିନ ଧରି ଧଳା ଜର୍ସିରେ ଜାରି ରହିଥିବା ଶତକ ମରୁଡ଼ିକୁ ଶେଷ କରିଛନ୍ତି।

ସେହିପରି ବାବର ଆଜମ ଓ ଇଞ୍ଜିମାମ ଉଲ ହକଙ୍କ ପରେ ଶାନ ତୃତୀୟ ପାକ ଅଧିନାୟକ ଭାବେ ଇଂଲଣ୍ଡ ବିପକ୍ଷରେ ଘରୋଇ ମାଟିରେ ଶତକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଗତ ମାସରେ ପାକିସ୍ତାନ ୦-୨ରେ ବାଂଲାଦେଶଠାରୁ ହାରିବା ପରେ ତୀବ୍ର ସମାଲୋଚନାର ଶିକାର ହୋଇଥିଲା। ପ୍ରେସ କନଫରେନ୍ସରେ ଶାନ ମସୁଦଙ୍କ ଜଣେ ସାମ୍ବାଦିକଙ୍କ ଯୁକ୍ତିତର୍କ ବି ହୋଇଥିଲା। ତେବେ ସେ ସବୁ ଭୁଲି ଆଜିଠାରୁ ପାକିସ୍ତାନ ଘରୋଇ ମାଟିରେ ଇଂଲଣ୍ଡ ସହ ଲଢ଼େଇ ଆରମ୍ଭ କରିଛି। ମ୍ୟାଚ୍‌ର ୪ର୍ଥ ଓଭରରେ ପାକିସ୍ତାନ ଓପନର ସାମି ଆୟୁବ(୪)ଙ୍କୁ ହରାଇଥିଲା। କିନ୍ତୁ ଏହାପରେ ଶାନ ଓ ଅବଦୁଲ୍ଲା ୨୦୦ରୁ ଅଧିକ ରନର ଭାଗିଦାରୀ କରି ପାକିସ୍ତାନକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଉଭୟ ଇଂଲଣ୍ଡ ବିପକ୍ଷରେ ଶତକ ମଧ୍ୟ ହାସଲ କରିଥିଲେ।

# ଗ୍ୱାଲିୟର ପଦାର୍ପଣ ପରେ ମୟଙ୍କ କୋଟିପତି !

**ନୂଆଦିଲ୍ଲୀ, ୮।୧୦:** ଭାରତୀୟ କ୍ରିକେଟ୍‌ର ନୂଆ ଦ୍ରୁତ ବୋଲର ମୟଙ୍କ ଯାଦବ ଆଗାମୀ ଆଇପିଏଲ୍‌ର କୋଟିପତି ଖେଳାଳି ତାଲିକାରେ ସାମିଲ ହୋଇଯିବେ। ବାଂଲାଦେଶ ବିପକ୍ଷରେ ରବିବାର ପଦାର୍ପଣ କରିବା ପରେ ସେ ନିଲାମରେ ୧୧ କୋଟି ଟଙ୍କା ପାଇବା ସମ୍ଭାବନା ଦେଖାଦେଇଛି। ଆଇପିଏଲ୍‌ର ଖେଳାଳି ସଂରକ୍ଷିତ ରଖିବା ନିୟମକୁ ସମୀକ୍ଷା କରାଯିବା ପରେ ଏହି ଅନୁମାନ କରାଯାଉଛି। ନୂଆ ନିୟମ ଅନୁସାରେ, ନିଲାମ ପୂର୍ବରୁ ଯଦି ଜଣେ ଖେଳାଳି ଆନ୍ତର୍ଜାତିକ ପଦାର୍ପଣ କରନ୍ତି, ତାହେଲେ ତାଙ୍କୁ 'କ୍ୟାପ୍‌ଡ ପ୍ଲେୟର' ବର୍ଗରେ ନିଆଯିବ। ତେଣୁ 'କ୍ୟାପ୍‌ଡ ପ୍ଲେୟର' ସଂରକ୍ଷିତ ରଖାଯିବା ନିୟମରେ ପ୍ରଥମ ପ୍ରସନ୍ଦର ଖେଳାଳିଙ୍କୁ ସର୍ବନିମ୍ନ ୧୮ କୋଟି, ଦ୍ୱିତୀୟ ପସନ୍ଦଙ୍କୁ ୧୪ କୋଟି ଓ ତୃତୀୟ ପସନ୍ଦଙ୍କୁ ଅନ୍ୟୂନ ୧୧ କୋଟି ଟଙ୍କା ଫ୍ରାଞ୍ଚାଇଜ୍ ପ୍ରଦାନ କରିବେ। ଅକ୍ଟୋବର ୩୧ ତାରିଖ ସୁଦ୍ଧା ଫ୍ରାଞ୍ଚାଇଜ୍ ଖେଳାଳି ସଂରକ୍ଷିତ ତାଲିକା ପ୍ରଦାନ କରିବେ। ସେତେବେଳକୁ ମୟଙ୍କ ବାଂଲାଦେଶ ଶୃଙ୍ଖଳା ଶେଷ କରିସାରିଥିବେ। ମୟଙ୍କଙ୍କ ଆଇପିଏଲ୍ ଦଳ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ତାଙ୍କୁ ୨୦୨୩ରେ 'ଅନ୍‌କ୍ୟାପ୍‌ଡ' ଖେଳାଳି ଭାବେ ୨୦ ଲକ୍ଷ ଟଙ୍କାରେ କିଣିଥିଲା। ଏବେ ଦଳ ପାଖରେ କେଏଲ୍ ରାହୁଲ, କ୍ୱିଣ୍ଟନ ଡି'କକ୍, ନିକୋଲାସ ପୂରନ, ମାର୍କସ ଷ୍ଟୋଇନିସ୍‌ଙ୍କ ଭଳି ହେଭିୱେଟ୍ ଖେଳାଳି ଅଛନ୍ତି। କିନ୍ତୁ ପ୍ରଶିକ୍ଷକ ଜଷ୍ଟିନ୍ ଲାଙ୍ଗର ଓ ନୂଆ ମେଣ୍ଟର ଜାହିର ଖାନ୍ କୌଣସି ମତେ ମୟଙ୍କଙ୍କ ଭଳି ଏକ ହୀରାକୁ ନିଲାମ ଭିତରକୁ ଠେଲି ରିସ୍କ ନେବାକୁ ଚାହିବେନି। ଦୁଇ ବର୍ଷ ଧରି ମୟଙ୍କଙ୍କ ଉପରେ ଦଳ ଅନେକ କିଛି ବିନିଯୋଗ କରିଛି। ଭବିଷ୍ୟତରେ ସେ ଦଳର ପ୍ରମୁଖ ଖେଳାଳି ହୋଇପାରନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଯଦିବି ତାଙ୍କୁ ତୃତୀୟ ସଂରକ୍ଷିତ ଖେଳାଳି ଭାବେ ରଖାଯାଏ, ତାହେଲେ ମଧ୍ୟ ଅନ୍ୟୂନ ୧୧ କୋଟି ଟଙ୍କା ମୟଙ୍କ ପାଇବେ। ଅନ୍ୟପକ୍ଷରେ ସମାନ ଘଟଣା ନୀତୀଶ ରେଡ୍ଡୀଙ୍କ ସହିତ ଘଟିବନି। କାରଣ ସନରାଇଜର୍ସ ହାଇଦ୍ରାବାଦ ଦଳରେ ପାଟ୍ କମିନ୍ସ, ଟ୍ରାଭିସ୍ ହେଡ୍, ଅଭିଷେକ ଶର୍ମାଙ୍କ ଭଳି ମ୍ୟାଚ୍ ବିଜେତା ଥିବାରୁ ଦଳ ନୀତୀଶଙ୍କ କ୍ଷେତ୍ରରେ ସାଲିସ୍ କରିପାରେ। କିନ୍ତୁ ତାଙ୍କୁ 'ରାଇଟ୍ ଟୁ ମ୍ୟାଚ୍ (ଆର୍‌ଟିଏମ୍)'ର ଫାଇଦା ମିଳିପାରେ।



# ରିଲାଏନ୍ସ ସହ ତ୍ରୁଟିପୂର୍ଣ୍ଣ ଚୁକ୍ତି ପାଇଁ ଆଇଓସିର ୨୪ କୋଟି କ୍ଷତି

**ନୂଆଦିଲ୍ଲୀ, ୮।୧୦:** ରିଲାଏନ୍ସ ଇଣ୍ଡିଆ ଲିମିଟେଡ୍ (ଆର୍‌ଆଇଏଲ୍) ସହିତ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓସି)ର ତ୍ରୁଟିପୂର୍ଣ୍ଣ ପ୍ରାୟୋଜକ ଚୁକ୍ତି ପାଇଁ ଏହି ଜାତୀୟ କ୍ରୀଡ଼ା ସଂଘକୁ ୨୪ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ସିଏଜି ରିପୋର୍ଟ ଅନୁସାରେ, ୨୦୨୨ ଅଗଷ୍ଟ ୧ ତାରିଖରେ ଉଭୟ ସଂସ୍ଥାଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ଏସୀୟ କ୍ରୀଡ଼ା (୨୦୨୨, ୨୦୨୬), ରାଜ୍ୟଗୋଷ୍ଠୀ କ୍ରୀଡ଼ା (୨୦୨୨, ୨୦୨୬), ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ଓ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ଆର୍‌ଆଇଏଲ୍‌କୁ ଆଇଓଏ ସହିତ ଯୋଡ଼ି ହେବା ପାଇଁ ଚୁକ୍ତି ମାଧ୍ୟମରେ ଅଧିକାର ମିଳିଥିଲା। ଏଥିପାଇଁ ଅଲିମ୍ପିକ୍ସ ସମୟରେ ଆର୍‌ଆଇଏଲ୍ ପ୍ୟାରିସ୍‌ରେ 'ଇଣ୍ଡିଆ ହାଉସ୍' ନିର୍ମାଣ କରିଥିଲା। ପରବର୍ତ୍ତୀ ସମୟରେ ୨୦୨୩ ଡିସେମ୍ବର ୫ ତାରିଖରେ ଏକ ସଂଶୋଧିତ ଚୁକ୍ତି କରାଯାଇ ଆରଆଇଏଲ୍‌କୁ ଶୀତକାଳୀନ ଅଲିମ୍ପିକ୍ କ୍ରୀଡ଼ା (୨୦୨୬, ୨୦୩୦) ଓ ଯୁବ ଅଲିମ୍ପିକ୍ କ୍ରୀଡ଼ା (୨୦୨୬, ୨୦୩୦) ପାଇଁ ମଧ୍ୟ ଅନୁମତି ମିଳିଛି। ହେଲେ ଏହି ଅତିରିକ୍ତ କ୍ରୀଡ଼ାଗୁଡ଼ିକ ଯୋଡ଼ି ହୋଇଥିଲେ ମଧ୍ୟ ମୂଳଚୁକ୍ତିର ପ୍ରାୟୋଜକ ଅର୍ଥରେ କୌଣସି ପରିବର୍ତ୍ତନ କରାଯାଇ ନଥିଲା। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟୋଜକ ବାବଦକୁ ୩୫ କୋଟି ଟଙ୍କାର ଚୁକ୍ତି ହୋଇଥିଲା। କିନ୍ତୁ ଅତିରିକ୍ତ ୪ କ୍ରୀଡ଼ା ପାଇଁ ଆଇଓଏ ଏହି ମୂଲ୍ୟକୁ ୩୫ କୋଟିରୁ ୫୯ କୋଟିକୁ ବୃଦ୍ଧି କରିପାରିଥାନ୍ତା। ପ୍ରତି କ୍ରୀଡ଼ା ପାଇଁ ୬ କୋଟି ଟଙ୍କା ହିସାବ କରାଯାଇ ଏହି ମୂଲ୍ୟ ନିର୍ଧାରଣ କରାଯାଇଥିଲା। ତେଣୁ ଆର୍‌ଆଇଏଲ୍‌କୁ ଅହେତୁକ ଅନୁକମ୍ପା ଦେଖାଇଥିବାରୁ ଆଇଓଏକୁ ଏଭଳି ତ୍ରୁଟିପୂର୍ଣ୍ଣ ଚୁକ୍ତି ପାଇଁ ୨୪ କୋଟି ଟଙ୍କାର କ୍ଷତି ହୋଇଥିବା ସିଏଜି ଏକ ରିପୋର୍ଟରେ ଦର୍ଶାଇଛି। ଏହା ଉପରେ ସିଏଜି ପକ୍ଷରୁ ଆଇଓଏ ସଭାପତି ପିଟି ଉଷାଙ୍କଠୁ ଜବାବ ତଲବ ମଧ୍ୟ କରାଯାଇଛି।

# ଗୌତମ ଗମ୍ଭୀରଙ୍କୁ ପ୍ରଶଂସା କରିବା ଉଚିତ ନୁହେଁ: ଗାଭାସ୍କର

**ନୂଆଦିଲ୍ଲୀ,୮।୧୦:** ଗୌତମ ଗମ୍ଭୀରଙ୍କ କୋଚିଂରେ ଟିମ ଇଣ୍ଡିଆ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ ପ୍ରଦର୍ଶନ କରିଛି। ବିଶେଷକରି ବାଂଲାଦେଶ ବିପକ୍ଷ କାନପୁର ଟେଷ୍ଟରେ ଟିମ ଇଣ୍ଡିଆ ଜବରଦସ୍ତ ଢଙ୍ଗରେ ଜିତିଥିଲା। ଏହି ମ୍ୟାଚରେ ପ୍ରଥମ ତିନି ଦିନ ବର୍ଷା ଦ୍ୱାରା ପ୍ରଭାବିତ ହୋଇଥିଲା ଏବଂ ଏହା ପରେ ଶେଷ ଦୁଇ ଦିନରେ ସମ୍ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା ଏବଂ ଏହା ସତ୍ତ୍ୱେ ଟିମ ଇଣ୍ଡିଆ ଏହି ମ୍ୟାଚ ଜିତିଥିଲା। ଏହି ବିଜୟ ପରେ ଅନେକ ଲୋକ ଗୌତମ ଗମ୍ଭୀରଙ୍କ କୋଚିଂ ଏବଂ ତାଙ୍କ ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। କିନ୍ତୁ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ରିକେଟର୍ ସୁନୀଲ ଗାଭାସ୍କର ସେହି ଲୋକଙ୍କୁ ଭର୍ତ୍ସନା କରିଛନ୍ତି। ସୁନୀଲ ଗାଭାସ୍କର ସେହି ଲୋକଙ୍କୁ ପରାମର୍ଶ ଦେଇଛନ୍ତି, ସେମାନେ ଗୌତମ ଗମ୍ଭୀରଙ୍କ ପାଦକୁ ଚାଟିବା ଉଚିତ୍ ନୁହେଁ। ନିକଟରେ ସୁନୀଲ ଗାଭାସ୍କର ଏକ ସ୍ତମ୍ଭ ଲେଖିଛନ୍ତି। ଏଥିରେ ସେ ଲେଖିଛନ୍ତି, ଟିମ ଇଣ୍ଡିଆର ଆକ୍ରମଣାତ୍ମକ ଚିନ୍ତାଧାରା ପାଇଁ ରୋହିତ ଶର୍ମାଙ୍କୁ ଶ୍ରେୟ ଦିଆଯିବା ଉଚିତ୍। ଏଥିପାଇଁ ଗମ୍ଭୀରଙ୍କୁ ଶ୍ରେୟ ଦେବା ଠିକ୍ ନୁହେଁ। ଅଯଥା ତାଙ୍କ ପାଦ ଚାଟିବା ଅନାବଶ୍ୟକ। ଗମ୍ଭୀର କୋଚ ଦାୟିତ୍ୱ ଗ୍ରହଣ କରିବାର ମାତ୍ର ଦୁଇ ମାସ ବିତିଗଲାଣି। ସେ ନିଜେ ମ୍ୟାକକୁଲମଙ୍କ ଷ୍ଟାଇଲ୍‌ରେ ଦ୍ରୁତ ଗତିରେ ବ୍ୟାଟିଂ କରି ନ ଥିଲେ। ରୋହିତ ଶର୍ମା ନିଶ୍ଚିତ ଭାବରେ ଜଣେ ବିସ୍ଫୋରକ ବ୍ୟାଟ୍ସମ୍ୟାନ। ସେ ନିଜ ପାଇଁ ନୁହେଁ ବରଂ ଦଳ ପାଇଁ ବ୍ୟାଟିଂ କରନ୍ତି। କାନପୁର ଟେଷ୍ଟର ପ୍ରଥମ ଇନିଂସରେ ରୋହିତ ହିଁ ବାଂଲାଦେଶ ଉପରେ ଆକ୍ରମଣ କରିଥିଲେ ଏବଂ ଏହା ପରେ ସମସ୍ତ ଭାରତୀୟ ବ୍ୟାଟ୍ସମ୍ୟାନ ସମାନ ଢଙ୍ଗରେ ବ୍ୟାଟିଂ କରିଥିଲେ।

ସୁନୀଲ ଗାଭାସ୍କର ମଧ୍ୟ ତାଙ୍କ ସ୍ତମ୍ଭରେ ଲେଖିଛନ୍ତି, କାନପୁର ଟେଷ୍ଟରେ ବିଜୟ ସହ ଟିମ ଇଣ୍ଡିଆ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲରେ ପହଞ୍ଚିବା ପାଇଁ ଆବଶ୍ୟକ ପଏଣ୍ଟ ପାଇଛି। ଏହି ମ୍ୟାଚ ଜିତିବା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଦଳ ଜାଣିଥିଲା। ସେହି ଅନୁସାରେ ଖେଳିଲା। ଗାଭାସ୍କରଙ୍କ ଅନୁଯାୟୀ, ଯଦି ଏହା ହୋଇନଥାନ୍ତା ତେବେ ସେ ବ୍ୟକ୍ତିଗତ ରେକର୍ଡ ପାଇଁ ଖେଳିଥାନ୍ତେ। ତେଣୁ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଭଳି ଟୁର୍ନାମେଣ୍ଟ ଆୟୋଜନ କରିବା ଏକ ପ୍ରଶଂସାଯୋଗ୍ୟ ପଦକ୍ଷେପ। ଏହା ଟେଷ୍ଟ କ୍ରିକେଟ୍‌କୁ ନୂଆ ଜୀବନ ଦେଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହରିଆଣାରେ...

ପୂର୍ବରୁ ମୁଖ୍ୟମନ୍ତ୍ରୀ ହୋଇଥିବା ନାୟବ ସିଂହ ସୈନୀଙ୍କ ନେତୃତ୍ୱ ଯୋଗୁଁ ବିଜେପିକୁ ସଫଳତା ମିଳିଛି । ବିଜେପି ସୈନୀଙ୍କୁ ନିଜର ମୁଖ୍ୟମନ୍ତ୍ରୀ କରିଥିଲା । ଆଉ ଏହାର ଫାଇଦା ଦଳକୁ ମିଳିଛି। ଲୋକସଭା ନିର୍ବାଚନ ପରେ ହରିଆଣା ବିଧାନସଭା ନିର୍ବାଚନ ଥିଲା ବିଜେପି ପାଇଁ ପ୍ରଥମ ବଡ ପରୀକ୍ଷା। ହରିଆଣାରେ ଲଗାତାର ତୃତୀୟଥର ବିଜୟ ଦଳ ପାଇଁ ବୁଷ୍ଟର ଡୋଜ୍ ସଦୃଶ ହୋଇଛି । ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ହରିଆଣା ବିଜୟ ଗୁରୁତ୍ୱପୂର୍ଣ୍ଣ ସଫଳତା। ଆଗକୁ ମହାରାଷ୍ଟ୍ର ଓ ଝାଡଖଣ୍ଡରେ ବିଧାନସଭା ନିର୍ବାଚନ ହେବ। ହରିଆଣାରେ ଐତିହାସିକ ବିଜୟ ଉଭୟ ରାଜ୍ୟରେ ପ୍ରଭାବ ପକାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ କଂଗ୍ରେସରେ ଗୋଷ୍ଠୀବିବାଦ ତଥା ନେତୃତ୍ୱ ନେବାର ଲଢେଇ ଯୋଗୁ ନିର୍ବାଚନ ବେଳେ କଂଗ୍ରେସ ଶିବିର ବହୁ ଗୋଷ୍ଠୀରେ ବିଭକ୍ତ ହୋଇଥିଲା। ଭୂପିନ୍ଦର ସିଂ ହୁଡା, କୁମାରୀ ଶୈଲଜା, ରଣଦୀପ ସୂର୍ଜେୱାଲା ଏବଂ ଭୂପିନ୍ଦରଙ୍କ ପୁଅ ଦୀପେନ୍ଦର ହୁଡା ସମସ୍ତେ ନିଜକୁ କଂଗ୍ରେସର ପ୍ରମୁଖ ଚେହେରା ଭାବେ ଉପସ୍ଥାପିତ କରୁଥିଲେ। ଯାହାକି ପରାଜୟର କାରଣ ହେଲା। କଂଗ୍ରେସ ପ୍ରାର୍ଥୀ ମମ୍ମନ ଖାନ ଫିରୋଜପୁର ଝିର୍‌କା ଆସନରୁ ସର୍ବାଧିକ ଭୋଟ ପାଇ ବିଜୟ ହାସଲ କରିଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ନସୀମ ଅହମ୍ମଦଙ୍କ ଠାରୁ ସେ ୯୮ ହଜାର ୪୪୧ ଭୋଟରେ ବିଜୟୀ ହୋଇଛନ୍ତି। ଆଇଏନ୍‌ଏଲ୍‌ଡି ପ୍ରାର୍ଥୀ ଅଭୟ ଚୌତଲା ପରାଜିତ ହୋଇଥିବା ବେଳେ ଜିନ୍ଦଲ ଗୋଷ୍ଠୀର ଅଧ୍ୟକ୍ଷ ତଥା ହିସାର ଆସନରେ ଲଢୁଥିବା ସ୍ୱାଧୀନ ପ୍ରାର୍ଥୀ ସାବିତ୍ରୀ ଜିନ୍ଦଲ ବିଜୟୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନାଏବ ସିଂହ ଲଡୱା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ପ୍ରାର୍ଥୀ ଭୁପିନ୍ଦର ସିଂହ ହୋଡ଼ା ଗରହି ସମ୍ପଲା କିଲୋହି ଓ ବରିଷ୍ଠ କଂଗ୍ରେସ ନେତା ରଣଦୀପ୍ ସିଂହ ସୂର୍ଯ୍ୟେୱାଲାଙ୍କ ପୁଅ ଆଦିତ୍ୟ ସୂର୍ଯ୍ୟେୱାଲା କୈଥଲ ଆସନରୁ ବିଜୟ ହାସଲ କରିଛନ୍ତି। ବିଜେପିର ଭଗୱାନ୍ ଦାସ ନିଲୋଖେରି ଓ ଅନୀଲ ଭିଜ୍ ଅମ୍ବାଲା କ୍ୟାଣ୍ଟମେଣ୍ଟ ଆସନରେ ବିଜୟଲାଭ କରିଛନ୍ତି।

### କଶ୍ମୀରରେ ...

କନଫରେନ୍ସ (ଏନ୍‌ସି) ନେତା ତଥା ଦୁଇ ଥରର ବିଧାୟକ ସଜ୍ଜାଦ ଅହମଦ କିଚଲୁଙ୍କୁ ୫୨୧ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି।

ମୁସଲିମ ବହୁଳ କିଶତୱାଡ ଆସନରେ ବିଜେପି ନେତା ଶଗୁନ ପରିହାରଙ୍କୁ ୨୯,୦୫୩ ଖଣ୍ଡ ଭୋଟ୍ ମିଳିଥିବା ବେଳେ ସଜ୍ଜାଦ ଅହମଦ କିଚଲୁଙ୍କୁ ୨୮,୫୩୨ ଖଣ୍ଡ ଭୋଟ୍ ମିଳିଛି। ୨୦୧୮ରେ ଶଗୁନ ପରିହାରଙ୍କ ବାପା ଓ ଦାଦାଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଛନ୍ତି। ଶଗୁନ ପରିହାରଙ୍କ ଦାଦା ଅନୀଲ ପରିହାର ବିଜେପିର ଜଣେ ଜିଲ୍ଲାସ୍ତରୀୟ ନେତା ଥିଲେ। ୨୦୧୮ ନଭେମ୍ବର ମାସରେ ଶଗୁନଙ୍କ ବାପା ଅଜିତ ପରିହାର ଓ ଦାଦା ଅନୀଲ ପରିହାରଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଥିଲେ।

### ଖୁବଶୀଘ୍ର ଓଡ଼ିଶା ...

ବୁଦ୍ଧିଜୀବୀ, ସମାଜସେବୀ ଓ ସମାଜର ଅନ୍ୟ ବର୍ଗର ବ୍ୟକ୍ତି ବିଶେଷ ସ୍ଥାନ ପାଇବାକୁ ଥିବାରୁ ସେମାନଙ୍କ ମଧ୍ୟରୁ ମଧ୍ୟ କିଛିଲୋକଙ୍କ ମନ୍ତ୍ରୀମଣ୍ଡଳରେ ସାମିଲ କରି ବିଜେପି ଭିନ୍ନ ବାର୍ତ୍ତା ଦେଇପାରେ ।

ଉଲ୍ଲେଖନୀୟ ଯେ ୨୦୧୮ ମସିହାରେ ରାଜ୍ୟରେ ବିଧାନ ପରିଷଦ ଗଠନ ନେଇ ରାଜ୍ୟ ବିଧାନସଭାରେ ତତ୍କାଳୀନ ବିଜେଡି ସରକାର ପ୍ରସ୍ତାବ ପାରିତ କରିଥିଲେ । ଏହା ଜରିଆରେ ୨୦୧୯ ମସିହାରେ ଅସନ୍ତୁଷ୍ଟଙ୍କୁ ବୁଝାଇବାରେ ବିଜେଡି ସଫଳ ହୋଇଥିଲା । ପ୍ରସ୍ତାବ ପାରିତ ସହିତ ତୁରନ୍ତ ତିନି ଜଣିଆ କମିଟି କରି ବିଧାନ ପରିଷଦ ଥିବା ବିଭିନ୍ନ ରାଜ୍ୟକୁ ଗସ୍ତ କରିଥିଲେ । ତେବେ ୨୦୧୯ ନିର୍ବାଚନ ପରେ ଏହି ଯୋଜନାଟିକୁ ବିଜେଡି ସରକାର ଶୀତଳଭଣ୍ଡାରରେ ରଖିଦେଇଥିଲେ। ଏପରିକି ୨୦୨୨ ମସିହାରେ କେନ୍ଦ୍ର ସରକାର ଲୋକସଭାରେ ସ୍ପଷ୍ଟ କରିଥିଲେ ଯେ ବିଧାନ ପରିଷଦ ଗଠନନେଇ ଓଡ଼ିଶା ସରକାର କେନ୍ଦ୍ରକୁ କୌଣସି ପ୍ରସ୍ତାବ ଦେଇ ନାହାନ୍ତି। ଏହାକୁ ନେଇ ସେତେବେଳେ ବିଜେଡି-ବିଜେପି ମୁହାଁମୁହିଁ ହୋଇଥିଲେ । ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ରାଜ୍ୟରେ ବିଧାନ ପରିଷଦ ଗଠନ ନେଇ କେନ୍ଦ୍ର ସରାକରଙ୍କ ଅନୁମୋଦନ ବାଧ୍ୟତାମୂଳକ ଅଟେ ।

ଇତି ମଧ୍ୟରେ ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିଥିବାବେଳେ ପୁଣିଥରେ ବିଧାନ ପରିଷଦ ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାର ସୂଚନା ମିଳିଛି। ତେବେ କେନ୍ଦ୍ରରେ ବିଜେପି ସରକାର ଥିବାରୁ ଏହା ଖୁବ୍‌ଶୀଘ୍ର ସାକାର ହେବବୋଲି ଆଶାୟୀମାନେ ଚାହିଁ ରହିଥିବାବେଳେ ଡବଲ ଇଞ୍ଜିନ ସରକାରରେ କେବେ ସୁଦ୍ଧା ଓଡ଼ିଶା ବିଧାନ ପରିଷଦ ଗଠନ ହେଉଛି ଏବଂ ଏଥିରେ କେଉଁ କେଉଁମାନେ ପ୍ରଥମ ସଦସ୍ୟ ଭାବେ ସ୍ଥାନ ପାଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର ।

### ଗୋଟିଏ ଫ୍ରେମରେ ...

କିଛି ଗୁମର ଖୋଲିବ ବୋଲି ଆଲୋଚନା ହେଉଛି । ଦଳ ପକ୍ଷରୁ କୁହାଯାଇଛି ଯେ ଏହାର ସଦସ୍ୟ ସଂଖ୍ୟା କୋଟିଏ ଥିବାବେଳେ ଏବେ ଏଥିରେ ନୂଆ ସଦସ୍ୟ ସଂଯୋଗ ହେବେ । ତେବେ ଯାହା ସୂଚନା ମିଳୁଛି ବିଜେପି ଢାଞ୍ଚାରେ ବିଜେଡି ଡିଜିଟାଲ ସଭ୍ୟ ସଂଗ୍ରହ ଚଳାଇବ । ଏହାକୁ ଏବେ ବିଜେପି ନେତାମାନେ କପି ପେଷ୍ଟ ବୋଲି କହିଲେଣି ।

ତେବେ କିଛି ବିଜେଡି ନେତାଙ୍କ କହିବାକଥା ଯେ ଦଳର ରଣନୀତିକାରମାନେ ଯେଭଳି ହାରୁ ନେତା ଓ ଚିଟ୍‌ଫଣ୍ଡ କଳଙ୍କ ମୁଣ୍ଡାଇ ଥିବା ନେତାମାନଙ୍କୁ ଆଗକୁ ଛାଡୁଛନ୍ତି ଏହା ଦଳର ଲାଭ କମ୍ କ୍ଷତି ଅଧିକ କରିବ । କାରଣ ଗୋଟିଏ ପଟେ ମହିଳାମାନେ ବିଜେପି ମୁହାଁ ହୋଇଥିବାବେଳେ ଅନ୍ୟପଟେ ଯୁବବର୍ଗ ହାରିଥିବା ନେତାଙ୍କ ଉପରେ ଭରସା କରିବା ସହଜ ନୁହେଁ । ନିଜେ ଦଳପତି କିମ୍ବା ଛଦ୍ମବେଶୀମାନେ ପରଦା ପଛରେ ରହି ଯେଉଁ ଗୋଟି ଚଳାଉଛନ୍ତି ତାହା ଅଳ୍ପଦିନ ମଧ୍ୟରେ ବିଜେଡିକୁ ବୁଡାଇବା ଏକ ପ୍ରକାର ନିଶ୍ଚିତ ।

### ବିଜେପି ଖାତାକୁ ଆସିଲା...

ବଡ କଥା ହେଉଛି ଜାଟ୍ ଭୋଟ ବିଜେପି ସପକ୍ଷରେ ନଥିଲା । କିନ୍ତୁ ଧର୍ମେନ୍ଦ୍ର ଖେଳିଥିଲେ ତାଙ୍କ ରଣନୀତି, ଆଉ ବିଜେପି ଖାତାକୁ ଆସିଲା ଜାଟ୍ ଭୋଟ। ହେଲେ ନିର୍ବାଚନର ଠିକ ୨୦୦ ଦିନ ପୂର୍ବରୁ ଭୋଟରଙ୍କ ନାଡ଼ି ଚିପି ବିଜେପି ମାଷ୍ଟରଷ୍ଟ୍ରୋକ ଖେଳିଥିଲା।

ଖଟ୍ଟରଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ଦେଇଥିଲା। ନାୟବ ସିଂହ ସୈନିଙ୍କୁ ଦାୟିତ୍ୱ ଦେଇ ଜାଟ୍ ସଂପ୍ରଦାୟର ଭୋଟକୁ ନିଜ ଆଡ଼କୁ ଆଣିବାକୁ ଚେଷ୍ଟା କରିଥିଲା ଆଉ ଏଥିରେ ଦଳ ମଧ୍ୟ ସଫଳ ହୋଇଛି। ଲୋକସଭା ନିର୍ବାଚନରେ କଂଗ୍ରେସ ସପକ୍ଷରେ ଥିବା ଜାଟ୍ ଭୋଟ ଭୋଟ ବ୍ୟାଙ୍କକୁ ଏଥର ବିଜେପି ନିଜ ସପକ୍ଷକୁ ଆଣିବାରେ ସଫଳ ହୋଇଛି। ସହରାଞ୍ଚଳ ଭୋଟରଙ୍କ ଉପରେ ପ୍ରଭାବକୁ ଅକ୍ଷୁଣ୍ଣ ରଖିଛି । ଅହିରୱାଲ ଅଞ୍ଚଳରେ ଥିବା ନିଜ ଦବଦବାରେ ଆଞ୍ଚ ଆଣିବାକୁ ଦେଇ ନାହିଁ ବିଜେପି। ନିଜ ଦଳରେ ଥିବା ଗୋଷ୍ଠୀ ବିବାଦକୁ ଦୂରେଇ କଂଗ୍ରେସରେ ଥିବା ଗୋଷ୍ଠୀ ବିବାଦରୁ ଭରପୁର ଫାଇଦା ନେଇ ବିଜେପି ଐତିହାସିକ ବିଜୟ ହାସଲ କରିଛି।

### ଅନବିଟେବୁଲ...

ସଂକଟ ସମୟରେ ଗୁରୁ ଦାୟିତ୍ୱ ତୁଲାଇଥାନ୍ତି । ଦେଶରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଯୁବ ମୋର୍ଚ୍ଚାର ସଭାପତି ସମୟରେ ଦେଶର ଯୁବକଙ୍କ ସଂଗଠନ କରିବା କିମ୍ବା ରାଷ୍ଟ୍ରୀୟ ସମ୍ପାଦକ ଏବଂ ଦୁଇ ଦୁଇ ଥର ସାଧାରଣ ସମ୍ପାଦକ ଭାବେ ପାର୍ଟିର କାର୍ଯ୍ୟକୁ ସମ୍ପ୍ରସାରଣ ସହିତ ସଂଗଠନକୁ ମଜଭୁତ୍ କରିବା ସଙ୍ଗେସଙ୍ଗେ କେନ୍ଦ୍ରମନ୍ତ୍ରୀ ଭାବେ ତାଙ୍କର ଦାୟିତ୍ୱକୁ ସୁଚାରୁରୂପେ ପାଳନ କରି ଆସିଛନ୍ତି ।

ସାରା ଦେଶରେ ଉଜ୍ୱଲା ମ୍ୟାନ ଭାବରେ ପରିଚିତ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଭିନ୍ନ ସମୟରେ ବିଭିନ୍ନ ରାଜ୍ୟର ନିର୍ବାଚନ ସମୟରେ ପ୍ରଭାରୀ ଦାୟିତ୍ୱ ମିଳିଛି । ସେ ତ୍ରିପୁରାରେ ପ୍ରଭାରୀ ଦାୟିତ୍ୱରେ ରହିବା ସହ ଛତିଶଗଡ଼, ଝାଡ଼ଖଣ୍ଡର ପ୍ରଭାରୀ ଥିଲେ । କର୍ଣ୍ଣାଟକ ନିର୍ବାଚନରେ ମଧ୍ୟ ତାଙ୍କୁ ପ୍ରଭାରୀ ଦାୟିତ୍ୱ ଦିଆଯାଇଥିଲା ଆଉ ସେଠାରେ ମଧ୍ୟ ସେ ବିଜେପିକୁ ବଡ ସଫଳତା ଦେଇଥିଲେ । ସେହିପରି ବିହାର, ଉତ୍ତରାଖଣ୍ଡ ସହ ୨୦୨୧ରେ ପଶ୍ଚିମବଙ୍ଗର ନିର୍ବାଚନ କାର୍ଯ୍ୟ ସମ୍ଭାଳିଥିଲେ । ଏପରି ତାଙ୍କୁ ନନ୍ଦିଗ୍ରାମ ନିର୍ବାଚନମଣ୍ଡଳିର ବିଶେଷ ଦାୟିତ୍ୱ ମିଳିଥିଲା । ୨୦୨୨ରେ ତାଙ୍କୁ ଉତ୍ତରପ୍ରଦେଶର ପ୍ରଭାରୀ ଦାୟିତ୍ୱ। ୨୦୨୪ରେ ତାଙ୍କ ନେତୃତ୍ୱରେ ଓଡ଼ିଶା ବିଜେପି ନିର୍ବାଚନ ଲଢ଼ି ୨୪ ବର୍ଷର ବିଜେଡି ସରକାରକୁ ଶାସନରୁ ହଟାଇବାରେ ସଫଳ ହୋଇଛି।

### କାମଦେଲା ମାଇକ୍ରୋ...

ରାଜ୍ୟ ସରକାର ଇସ୍ରାଏଲରେ ନିଯୁକ୍ତି ପାଇଁ ୧୦ ହଜାର ଆଶାୟୀଙ୍କ ଠାରୁ ଆବେଦନପତ୍ର ଆବେଦନ କଲେ।

ତା ସାଙ୍ଗକୁ ପୁଣି ମୁଣ୍ଡପିଛା ଆୟରେ ସ୍ୱଚ୍ଛଳ ରାଜ୍ୟ ଭାବେ ଗଣାଯାଉଥିବା ହରିଆଣାରେ ରହିଛି ଅନେକ ସମସ୍ୟା । ଚାଷୀ, ସେନା ଜବାନ, ଫେରିବାଲା, କୁସ୍ତିଯୋଦ୍ଧାଙ୍କ ମଧ୍ୟ ସମସ୍ୟା ରହିଛି । ଆଉ ଏସବୁ ବର୍ଗର ଭୋଟର ମଧ୍ୟ ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିଥାନ୍ତି । ଆଉ ପ୍ରଭାରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ ଏସବୁ ଗୋଷ୍ଠୀଙ୍କୁ ସାଙ୍ଗରେ ନେଇ ଚାଲିବାକୁ ସଫଳ ହୋଇଛନ୍ତି।

### ଗେମ୍‌ଚେଞ୍ଜର ...

ଏ ସବୁଥିରେ ମୁଖ୍ୟ ସୂତ୍ରଧର ଥିଲେ ଧର୍ମେନ୍ଦ୍ର। କେଉଁଠି କେଉଁ ପ୍ରଚାରକ ପ୍ରଚାର କରିବେ ଓ କାହାକୁ ପ୍ରଚାରକ ତାଲିକାରୁ ବାଦ ଦିଆଯିବ ସେ ନେଇ ନିଷ୍ପତ୍ତି ନେଉଥିଲେ ଧର୍ମେନ୍ଦ୍ର।
ବର୍ତ୍ତମାନର ରାଜନୈତିକ ସ୍ଥିତିକୁ ଲକ୍ଷ କରି ଜାଣିଶୁଣି ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କୁ ପ୍ରଚାରରୁ ଦୂରେଇ ରଖିଥିଲେ। ଏହା ବଦଳରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନାୟବ ସିଂ ସାଇନିଙ୍କୁ ପ୍ରଚାରର ସବୁଠାରୁ ପ୍ରମୁଖ ଚେହେରା ଭାବେ ରଖିବାକୁ ପସନ୍ଦ କରିଥିଲେ।

### ଏବେ ତ୍ୱରିତ୍...

ମନ୍ତବ୍ୟ ଦେଇ ମୋଦି କହିଛନ୍ତି, ଆମେ ଜନତାଙ୍କ ବିକାଶ ପାଇଁ ଆନ୍ତରିକତାର ସହିତ ଉଦ୍ୟମ କରୁଛୁ। ବିରୋଧୀଙ୍କୁ ଉଦ୍ଦେଶ୍ୟ କରି ସେ କହିଛନ୍ତି କିଛି ନେତା ବିକାଶରେ ବାଧକ ହେଉଛନ୍ତି। ଏବେ ସେମାନଙ୍କୁ ଠିକ୍ ଟବାବ ମିଳିଲା। ହରିଆଣା ଓ ଜାମ୍ମୁ କଶ୍ମୀରବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ପୋଖରୀରୁ ହାତୀ ଛୁଆର ଶବ ଉଦ୍ଧାର



**ବାରିପଦା, ୮।୧୦ (ସଂଚାର ବ୍ୟୁରୋ):** ପୋଖରୀ ଭିତରୁ ହାତୀ ଛୁଆର ମୃତଦେହ ଉଦ୍ଧାର ହୋଇଛି। ତିନି-ଚାରି ଦିନ ପୂର୍ବରୁ ହାତୀଛୁଆର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଶିମିଳିପାଳ ଅଭୟାରଣ୍ୟର ପାଦଦେଶର ନାମ୍ପି ପଞ୍ଚାୟତ ଝିଙ୍କପାହାଡି ଗ୍ରାମରେ ହାତଛୁଆରର ମୃତଦେହ ଠାବ ହୋଇଛି। ଝିଙ୍କପାହାଡ଼ି ଅଞ୍ଚଳରେ ତିରିଶ ଟିକିଆ ହାତୀପଲ ବୁଲାବୁଲି କରୁଥିବାର ଦେଖିବାକୁ ମିଳିଛି। ଗ୍ରାମବାସୀମାନେ ପୋଖରୀକୁ ଯାଇଥିବା ବେଳେ ଭାସମାନ ଅବସ୍ଥାରେ ହାତୀ ଛୁଆର ମୃତଦେହ ଦେଖିବାକୁ ପାଇଥିଲେ। ସୂଚନା ଅନୁଯାୟୀ, କିଛି ଦିନ ହେବ ନାମ୍ପି ପଞ୍ଚାୟତ ଝିଙ୍କପାହାଡ଼ି ଅଞ୍ଚଳରେ ତିରିଶ ଟିକିଆ ହାତୀପଲ ବୁଲାବୁଲି କରୁଥିବାର ଦେଖିବାକୁ ମିଳିଛି। ଗ୍ରାମବାସୀମାନେ ପୋଖରୀକୁ ଯାଇଥିବା ବେଳେ ଭାସମାନ ଅବସ୍ଥାରେ ହାତୀ ଛୁଆର ମୃତଦେହ ଦେଖିବାକୁ ପାଇଥିଲେ। ବାଙ୍ଗିରିପୋଷି ରେଞ୍ଜ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହାତୀଛୁଆର ବୟସ ଦୁଇ-ତିନି ମାସ ହେବ ବୋଲି ଆକଳନ କରାଯାଉଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେପଟେ ସରକାରଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହେଉଥିବା ବେଳେ ବନ୍ୟଜନ୍ତୁର ସୁରକ୍ଷା ଓ ଚାଲାଣ ରୋକିବାରେ ବିଫଳ ହୋଇଥିବ ଅଭିଯୋଗ ହୋଇଛି।

# ରାଇକମା ଆଶ୍ରମ ବିଦ୍ୟାଳୟକୁ ମିଳିଲା 'ପ୍ରକୃତି ମିତ୍ର' ପୁରସ୍କାର

**ବୈଶିଙ୍ଗା,୮।୧୦ (ସଂଚାର ବ୍ୟୁରୋ):** ଆଜି ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ବନ ଅଧିକାରୀ ଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଂକଳ୍ପ ବୈଠକ ହଲ ରେ ଆୟୋଜିତ ହୋଇଯାଇଛି ସତୁରୀ ତମ ବନ୍ୟ ପ୍ରାଣୀ ସୁରକ୍ଷା ସପ୍ତାହ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ, ଗଣେଶ ରାମ ସିଂ ଖୁଣ୍ଟିଆ ସମ୍ମାନୀତ ଅତିଥି ଭାବେ ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ତଥା ଜିଲ୍ଲାର ସମସ୍ତ ବନବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବନ୍ୟ ଜୀବଜନ୍ତୁମାନଙ୍କର ସଂ ରକ୍ଷଣ ସହିତ ସେମାନଙ୍କ ସହ ସହାବସ୍ଥାନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଶେଷରେ ଧରିତ୍ରୀ ମା ର ରକ୍ଷା ନିମନ୍ତେ ଭଲ କାମ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର, ଅନୁଷ୍ଠାନମାନଙ୍କୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରିଥିଲେ। ଏହି କ୍ରମରେ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଏହି ଯେ, ରାଇକମା ଆଶ୍ରମ ବିଦ୍ୟାଳୟ ୨୦୧୭ ମସିହାରେ ଜିଲ୍ଲା ସ୍ତରୀୟ ,ରାଜ୍ୟ ସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର,୨୦୨୦ ମସିହାରେ ISO ପ୍ରମାଣପତ୍ର ପ୍ରାପ୍ତ ହୋଇ କେବଳ ଜିଲ୍ଲା ନୁହେଁ ରାଜ୍ୟସ୍ତରରେ ଏକ ଆଦର୍ଶ ଆବାସିକ ବିଦ୍ୟାଳୟ ଭାବେ ସୁନାମ ଅର୍ଜନ କରିଛି।



## କବି ଅଜୟଙ୍କୁ ସୁଲେଖା ପ୍ରତିଭା ସମ୍ମାନ

**କଣାସ, ୮।୧୦ (ସଂଚାର ବ୍ୟୁରୋ):** ସୁଲେଖା ପତ୍ରିକାର ୪୪ତମ ବାର୍ଷିକ ଉତ୍ସବରେ ସାହିତ୍ୟ କ୍ଷେତ୍ରରେ ସାଧନା ନିମନ୍ତେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୂର୍ବତନ ସାଂସଦ ବ୍ରଜକିଶୋର ତ୍ରିପାଠୀ ବଡଓଡିଆ ମଠର ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ, ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା, ସଦାଶିବ ମିଶ୍ର, ସୈରେନ୍ଦ୍ରୀ ସାହୁ ଓ ଅମରେଶ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମାନପତ୍ର, ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରିଥିଲେ। ସୂଚନା ଥାଉକି ଶ୍ରୀ ସେଠୀ ଜଣେ ଲୋକପ୍ରିୟ ଗୀତିକାର ଭାବେ ୟୁଟ୍ୟୁବରେ ୩୯୬ଟି ଗୀତ ଲେଖିଛନ୍ତି ଏବଂ ୧୪ ଖଣ୍ଡ ବହି ତାଙ୍କର ପ୍ରକାଶିତ ହୋଇଛି।

# ରାଷ୍ଟ୍ରପତିଙ୍କ ବାଙ୍ଗିରିପୋଷି ଗସ୍ତକୁ ସ୍ୱାଗତ

**ବେତନଟୀ, ୮।୧୦ (ସଂଚାର ବ୍ୟୁରୋ):** ଓଡିଶା ସୀମାନ୍ତ ତଥା ସର୍ବବୃହତ ଏବଂ ଅବିଭକ୍ତ ଆର୍ଥିକ ଅନଗ୍ରସର ଆଦିବାସୀ ବହୁଳ ଅବହେଳିତ ଜିଲ୍ଲା ମୟୂରଭଞ୍ଜ ଭାରତର ରେଳବାଇ ମାନଚିତ୍ରରେ ସ୍ୱାଧୀନତାର ୭୮ ବର୍ଷ ପରେ ବି ଅବହେଳିତ ହୋଇ ରହି ଆସିଥିବାରୁ ଏ ଜିଲ୍ଲା ଏକ ପଛୁଆ ଜିଲ୍ଲା ଭାବେ ଓଡିଶା ମାନଚିତ୍ରରେ ରହିଆସିଛି। ରାଜା ମହାରାଜାମାନଙ୍କ ଶାସନାଧୀନ ଥିବା ମୟୂରଭଞ୍ଜ ଗଡଜାତର ଦାନ ଓଡିଶାବାସୀଙ୍କ ପାଇଁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଠାରୁ କଟକର ରେଭେନ୍ସା କଲେଜ ସହିତ ଉତ୍କଳ ସାହିତ୍ୟ ସମାଜ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପ୍ରିଣ୍ଟିଂ ମେସିନ ଦାନ ଏବଂ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଅନ୍ୟାନ୍ୟ ଅଫିସ ପାଇଁ କୋଠା ବାଡି ଦାନ ଏବଂ ନିଜ ରାଜ ପ୍ରସାଦ ଡିଗ୍ରୀ କଲେଜ ପାଇଁ ରାଜ୍ୟ ସରକାରଙ୍କୁ ଦାନ କରି ଦେଇଥିଲେ । ସେହି ତୁଳନାରେ ଏ ଜିଲ୍ଲାରେ ପ୍ରାକୃତିକ ସଂପଦ ମାନବ ସମ୍ବଳ ବିସ୍ତୀର୍ଣ୍ଣ ସରକାରୀ ଜମି ଥାଇ ସୁଦ୍ଧା ଅନଗ୍ରସର ଦାରିଦ୍ର ଏହାର ଚିର ସହଚର । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଦ୍ୱାରା ନିଜସ୍ୱ ରାଜସ୍ୱରେ ନିର୍ମିତ ପଡ଼ୋଶୀ ବାଲେଶ୍ୱର ଜିଲ୍ଲାର ରୁପ୍ସା (ଖଡଗପୁର - ଖୋର୍ଦ୍ଧା) ର ମଧ୍ୟ ବର୍ତ୍ତି ସ୍ଥାନରୁ ବାଙ୍ଗିରିପୋଷିକୁ ନ୍ୟାରୋ ଗ୍ୟାଜ ରେଳପଥ ୧୯୦୫ ମସିହାରେ ନିର୍ମାଣ କରାଇ ରେଳ ଚଳାଚଳର ଶୁଭାରମ୍ଭ କରି ପାରିଥିଲେ । ଦେଶ ସ୍ୱାଧୀନତାର ୬୪ ବର୍ଷ ପରେ ଏବଂ ରେଳ ପଥ ନିର୍ମାଣର ଏକ ଶହ ବର୍ଷ ପରେ ଏହା ବ୍ରଡ ଗ୍ୟାଜ ହୋଇ ୨୦୦୬ ମସିହାରୁ କେବଳ ବାଙ୍ଗିରିପୋଷି ପର୍ଯ୍ୟନ୍ତ ରେଳ ଚଳାଚଳ କରୁଥିବା ବେଳେ ଏହି ଠାରେ ହିଁ ଅଟକି ରହିଛି ।



କେନ୍ଦ୍ର ସରକାରଙ୍କ ରେଳବାଇ ମନ୍ତ୍ରଣାଳୟ ରେଳବାଇ ମନ୍ତ୍ରୀ ତଥା ଏ ଜିଲ୍ଲାରୁ ପ୍ରତିନିଧିତ୍ୱ କରି ଆସୁଥିବା ଆଦିବାସୀ ସଂପ୍ରଦାୟର ସାଂସଦ ତଥା ରାଜ୍ୟ ସଭା ସଦସ୍ୟମାନେ ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଦାବିକୁ ଉପସ୍ଥାପନ କରି ଏହି ରେଳପଥର ସଂପ୍ରସାରଣ ଦିଗରେ ପଦକ୍ଷେପ ନେଇ ପାରି ନଥିବା ବେଳେ ଉପକୂଳବର୍ତ୍ତି ଜିଲ୍ଲାରୁ ଯେଉଁ ମୁଖ୍ୟମନ୍ତ୍ରୀମାନେ ନେତୃତ୍ୱ ନେଇ ଆସୁଥିଲେ ସେମାନେ ମୟୂରଭଞ୍ଜର ବିକାଶ ପାଇଁ ପଦକ୍ଷେପ ନେଇ ନ ଥିବା ହେତୁ ଝାଡଖଣ୍ଡ ରାଜ୍ୟ ସହିତ ମିଶାଇ ନେବାକୁ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଏହାକୁ ଆଖି ଆଗରେ ରଖି ସ୍ୱର୍ଗତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଏହାକୁ ଅବିଭକ୍ତ କରି ରଖି ଯାଇଛନ୍ତି । ଗୋଟିଏ ଜିଲ୍ଲା ୨୬ ଟି ବ୍ଲକ ଏବଂ ଚାରୋଟି ସର୍ବ ବୃହତ୍ତମ ସବ ଡିଭିଜନ ସହିତ କେବଳ ସଦର ସବ ଡିଭିଜନ (ବାରିପଦା) ଅଧିନରେ ଦଶଟି ବ୍ଲକ ଓଡ଼ିଶାର କୌଣସି ଜିଲ୍ଲାରେ ନାହିଁ। ଜିଲ୍ଲାର ପଚାଶ ଭାଗରୁ ଅଧିକ ଲୋକ ଦାରିଦ୍ର୍ୟତାର ସୀମା ରେଖା ତଳେ ରହିଛନ୍ତି। ଏଣୁ ଜିଲ୍ଲାର ସଚେତନ ଅନୁଷ୍ଠାନ ଓ ଗଣମାଧ୍ୟମ ମାନଙ୍କ ପକ୍ଷରୁ ବାଙ୍ଗିରିପୋଷିରୁ ଗୋରୁମହିଷାଣି - ବୁଢ଼ା ମରା - ଚାକୁଳିଆ ସହିତ ରେଳ ସଂଯୋଗ ପାଇଁ ଭିତ୍ତିପ୍ରସ୍ତ ସ୍ଥାପନ ନିମନ୍ତେ ମହାମହିମ ରାଷ୍ଟ୍ରପତି ଯେ କି ଏ ଜିଲ୍ଲାର ଝିଅ ଆସନ୍ତା ୨୩/୨୪ ତାରିଖରେ ଆସୁଥିବାରୁ ବିଶେଷ କରି ବେତନଟୀ ସିଭିଲ ସୋସାଇଟି ବେତନଟୀ ସିଟିଜେନ ଫୋରମ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ବେତନଟୀ ଜୋନ ସାମ୍ବାଦିକ ସଂଘ ଏବଂ ମୟୂର ସାହିତ୍ୟ ସଂସଦ ରୋଟାରୀ କ୍ଲବ ବେତନଟୀ ବେତନଟୀ ବିକାଶ ମଞ୍ଚ ପକ୍ଷରୁ ସ୍ୱାଗତ କରାଯାଇଛି।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପକ୍ଷରୁ ଏହି ରେଳ ରୁଟ ନିର୍ମାଣ ପାଇଁ ଏବଂ ରୁପ୍‌ସାରୁ ବାଙ୍ଗିରିପୋଷି ପର୍ଯ୍ୟନ୍ତ ଦୋହରୀକରଣ ସର୍ଭେ ପାଇଁ ଆର୍ଥିକ ବଜେଟ ମଂଜୁର ହୋଇ ଥିବାରୁ ଅଶେଷ କୃତଜ୍ଞତା ଜ୍ଞାପନ କରାଯାଇଅଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ସବୁ ମହଲରେ ସ୍ୱାଗତ କରାଯାଇଛି ।

## ନିଆଁ ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର, ୮।୧୦ (ସଂଚାର ବ୍ୟୁରୋ):** ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ବ୍ଲକ ନିକଟରେ ଏକ ଅଘଟଣା ଘଟିଯାଇଛି । ୨୦ ବର୍ଷର ଯୁବତୀ ଆତ୍ମହତ୍ୟା କରିଛି। +୩ ଶେଷ ବର୍ଷର ଛାତ୍ରୀ ଏଭଳି ଘଟଣା ଘଟାଇଛି। ନିଜ ଶରୀରରେ ନିଜେ ପେଟ୍ରୋଲ ଢାଳି ହୋଇ ନିଆଁ ଲଗାଇଥିବା ପୋଲିସ କହିଛି । ଜଳି ହୋଇ ରାସ୍ତାରେ ଏପାଖ ସେପାଖ ଦୃଶ୍ୟ ଦେଖା ଯାଇଛି । ଗୁରୁତର ଅବସ୍ଥାରେ ରାଣୀ ପ୍ରଧାନଙ୍କୁ ପ୍ରଥମେ ନିକଟ ହସ୍ପିଟାଲ ନିଆଯାଇଥିଲା। ସେଠାରୁ ତାଙ୍କୁ ଏମକେସିଜି ସ୍ଥାନାନ୍ତରିତ କରାଯାଇଥିଲା। ଏଠାରେ ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଛି । ପୋଲିସ ଶବକୁ ବ୍ୟବଚ୍ଛେଦ କରିଛି। ତଦନ୍ତ ଜାରି ରହିଥିବା ବେଳେ ବାପା ଅଶୋକ ପ୍ରଧାନଙ୍କୁ ଥାନାରେ ଅଟକ ରଖାଯାଇଛି। ରାଣୀ ମାନସିକ ଅଶାନ୍ତ ରେ ରହୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଉଛି। ଘରେ କୁଆଡ଼େ କଳି ଝଗଡ଼ା ରହୁଥିବା ଆଲୋଚନା ଚାଲିଛି। ଏହି ଅଞ୍ଚଳ ଭଡ଼ା ଘରେ ପରିବାର ସହ ସେ ରହୁଥିଲା । ନିକଟରେ ସାବତ ମାଆ ରହୁଥିଲେ । ଯୁବତୀର ନିଜ ଘର ଭଂଜନଗର ଅଞ୍ଚଳ ବୋଲି କୁହାଯାଇଛି । ସେ ବିଜ୍ଞାନ ବିଷୟର ଛାତ୍ରୀ ଥିଲେ । ସେ ନିଜେ ପେଟ୍ରୋଲ କିଣି ଆଣିଥିଲେ ।





## ବାଇକ୍ ଚାଳକ ଉପରେ ମାଡ଼ିଗଲା ଗ୍ୟାସ୍ ବୋଝେଇ ଟ୍ରକ

**ପାଟଣାଗଡ, ୮।୧୦ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ଆଦର୍ଶ ବିଦ୍ୟାଳୟ ନିକଟରେ ଭରୁଆମୁଣ୍ଡା ଗାଁର ସଞ୍ଜୁ ନାୟକ ଓ କେଶବ ମାଝୀ ଏକ ବାଇକରେ ଦୋକାନର ସାମଗ୍ରୀ ଆଣିବା ନିମନ୍ତେ ପାଟଣାଗଡ଼ ପଟେ ଗୋଟେ ବାଇକ୍ ଯୋଗେ ଯାଉଥିଲେ । ତେବେ ଆଦର୍ଶ ବିଦ୍ୟାଳୟ ନିକଟରେ ସମ୍ମୁଖରୁ ଆସିଥିବା ଏକ ଗ୍ୟାସ୍ ବୋଝେଇ ଟ୍ରକ୍ ସେମାନଙ୍କ ଉପରେ ମାଡି ଯାଇଥିଲା । ଫଳରେ ସେମାନଙ୍କର ମୃତ୍ୟୁ ଘଟିଛି । ଏହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣା ସ୍ଥଳରେ ସଞ୍ଜୁଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଲୋକ କେଶବଙ୍କୁ ଉଦ୍ଧାର କରି ପାଟଣାଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଉତ୍ତ୍ୟକ୍ତ ଲୋକ ମୃତଦେହ ରଖି ପାଟଣାଗଡ଼ - ବେଲପଡା ରାସ୍ତା ଅବରୋଧ କରିଥିଲେ ବେଲପଡା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା । ହେଲେ ଉତ୍ତ୍ୟକ୍ତ ଲୋକେ କ୍ଷତି ପୂରଣ ଦାବିରେ ଅଟଳ ରହିଥିଲେ। ଅନ୍ୟପକ୍ଷରେ ଗ୍ୟାସ୍ ବୋଝେଇ ଟ୍ରକ୍ ଫେରାର ମାରିବାକୁ ଉଦ୍ୟମ କରୁଥିବା ବେଳେ ପାଟଣାଗଡ଼ରେ ପୁଲିସ୍ ଅଟକ ରଖିଥିବା ଜଣାପଡ଼ିଛି । ଦୁର୍ଘଟଣା ପରେ ବେପରୁଆ ଟ୍ରକ ଡ୍ରାଇଭର ଖସି ଯିବା ପାଇଁ ପାଟଣାଗଡ଼ ପଟେ ଦୃତ ଗତି ରେ ଯାଇଥିଲା ଓ ପାଟଣାଗଡ଼ର ବ୍ଲକ ଛକ ନିକଟରେ ଟ୍ରକ ଛାଡ଼ି ନିଜେ ଖସି ଯିବାକୁ ଚେଷ୍ଟା କରୁଥିବା ସମୟରେ ଲୋକେ ତାକୁ କାବୁ କରିଥିଲେ । ଡ୍ରାଇଭର ଓ ଗାଡି କୁ ପୋଲିସକୁ ହସ୍ତାନ୍ତର କରିଥିଲେ । ସୂଚନା ଯୋଗ୍ୟ ରେ ଟ୍ରକ ଡ୍ରାଇଭର ମଦ ପିଇ ଥିବା କଥା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ଅନ୍ୟ ପାଖେ ସଞ୍ଜୁ ଓ କେଶବଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

### ପରିଣତ ବୟସରେ ହାର୍ ମାନିନାହାନ୍ତି ପ୍ରାଣବନ୍ଧୁ

# ସାଇକେଲ ସଜାଡ଼ି ମେଣ୍ଟାଉଛନ୍ତି ଗୁଜୁରାଣ

**କାମାକ୍ଷାନଗର, ୮।୧୦ (ସଂଚାର ବ୍ୟୁରୋ):** ଅଦମ୍ୟ ଇଚ୍ଛାଶକ୍ତି ଓ ପରିବାରର ଗୁଜୁରାଣ ମେଣ୍ଟାଇବାର ଦାୟିତ୍ୱ। ଆଉ ତାହାରି ଭିତରେ ବିତିଗଲାଣି ୫୦ରୁ ଉର୍ଦ୍ଧ୍ୱ ବର୍ଷ। ତଥାପି ହାର ମାନିନାହାନ୍ତି ପ୍ରାଣବନ୍ଧୁ । ପରିଣତ ବୟସରେ ଥରଥର ହାତରେ ସାଇକେଲ ସଜାଡି ନିଜ ପାଇଁ ତିଆରି କରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ । କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତ ଅନ୍ତର୍ଗତ ଏକତାଳି ଗାଁର ପ୍ରାଣବନ୍ଧୁ ବେହେରା । ବୟସ ଆସି ୮୦ ଛୁଇଁବା ଉପରେ । ଏହି ସମୟରେ ସାଧାରଣ ଭାବେ ଜଣେ ରୋଗାଗ୍ରସ୍ତ କିମ୍ବା ଘରେ ଆରାମ କରିବା କଥା । କିନ୍ତୁ ସେ ସବୁକୁ ଖାତିର ନକରି ଆଜି ବି ଚଳଚଞ୍ଚଳ ପ୍ରାଣବନ୍ଧୁ । ୫୦ ବର୍ଷ ପୂର୍ବର ସାଇକେଲ ଦୋକାନରେ ସାଇକେଲ ରିପ୍ୟାରିଂ କରି ଆଜି ବି ପରିବାର ଚଳାଉଛନ୍ତି ପ୍ରାଣବନ୍ଧୁ।



୧୯୭୨ ମସିହାରେ ପ୍ରାଣବନ୍ଧୁ କାମାକ୍ଷାନଗର ସହରର ଲକ୍ଷ୍ମୀବଜାରଠାରେ ପ୍ରଥମେ ସାଇକେଲ ରିପ୍ୟାରିଂ ଦୋକାନଟିଏ ଦେଇଥିଲେ । ସେତେବେଳେ ନିଜ କାମ ଯୋଗୁଁ ତାଙ୍କର ବହୁ ନାଁ ଥିଲାବେଳେ ଦୁଇ ପଇସାରେ ସାଇକେଲ ପମ୍ପଚର କରି କାମ ଆରମ୍ଭ କରିଥିଲେ ପ୍ରାଣବନ୍ଧୁ । ଆଉ ଦୀର୍ଘ ୫୦ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିଜ ବୃତ୍ତିକୁ ଛାଡିପାରି ନାହାନ୍ତି ସେ । ସାଇକେଲ ରିପ୍ୟାରିଂ କରି ଯାହା ରୋଜଗାର ହୁଏ ସେଥିରେ ନିଜ ସାତ ପୁଅ, ଝିଅଙ୍କ ପାଠପଢ଼ା କରାଇ ସେମାନଙ୍କ ବିବାହ କରାଇଛନ୍ତି ପ୍ରାଣବନ୍ଧୁ। ପରିବାର ପ୍ରତି ନିଜର ଦାୟିତ୍ୱବୋଧକୁ ପ୍ରାଧାନ୍ୟ ଦେଇ ଏବଂ କାହା ଉପରେ ବୋଝ ନହେବା ପାଇଁ ଆଜି ପର୍ଯ୍ୟନ୍ତ ବୁଢ଼ା ବୟସରେ ନିଜ କର୍ମକୁ ଆଦରି ବେଶ ଆନନ୍ଦିତ ପ୍ରାଣବନ୍ଧୁ । ଆଉ ଏଥିପାଇଁ ବହୁତ ଖୁସି ପ୍ରାଣବନ୍ଧୁଙ୍କ ସ୍ତ୍ରୀ । ଆଜି ପର୍ଯ୍ୟନ୍ତ ତାଙ୍କ ଗୋଡ଼ହାତ ଚାଲୁଛି ବୋଲି ସେ ଘରେ ବସିନାହାନ୍ତି ଓ ଆମ ଦାନାପାଣି ଚାଲୁଥିବା କହିଛନ୍ତି ପ୍ରାଣବନ୍ଧୁଙ୍କ ସ୍ତ୍ରୀ କନକ ବେହେରା ।

ଆଜିର ଯୁବପିଢ଼ି କର୍ମବିମୁଖ ହୋଇ ଅନାୟାସରେ ବିପୁଳ ଟଙ୍କା ରୋଜଗାର କରିବାର ସ୍ୱପ୍ନ ଦେଖି ବିପଥଗାମୀ ହେଉଥିବା ବେଳେ ପ୍ରାଣବନ୍ଧୁ ପାଲଟିଛନ୍ତି ସେମାନଙ୍କ ପାଇଁ ଉଦାହରଣ। ନିଜ ଜୀବନ ର ଯୌବନ ସହ ତାଳଦେଇ ଅଭାବୀ ପରିବାର ମୁହଁରେ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ଦେବାର ଅଦମ୍ୟ ଇଚ୍ଛାଶକ୍ତି ବଳ ରେ ଆଜି ବୃଦ୍ଧାବସ୍ଥା ମଧ୍ୟ ହାର ମାନିଛି ପ୍ରାଣବନ୍ଧୁଙ୍କ ଆଗରେ । ନିଜ ନାତି, ନାତୁଣୀ, ଅଣ ନାତି, ଅଣ ନାତୁଣୀ ଦେଖିସାରି ମଧ୍ୟ ନିଜ କର୍ମରୁ ବିଚ୍ୟୁତ ହୋଇନାହାନ୍ତି ସେ । କାମାକ୍ଷାନଗର ସହରର ସବୁଠାରୁ ପୁରୁଣା ତଥା ବୟସ୍କ ସାଇକେଲ ମିସ୍ତ୍ରୀ ଭାବେ ନିଜର ପରିଚୟ ସୃଷ୍ଟି କରି ନିଜ ପାଖ ଦୋକାନୀ ଓ ସାହି ପଡିଶା ରେ ସାଉଣ୍ଟୁଛନ୍ତି ଅଜସ୍ର ଭଲ ପାଇବା । ପନ୍ଦର ପଇସାରୁ ସାଇକେଲ ମିସ୍ତ୍ରୀ ଭାବେ କାମ ଆରମ୍ଭ କରି ଆଜି ମାସକୁ ୧୨ ରୁ ୧୪ ହଜାର ଟଙ୍କା ରୋଜଗାର କରି ଅନ୍ୟ ମାନଙ୍କ ପାଇଂ ପ୍ରେରଣା ସାଜିଛନ୍ତି ପ୍ରାଣବନ୍ଧୁ। ଯାହାକୁ ନେଇ ପାଖ ଦୋକାନୀଙ୍କ ଠାରୁ ପଡିଶା ଲୋକ ଓ ନିଜ ପରିବାର ଲୋକଙ୍କ ପାଇଁ ଭିନ୍ନ ଏକ ପରିଚୟ ସୃଷ୍ଟି କରିଛନ୍ତି ପ୍ରାଣବନ୍ଧୁ । ୧୯୭୨ ମସିହାରୁ ଜାରି ହୋଇଥିବା ଏହି ସଂଘର୍ଷର ଯାତ୍ରା ଓ ଏହାର ସଫଳତା ଆଜି ପର୍ଯ୍ୟନ୍ତ ପ୍ରାଣବନ୍ଧୁ ଙ୍କ ପାଇଁ ସାଜିଛି ପ୍ରେରଣା ର ଉତ୍ସ । ଯେଉଁଥିପାଇଁ ପରିଣତ ବୟସ ହୋଇଥିଲେ ମଧ୍ୟ ନିଜ ୫୦ ବର୍ଷର ଉର୍ଦ୍ଧ ବୃତ୍ତିକୁ ନେଇ ଆଜି ପର୍ଯ୍ୟନ୍ତ ସେ ପୋଷୁଛନ୍ତି ନିଜ କୁଟୁମ୍ବ। ଶଶୁରଙ୍କ କର୍ମ ତତ୍ପରତା ଓ ଚଳଚଞ୍ଚଳ ସ୍ୱଭାବକୁ ଦେଖି ନିଜକୁ ବେଶ ଖୁସି ଅନୁଭବ କରିଥିବା କହିଛନ୍ତି ପ୍ରାଣବନ୍ଧୁଙ୍କ ବୋହୂ।

ଏକ ଲମ୍ବା ବୃତ୍ତିଗତ ଜୀବନର ଏଇ ଛୋଟିଆ କାହାଣୀର ନାୟକ ପ୍ରାଣବନ୍ଧୁଙ୍କ ଜୟଯାତ୍ରା ୫୦ରୁ ଉର୍ଦ୍ଧ୍ୱ ବର୍ଷରେ ଉପନୀତ । ତଥାପି ମନ ଭିତରେ ଭରି ରହିଛି ସେହି ପୁରୁଣା ଜୋସ । ଯାହାକୁ ନେଇ ପରିଣତ ବୟସ ରେ ମଧ୍ୟ ନିଜ ବୃତ୍ତିକୁ ଛାଡିନାହାନ୍ତି ପ୍ରାଣବନ୍ଧୁ।

### ନିରାଶ୍ରୟଙ୍କ ଆଶ୍ରୟ ବ୍ୟବସ୍ଥା ଧର୍ମକୁ ଆଖିଠାର

## ରାସ୍ତାକଡ଼େ ସଡୁଛନ୍ତି, କଲବଲ ହୋଇ ମରୁଛନ୍ତି

**କଳାହାଣ୍ଡି, ୮।୧୦ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡରେ ନିରାଶୟଙ୍କ ସରକାରୀ ଆଶ୍ରୟ ବ୍ୟବସ୍ଥା ଧର୍ମକୁ ଆଖିଠାର ହୋଇଥିବା ଦେଖାଯାଇଛି। ଧର୍ମଗଡ ମୁଖ୍ୟାଳୟରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ବହୁ ଅସହାୟ ଯୁବକ, ମହିଳା, ବୃଦ୍ଧ ଭିକ୍ଷା ବୃତ୍ତି କରି ରାସ୍ତାକଡେ, ଗଛମୂଳେ ଦିନ କାଟୁଛନ୍ତି। ଏପରିକି ବିଭିନ୍ନ ସ୍ଥାନରେ ପଡ଼ି ରହି ଚିକିତ୍ସା ଅଭାବରୁ କଲବଲ ହୋଇ ମରୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ବର୍ଗର ନିରାଶାୟଙ୍କୁ ଆଶ୍ରୟ ଦେବା ପାଇଁ ବିଭିନ୍ନ ସରକାରୀ ଅନୁଦାନ ପ୍ରାପ୍ତ ଅନୁଷ୍ଠାନ ରହିଛି। ଅନୁଷ୍ଠାନ ଗୁଡିକୁ ସରକାର ପାଣ୍ଠି ଯୋଗାଇ ଦେଉଛନ୍ତି। ଏହା ବ୍ୟତୀତ ବିଭିନ୍ନ ଋତୁରେ ମଧ୍ୟ ଅସହାୟଙ୍କୁ ଆଶ୍ରୟ ଯୋଗାଇ ଦେବା ପାଇଁ ସରକାର ନୀତି ନିର୍ଦ୍ଧାରଣ କରି ଏହାର କାର୍ଯ୍ୟକାରିତା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥାଆନ୍ତି। ବର୍ଷା, ଖରା ଓ ଶୀତ ଋତୁରେ ଅସହାୟଙ୍କ ପାଇଁ ରାତ୍ରିକାଳୀନ ରହିବା ବ୍ୟବସ୍ଥା କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଗତ ନଭେମ୍ବର ରେ ସମସ୍ତ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହାର କିଛିଦିନ ପରେ ରିଲିଫ ବନ୍ଦ ହୋଇଯାଇଛି। ଏବେବି ବହୁ ଅସହାୟ ନିରାଶୟ ବ୍ୟକ୍ତି ସହରରେ ଏଣେ ତେଣେ ମାଗିଖାଇ ଫୁଟପାଥରେ ଅତି ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ଖରା,ବର୍ଷା, ଶୀତ, କାକର ଏମାନଂଙ୍କ ପାଇଁ ସବୁସମାନ, ନାଁ ଅଛି ଘର, ନାଁ ଅଛି ପରିବାର, ନାଁ ଅଛନ୍ତି ପିଲାଛୁଆ। ଏ ସମସ୍ତ ଖୁସିକୁ ଛଡାଇ ବେସାହାରା ହୋଇ ଜୀବନ ଯାପନ କରୁଛନ୍ତି। ମୁଠେ ଖାଇବାକୁ ହେଲେ ବାରଦୁଆର କୁ ଯିବାକୁ ପଡେ। ମିଳିଲେ ଖାଇ ଦିଅନ୍ତି, ନ ମିଳିଲେ ଫେରିଆସି ପୁଣି ଭୋକ ଉପାସରେ ଶୋଇପଡନ୍ତି। ଏ ଗରିବ ଅସହାୟ ବ୍ୟକ୍ତିମାନଙ୍କ ପାଇଁ ଯଦି ଖାଇବା ରହିବା ପାଇଁ ସରକାର ବ୍ୟବସ୍ଥା କଲେ ସୁଖଶାନ୍ତିରେ ବଞ୍ଚି ପାରିବେ ବୋଲି କିଛି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



## ଖୋର୍ଦ୍ଧା ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ

**ଖୋର୍ଦ୍ଧା, ୮।୧୦ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ପଂଚାୟତ ସମିତି ଖୋର୍ଦ୍ଧାର ପଞ୍ଚମ ସାଧାରଣ ଅଧିବେଶନ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶୀନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ଖୋର୍ଦ୍ଧା ଶ୍ରୀଯୁକ୍ତ ପ୍ରଶାନ୍ତ ଜଗଦେବ, ମାନ୍ୟବର ବିଧାୟକ ଜଟଣୀ ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇଥିଲେ । ସଂମ୍ମାନୀତ ଅତିଥି ଭାବରେ ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ,ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଦଳେଇ, ସାଂସଦ ପ୍ରତିନିଧି ବିଭୁ ପ୍ରସାଦ ବଳିଆରସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରବ୍ଧ ତନୟ ସାହୁ , ତହସିଲଦାର ଖୋର୍ଦ୍ଧା ବିଭାସରଂଜନ ପାଣିଗ୍ରାହୀ, ସମସ୍ତ ସରପଞ୍ଚ, ପଂଚାୟତ ସମିତି ସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।



ପୂର୍ବରୁ ଥିବା ପଂଚାୟତ ସମିତି ସମ୍ମିଳନୀ କକ୍ଷ ରିନୋଭେସନ କରାଯାଇ ଏହାର ଉଦଘାଟନ ମାନ୍ୟବର ବିଧାୟକଙ୍କ କର କମଳରେ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖୋର୍ଦ୍ଧା ସ୍ୱାଗତ ଭାଷଣ ପ୍ରଦାନ କରି ସଭାକାର୍ଯ୍ୟ ଆରମ୍ଭ କରିବାକୁ ବ୍ଲକ ଅଧ୍ୟକ୍ଷାଙ୍କୁ ଅନୁରୋଧ କରିଥିଲେ । ଅଧ୍ୟକ୍ଷା ତାଙ୍କ ବକ୍ତବ୍ୟରେ କହିଥିଲେ ଜିଲ୍ଲା ପରିଷଦ ଓ ପଂଚାୟତ ସମିତି ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କଲେ ଖୋର୍ଦ୍ଧା ବ୍ଲକ ଏକ ଅଗ୍ରଣୀ ବ୍ଲକ ଭାବରେ ପରିଗଣିତ ହୋଇପାରିବ । ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ବ୍ଲକରେ ଥିବା ସମସ୍ୟା ଗୁଡିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ସମସ୍ତଙ୍କର ସହଯୋଗରେ ଏହା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ବ୍ଲକରେ ଥିବା ବିଭିନ୍ନ ସମସ୍ୟାଯଥା ଅଙ୍ଗନବାଡି କେନ୍ଦ୍ର , ବିଦ୍ୟୁତ ଯୋଗାଣ ,ପିଇବା ପାଣି ତତ୍ ସହିତ ପଂଚାୟତ ଗୁଡ଼ିକରେ ଥିବା ରୋଡ଼ ଗୁଡିକୁ ଆରଡ଼ି ରୋଡ଼ରେ ସ୍ଥାନ ଦେବା, ପଂଚାୟତ ଗୁଡ଼ିକରେ ଥିବା ଡ୍ରେନ ରୋଡ଼ ମରାମତି ଇତ୍ୟାଦି ସମସ୍ୟା ଗୁଡ଼ିକ ସମ୍ପର୍କରେ ବିଧାୟକ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବୈଠକ

**ଭେଡେନ, ୮।୧୦ (ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବରଗଡ ଜିଲ୍ଲାର ଭେଡେନ ନଗରର ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଲପୁର ବିଭାଗ ସଂଗଠନ ସମ୍ପାଦକ ବିଜୟ କଲତା ଓ ସମ୍ବଲପୁର ବିଭାଗ ସହ ସଂଯୋଜକ ଅଚ୍ୟୁତ ମାଝୀ ଯଷ୍ଟି ଜାନକୀରାମ ଭାଇ ଯୋଗଦେଇ ଥିଲେ ଏଥିରେ ଭେଡେନ ନଗରର ସମସ୍ତ କଲେଜ୍ ର ଛାତ୍ର ଛାତ୍ରୀ ଯୋଗ ଦେଇ ଥିଲେ। ଏଥିରେ ନଗର କାର୍ଯ୍ୟକାରିଣୀ ଘୋଷଣା ହୋଇଯାଇଛି। ଭେଡେନ ନଗରର ନଗର ସମ୍ପାଦକ ଭାବେ ନୈମିସ ଦାସ,ସହ ସଂପାଦକ ସୁବ୍ରତ ବାରିକ,ଅନୁଭବ ପଞ୍ଚଭାୟା ସୋସିଆଲ ମିଡ଼ିଆ ପ୍ରମୁକ୍- ମନୋଜ ପଞ୍ଚମ, ଏସ୍ଏଫ୍ଏସ୍ ପ୍ରମୁଖ- ପ୍ରବୀଣ ମଲ୍ଲିକ, ଛାତ୍ରୀ ପ୍ରମୁଖ - ତନୁ ମେହେର, ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ - ରୋହିତ ମେହେର ମନୋନୀତ ହୋଇଛନ୍ତି । ଏହି ବୈଠକରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ।

### ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୪୫ତମ ଶ୍ରାଦ୍ଧବାର୍ଷିକୀ

## ଭାରତୀୟ ଗଣତନ୍ତ୍ର ଜୟପ୍ରକାଶଙ୍କ ଯୋଗୁଁ ବଞ୍ଚିଛି

**ଭୁବନେଶ୍ୱର, ୮।୧୦ (ସଂଚାର ବ୍ୟୁରୋ):** ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଯେପରି କ୍ଷମତାର ସମସ୍ତ ସୋପାନକୁ ପାଦରେ ଆଡେଇ ଦେଇ ରାଷ୍ଟ୍ର ନିର୍ମାଣକୁ ଜୀବନର ବ୍ରତ କରିଥିଲେ, ଠିକ୍ ସେହିପରି ଗାନ୍ଧୀ ଶିଷ୍ୟ ଲୋକନାୟକ ଜୟପ୍ରକାଶ ନାରାୟଣ ପ୍ରଧାନମନ୍ତ୍ରୀ, ଉପ ପ୍ରଧାନମନ୍ତ୍ରୀ ଭଳି ଲୋଭନୀୟ ପଦବୀ ସବୁକୁ ପାଦରେ ଆଡେଇ ଦେଇ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ସେବାରେ ଆଜୀବନ କାର୍ଯ୍ୟ କରିଥିଲେ। ଭାରତ ଛାଡ ଆନ୍ଦୋଳନର ମହାନାୟକ ଜୟପ୍ରକାଶ ଗାନ୍ଧୀଜୀଙ୍କ ପରେ ଭାରତୀୟ ଜନସାଧାରଣଙ୍କ ବିବେକର ପ୍ରତୀକ ସାଜିଥିଲେ। ଭ୍ରଷ୍ଟାଚାର ମୁକ୍ତ ଭାରତ ଓ ଏକଛତ୍ରବାଦ ମୁକ୍ତ ଭାରତର ସଜାଗ ପ୍ରହରୀ ଭାବରେ ସେ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନର ନେତୃତ୍ୱ ନେଇ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦ କବଳରୁ ଭାରତକୁ ଉର୍ଦ୍ଧାର କରିଥିଲେ। ସମାଜବାଦୀ ଆନ୍ଦୋଳନ ଓ ସର୍ବୋଦୟ ଆନ୍ଦୋଳନ ସହ ସାମିଲ ହୋଇ ଆଜୀବନ କାର୍ଯ୍ୟ କରି ସେ ଭାରତରେ ନୂଆ ଇତିହାସ ନିର୍ମାଣ କରିଥିଲେ। ଲୋକନାୟକ ଜୟପ୍ରକାଶ ଆନ୍ତର୍ଜାତୀୟ ଅଧ୍ୟୟନ ବିକାଶ କେନ୍ଦ୍ରର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପ୍ରାକ୍ତନ କେନ୍ଦ୍ରୀ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଲୋକନାୟକ ଜୟପ୍ରକାଶ ଆନ୍ତର୍ଜାତୀୟ ଅଧ୍ୟୟନ ବିକାଶ କେନ୍ଦ୍ର, ଜୟପ୍ରକାଶ ଫାଉଣ୍ଡେସନ, ମନମୋହନ ଚୌଧୁରୀ ସ୍ମାରକ ଟ୍ରଷ୍ଟ, ଲୋହିଆ ଏକାଡେମୀ ଓ ୟୁସୁଫ୍ ମେହେର ଅଲ୍ଲୀ ସେଣ୍ଟର ପକ୍ଷରୁ ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୪୫ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବକ୍ତାମାନେ ଉପରୋକ୍ତ ମତ ପ୍ରଦାନ କରିଥିଲେ। ଏହି ସଭାରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଡ଼. ଦେବୀପ୍ରସନ୍ନ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପାତ୍ର, ବିଜୟ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି, ଡଃ ବିଶ୍ୱଜିତ, ମିହିର ପ୍ରତାପ ଦାସ, ଦେବପ୍ରସାଦ ରାୟ, ମନୋଜ ଜେନା, କଲ୍ୟାଣ ଆନନ୍ଦ, ଅରୁଣ ଜେନା, ଅବନି ରାଉତରାୟ, ଅଶୋକ ଜେନା, ପ୍ରସନ୍ନ ବିଶୋଇ, ରାଜ କିଶୋର ସାହୁ, ମାନସ ପଟ୍ଟନାୟକ, ଶୁଭେନ୍ଦୁ ରାଉତରାୟ, ଶକ୍ତି ରାଉତରାୟ, ପ୍ରଦ୍ୟୁମ୍ନ ନାଏକ ପ୍ରମୁଖ ଶ୍ରଦ୍ଧା ନିବେଦନ କରିଥିଲେ।



ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆଜି ସକାଳେ ଲୋକନାୟକ ଜୟପ୍ରକାଶ ଆନ୍ତର୍ଜାତୀୟ ଅଧ୍ୟୟନ ବିକାଶ କେନ୍ଦ୍ର ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ସ୍ଥିତ ଜୟପ୍ରକାଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜୟପ୍ରକାଶ ଫାଉଣ୍ଡେସନର ସମ୍ପାଦକ ପ୍ରଭାସ ଚନ୍ଦ୍ର ସାମନ୍ତରାୟ ସଭା ସଞ୍ଚାଳନ କରିଥିବା ବେଳେ ଓ ବଜ୍ରାଦିତ୍ୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମା’ବିରଜାଙ୍କ ରଥ ପରିକ୍ରମାରେ ନାମ ସଂକୀର୍ତ୍ତନ

**ଯାଜପୁର, ୮।୧୦ (ସଂଚାର ବ୍ୟୁରୋ):** ପୀଠ ପରିଷଦ ଅନ୍ତର୍ଗତ ଯାଜପୁର ଜିଲ୍ଲା ଆନନ୍ଦ ବାହିନୀ ଓ ଆଦିତ୍ୟ ବାହିନୀ ପକ୍ଷରୁ ଜଗଦ୍‌ଜନନୀ ମା’ବିରଜାଙ୍କ ରଥ ବେଢ଼ା ପରିକ୍ରମାରେ ମହାମନ୍ତ୍ର ନାମ ସଂକୀର୍ତ୍ତନ ନବଦିନ ବ୍ୟାପୀ ଧାର୍ମିକ ପରିବେଶରେ ବିରଜାକ୍ଷେତ୍ରରେ ଅନୁଷ୍ଠିତ ହେଉଅଛି। ପ୍ରଥମ ଦିବସରେ ଆଦିତ୍ୟ ବାହିନୀର ଉତ୍ତର ବିଭାଗ ସମ୍ପର୍କ ସଚିବ ମହେଶ ତ୍ରିପାଠୀ ଯୋଗଦେଇ ରଥ ଦାଣ୍ଡର ସ୍ୱଚ୍ଛତା ପାଇଁ ଆଦିତ୍ୟ ବାହିନୀର ସଫେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଚତୁର୍ଥ ଦିବସରେ ବାହିନୀର ରାଜ୍ୟ ସଭାପତି ମାତୃପ୍ରସାଦ ମିଶ୍ର ଓ ସନ୍ଥଶ୍ରୀ ଗୌରୀ ଶ୍ୟାମାନନ୍ଦଜୀ ମହାରାଜ ଯୋଗଦେଇ ମା’ଙ୍କ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଆଦିତ୍ୟ ଓ ଆନନ୍ଦ ବାହିନୀ ପକ୍ଷରୁ ରଥ ଟଣା ବେଳେ ମହାମନ୍ତ୍ର ନାମ କୀର୍ତ୍ତନ ଉତ୍ସବର ଆୟୋଜନ ଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ପ୍ରତ୍ୟହ ଏହି ନାମ ସଂକୀର୍ତ୍ତନ ରଥ ପରିକ୍ରମା ଉତ୍ସବକୁ ପବିତ୍ରରେ ଦ୍ୱିଗୁଣିତ କରୁଥିବା ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଭୟନୃସିଂହ କମିଟିର ସଭାପତି ପ୍ରଦୀପ କୁମାର ବେହୁରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପବିତ୍ର କାର୍ଯ୍ୟକ୍ରମରେ କ୍ଷେତ୍ରିୟ ସମ୍ପାଦକ ଲୋକନାଥ ପଣ୍ଡା, ସେବା ସଚିବ ଆଦିତ୍ୟ କୁମାର ପଣ୍ଡା, ଭଦ୍ରକ ଶାଖା ସଭାପତି ସୂର୍ଯ୍ୟ କୁମାର ଧଳ, ରମେଶ ସିଂ, ବିପିନସାହୁ, ପଙ୍କଜ ରାଉତ ଓ ଆନନ୍ଦ ବାହିନୀ ପକ୍ଷରୁ ଲିଲିବାଳା ବେହୁରିଆ, ରଶ୍ମିତା ସାହୁ, ସୁଶ୍ରୀସଙ୍ଗୀତା ବେହୁରିଆ, ତିଲୋତମା ବେହୁରିଆ, ମାନସୀ ଗଡୁ ପ୍ରମୁଖ ପ୍ରତ୍ୟହ ନାମ ସଂକୀର୍ତ୍ତନରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଞ୍ଚାଳନ କରୁଛନ୍ତି।



ଡ୍ୟାମ୍‌ରେ ଫାଟକ ସଂଯୋଗୀକରଣ ଯୋଜନା

# ୩ ବର୍ଷରେ ଖର୍ଚ୍ଚ ହେବ ୨୩୯.୬୦ କୋଟି

**ଭୁବନେଶ୍ୱର,୮।୧୦ (ସଂଚାର ବ୍ୟୁରୋ):** ରାଜ୍ୟର ସବୁ ଜଳଭଣ୍ଡାରଗୁଡ଼ିକରେ ସ୍ୱୟଂଚାଳିତ ହାଇଡ୍ରୋଲିକ୍ ଗେଟ୍ (ଫାଟକ) ଲଗାଇ ଜଳଭଣ୍ଡାରରେ ଅଧିକ ଜଳ ସଂରକ୍ଷଣ କରିବା ପାଇଁ ମୋହନ ଚରଣ ମାଝୀ ଏକ ନୂଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି। 'ଫାଟକବିହୀନ ଡ୍ୟାମରେ ଫାଟକ ସଂଯୋଗୀକରଣ ଯୋଜନା'ରେ ଆସନ୍ତା ୩ବର୍ଷ ମଧ୍ୟରେ ରାଜ୍ୟ ସରକାର ମୋଟ ୨୩୯.୬୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୦୨୪-୨୫ରୁ ୨୦୨୬-୨୭ ମସିହା ମଧ୍ୟରେ ଏହି ଅର୍ଥ ଖର୍ଚ୍ଚ କରାଯିବ।

ଆଜି ଜଳସମ୍ପଦ ବିଭାଗ ପକ୍ଷରୁ ଜାରି 'ସଂକଳ୍ପ ପତ୍ର' ଅନୁସାରେ ଜଳଭଣ୍ଡାରର ସମ୍ପୂର୍ଣ୍ଣ ଜଳଧାରଣ କ୍ଷମତା ଓ ସର୍ବାଧିକ ଜଳସ୍ତର ମଧ୍ୟରେ ଥିବା ପାର୍ଥକ୍ୟକୁ ଦୃଷ୍ଟିରେ ରଖି ଜଳର ଅତିରିକ୍ତ ସଂରକ୍ଷଣ କରାଯାଇପାରିବ। ଯାହାକୁ ପାନୀୟ ଜଳ, ସେଚାଂଚଳର ସ୍ଥିରୀକରଣ, ଅତିରିକ୍ତ ସେଚାଂଚଳ ସୃଷ୍ଟି ତଥା ଶିଳ୍ପ ଆବଶ୍ୟକତା ଇତ୍ୟାଦିରେ ବ୍ୟବହୃତ କରିହେବ। ଏହାକୁ ଦୃଷ୍ଟିରେ ରଖି ଜଳର ସର୍ବୋତ୍କୃଷ୍ଟ ବ୍ୟବହାର ପାଇଁ ମହଜୁଦ୍ ଥିବା 'ଫାଟକବିହୀନ ଡ୍ୟାମରେ ଫାଟକ ସଂଯୋଗୀକରଣ ଯୋଜନା'କୁ



ଆସନ୍ତା ୩ବର୍ଷ ପାଇଁ କାର୍ଯ୍ୟକାରୀ କରାଯିବ। ଏଥିରେ ୨୩୯.୬୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ଏହାଦ୍ୱାରା ୧୯୦୯୭ ହେକ୍ଟର ସେଚାଂଚଳ ସ୍ଥିରୀକରଣ ହେବାସହିତ ୨୭୫୦ହେକ୍ଟର ଅତିରିକ୍ତ ସେଚାଂଚଳ ସୃଷ୍ଟି କରାଯାଇପାରିବ। ଏହି ଯୋଜନା ମାଧ୍ୟମରେ ଜଳଭଣ୍ଡାର ନିଷ୍କାସନ ପଥର ଶୀର୍ଷ ଭାଗରେ କବଜା ଦ୍ୱାରା ଲଗାଯିବାକୁ ଥିବା ସ୍ୱୟଂଚାଳିତ ହାଇଡ୍ରୋଲିକ୍ ଫାଟକ ଭଳି ନୂଆ ଟେକ୍ନୋଲୋଜି ବ୍ୟବହାର କରି ଜଳଭଣ୍ଡାରରେ ଅଧିକ ଜଳ ସଂରକ୍ଷିତ କରିହେବ। ଜମି ଅଧିଗ୍ରହଣ ତଥା ପୁନଃ ଥଇଥାନ ଓ ପୁନର୍ବସତିର କୌଣସି ସମସ୍ୟା ଜଡ଼ିତ ନୁହେଁ କିମ୍ବା ଏହା ପୂର୍ବ ବିଦ୍ୟମାନ ସ୍ପିଲୱେ ତଥା ପ୍ରମୁଖ କାର୍ଯ୍ୟକୁ ମଧ୍ୟ ପ୍ରଭାବିତ କରିବ ନାହିଁ।

ଏହି ଯୋଜନା ମାଧ୍ୟମରେ ୧୨ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଓ ୪୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ପ୍ରାୟତଃ ୧୨୪ ମିଲିୟନ କ୍ୟୁବିକ୍ ମିଟରର ଅତିରିକ୍ତ ଜଳଧାରଣ କ୍ଷମତା ସୃଷ୍ଟି କରାଯିବା ସହ ୧୯୦୯୭ ହେକ୍ଟର ସେଚାଂଚଳ ସ୍ଥିରୀକରଣ ଓ ୨୭୫୦ ହେକ୍ଟର ଅତିରିକ୍ତ ସେଚାଂଚଳ ସୃଷ୍ଟି କରାଯାଇପାରିବ।

ଜଳଭଣ୍ଡାରରେ ଜଳସ୍ତର ନିୟନ୍ତ୍ରଣ ଦ୍ୱାରା ଜଳାଭାବ ଦୂର ହେବାସହିତ ଜଳର ଗୁଣବତ୍ତାରେ ଉନ୍ନତି ପରିଲକ୍ଷିତ ହେବ। ଏହି ଯୋଜନା ଦ୍ୱାରା ଡ୍ୟାମର ତଳମୁଣ୍ଡରେ ଜଳପ୍ରବାହକୁ ନିୟନ୍ତ୍ରଣ କରାଯାଇ ଜଳର ସର୍ବୋତ୍କୃଷ୍ଟ ବ୍ୟବହାର କରିହେବ। ରାଜ୍ୟ ସରକାରଙ୍କ ନିଜସ୍ୱ ସମ୍ବଳରୁ ଜଳସମ୍ପଦ ବିଭାଗର ଯୋଜନା ପାଣ୍ଠି ମାଧ୍ୟମରେ ୨୦୨୪-୨୫ରୁ ୨୦୨୬-୨୭ରୁ ଏହି ୨୩୯.୬୦କୋଟି ଖର୍ଚ୍ଚ କରାଯିବ।

■ ୪୫୬ ଥାନାରେ କାମ କରୁନି ସିସିଟିଭି

# ପୋଲିସ ପାଇଁ ଜାରି ହେବ ଏସ୍ଓପି

**କଟକ, ୮।୧୦ (ସଂଚାର ବ୍ୟୁରୋ):** ହାଇକୋର୍ଟରେ ଭରତପୁର ଥାନା ମାମଲାର ଶୁଣାଣି ହୋଇଛି। ଶୁଣାଣି ବେଳେ ବ୍ୟକ୍ତିଗତ ଭାବେ ହାଇକୋର୍ଟରେ ହାଜର ହୋଇ ଉତ୍ତର ରଖିଛନ୍ତି ଏଡିଜି ଦୟାଲ ଗଙ୍ଗୱାର। ସେ କହିଛନ୍ତି ରାଜ୍ୟର ୪୫୬ଟି ଥାନାରେ ସଠିକ ଭାବେ କାମ କରୁନି ସିସିଟିଭି। ସେହିପରି ୧୩ଟି ଥାନାରେ ସିସିଟିଭି ଆଦୌ ନ ଥିବା ହାଇକୋର୍ଟଙ୍କୁ ଜଣାଇଛନ୍ତି। ତେବେ ୧୫ ଦିନ ଭିତରେ୧୩ଟି ଥାନାରେ ସିସିଟିଭି ଲଗାଯିବ ବୋଲି ଏଡିଜେ କୋର୍ଟଙ୍କୁ ଜଣାଇଛନ୍ତି। ୧୫ ଦିନରେ ସବୁ ଥାନାର ସିସିଟିଭି କନେକସନ୍ ଏସ୍‌ପି ଅଫିସ୍ରେ ରହିବ। ଏହାଦ୍ୱାରା ଏସ୍‌ପି ନିଜେ ସବୁ ଥାନାର ସ୍ଥିତି ବିଷୟରେ ଅବଗତ ହୋଇପାରିବେ। ଭରତପୁର ମାମଲା ପରେ ହାଇକୋର୍ଟ ରାଜ୍ୟର କେତୋଟି ଥାନାରେ ସିସିଟିଭି ଅଛି କି ନାହିଁ ସେନେଇ ସରକାରଙ୍କୁ ଜବାବ ତଲବ କରିଥିଲେ। ପରେ ଯେଉଁ ସବୁ ଥାନାରେ ସିସିଟିଭି ନାହିଁ ସେହି ଥାନା ଗୁଡ଼ିକରେ ସିସିଟିଭି ଲଗାଇବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ, ସେନା ଅଧିକାରୀଙ୍କୁ ଥାନାରେ ପୋଲିସର ବ୍ୟବହାର ନେଇ ଏସ୍ଓପି ଜାରି ହେବ ବୋଲି ଏଡିଜେ ସୂଚନା ଦେଇଛନ୍ତି। ନଭେମ୍ବର ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ଭରତପୁର ଥାନାରେ ସେନାର ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଦିଆଯାଇଥିଲା। ଯାହା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ସମୟରେ ଆଦର୍ଶ ଥାନା କୁହାଯାଉଥିବା ଭରତପୁର ଥାନାରେ ସିସିଟିଭି ନ ଥିବା ଜଣାପଡ଼ିଥିଲା।

# ଓପିଏସ୍‌ସି ଅଧ୍ୟକ୍ଷ ଦାୟିତ୍ୱ ନେଲେ ଅରୁଣ ଷଡ଼ଙ୍ଗୀ



**ଭୁବନେଶ୍ୱର,୮।୧୦ (ସଂଚାର ବ୍ୟୁରୋ):** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ୧୯୯୦ ବ୍ୟାଚର ଆଇପିଏସ୍ ଅରୁଣ ଷଡ଼ଙ୍ଗୀ। ଆଜି ଲୋକସେବା ଭବନ ସେ ଡ଼ଃ ସରିତା ସୁପକାରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓପିଏସସି ଅଧ୍ୟକ୍ଷ ପଦରୁ ସତ୍ୟଜିତ୍ ମହାନ୍ତି ୨୦୨୩ ଅଗଷ୍ଟ ମାସରେ ଅବସର ନେବା ପରଠୁ ଓପିଏସସି ସଦସ୍ୟ ଡ଼ଃ ସରିତା ସୁପକାର କାର୍ଯ୍ୟକାରୀ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉ ଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ଅରୁଣ ଷଡ଼ଙ୍ଗୀ କହିଛନ୍ତି, ଗୁରୁ ଦାୟିତ୍ୱ ମିଳିଛି, ସୂଚାରୁ ରୂପେ ତୁଲାଇବି। ପରୀକ୍ଷାରେ ସ୍ୱଚ୍ଛତା, ସଠିକ ମୂଲ୍ୟାୟନ ଓ ସନ୍ଦେହ ବିହୀନ ପରୀକ୍ଷା ପରିଚାଳନା କରିବା ସବୁଠୁ ବଡ଼ ଦାୟିତ୍ୱ ରହିବ। କେହି ଯେପରି ଓପିଏସ୍‌ସି ପରୀକ୍ଷାକୁ ନେଇ ପ୍ରଶ୍ନ ଉଠାଇବେନି ସେ ନେଇ ସବୁ ପଦକ୍ଷେପ ନିଆଯିବ। ଯଦି କୌଣସି ଆଶାୟୀ କାହାକୁ ଆପ୍ରୋଚ କରି କିମ୍ବା ପଇସା ଦେଇକି ଚାକିରି କରିବାକୁ ଆଶା ରଖୁଥିବେ, ତାହା ହେଲେ ସେହି ଆଶାୟୀ ଜଣଙ୍କ ଜାଣି ରଖିବା ଦରକାର ସେ ଲୋକଟା ତାଙ୍କୁ ଠକୁଛି। ଆଶାୟୀ ଜଣଙ୍କ ସେଥିରୁ ନିବୃତ୍ତ ରୁହନ୍ତୁ। ଅରୁଣ ଷଡ଼ଙ୍ଗୀ କହିଛନ୍ତି, ସାଢ଼େ ୩୩ ବର୍ଷ ଚାକିରି କାଳରେ ସମସ୍ତଙ୍କ ଶୁଭେଚ୍ଛା ଓ ସହଯୋଗ ମିଳିଛି।

୭୦ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

# ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର ବର୍ଗରେ 'ଦମନ'




**ନୂଆଦିଲ୍ଲୀ, ୮।୧୦(ଏଜେନ୍ସି):** ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହରେ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ଦମନ'କୁ ଜାତୀୟ ପୁରସ୍କାର ମିଳିଛି। ଦମନ 'ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର'ଭାବେ ପୁରସ୍କୃତ ହୋଇଛି। ଦିଲ୍ଲୀ ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ ବର୍ଗରେ ମନୋନୀତ ଫିଲ୍ମ, ଅଭିନେତା, ଅଭିନେତ୍ରୀ,



ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର, ପ୍ରଚ୍ଛଦ କଣ୍ଠଶିଳ୍ପୀଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିତ କରିଛନ୍ତି। ଦମନ ଫିଲ୍ମ ପାଇଁ ଦମନର ପ୍ରଯୋଜକ ଦୀପେନ୍ଦ୍ର ସାମଲ ଓ ଦୁଇ ନିର୍ଦ୍ଦେଶକ ବିଶାଲ ମୌର୍ଯ୍ୟ ଓ ଦେବୀପ୍ରସାଦ ଲେଙ୍କା ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ସିନେମା 'ଦମନ'ର କଥାବସ୍ତୁ ମ୍ୟାଲେରିଆ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଉପରେ ପର୍ଯ୍ୟବେସିତ। ଦୁର୍ଗମ ଅଞ୍ଚଳରେ 'ଦମନ' ନାମରେ ଏକ ଯୋଜନା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇ ସ୍ୱତନ୍ତ୍ର ଭାବେ ମ୍ୟାଲେରିଆ ଶିବିର କରାଯାଇ ଏହାର ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଓଡ଼ିଆ ଫିଲ୍ମ ଦର୍ଶକଙ୍କୁ ବେଶ୍ ପ୍ରଭାବିତ ମଧ୍ୟ କରିଛି। ପୂର୍ବରୁ ଓଡ଼ିଶାର ରାଜ୍ୟ ସରକାର ଦମନକୁ ଟିକସମୁକ୍ତ କରିଥିଲେ। ଏହାର ମୁଖ୍ୟ ଚରିତ୍ରରେ ବାବୁସାନ ମହାନ୍ତି ଓ ଦ୍ୱୀପାନ୍ୱିତ ଦାଶମହାପାତ୍ର ଅଭିନୟ କରିଛନ୍ତି। ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ବଲିଉଡରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଭେଟେରାନ ହିନ୍ଦୀ ସିନେମା ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହା ସହିତ ଚଳିତ ବର୍ଷ କନ୍ନଡ ସୁପରଷ୍ଟାର ତଥା ନିର୍ଦ୍ଦେଶକ ଋଷଭ ଶେଟ୍ଟୀଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଅଭିନେତ୍ରୀ ଭାବେ ନିତ୍ୟା ମେନେନ ଏବଂ ମାନସୀ ପାରେଖ ପୁରସ୍କାର ପାଇଛନ୍ତି। 'ଆଟ୍ଟମ' ଶ୍ରେଷ୍ଠ ଫିଚର୍ସ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। 'ଉଁଚାଇ' ପାଇଁ ସୁରଜ ବଡଜାତ୍ୟାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରିଯାଇଥିବାବେଳେ ସମାନ ଚଳଚ୍ଚିତ୍ର ପାଇଁ ନୀନା ଗୁପ୍ତାଙ୍କୁ ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। 'ଫୌଜ'ରେ ତାଙ୍କ ଭୂମିକା ପାଇଁ ପୱନ ମଲହୋତ୍ରାଙ୍କୁ ଶ୍ରେଷ୍ଠ ସହାୟକ ଅଭିନେତା ପୁରସ୍କାର ମିଳିଛି। ଏହା ବ୍ୟତୀତ ବେଷ୍ଟ ଏଣ୍ଟରଟେନିଂ ଫିଚର ଚଳଚ୍ଚିତ୍ର ପାଇଁ 'କାନ୍ତାରା' ଏବଂ ଶ୍ରେଷ୍ଠ ଆକ୍ସନ୍ ନିର୍ଦ୍ଦେଶନା ଏବଂ ଶ୍ରେଷ୍ଠ କନ୍ନଡ ଚଳଚ୍ଚିତ୍ର ପାଇଁ 'କେଜିଏଫ୍: ପାର୍ଟ ୨' ପୁରସ୍କୃତହୋଇଛି।

# ୧୨ଟା ପୂର୍ବରୁ ଯିବ ସୁଭଦ୍ରା ଟଙ୍କା




**ଭୁବନେଶ୍ୱର,୮।୧୦ (ସଂଚାର ବ୍ୟୁରୋ):** ସୁଭଦ୍ରା ଯୋଜନାରେ ପ୍ରତ୍ୟେକ ଦିନ ୩୦ ହଜାର ମହିଳା ଯୋଡ଼ି ହେଉଛନ୍ତି। ଏଯାବତ୍ ପଞ୍ଜୀକରଣ ୧ କୋଟି ଟପିଗଲାଣି। ମହିଳା ସଶକ୍ତୀକରଣର ସୁଭଦ୍ରା ନୂଆ ଇତିହାସ ରଚିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ୯ ତାରିଖ ଦିନ ୧୨ଟା ପୂର୍ବରୁ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ଯିବ। ଆଶ୍ୱସ୍ତ ରୁହନ୍ତୁ ଓ ଭିଡ଼ ନ ଜମାଇବାକୁ ପରାମର୍ଶ ଦେଇଛନ୍ତି ଶ୍ରୀମତୀ ପରିଡ଼ା। ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦା ଠାରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ପ୍ରଦାନ କରିବେ। ଯେତିକି ସଂଖ୍ୟାରେ ଏନ୍‌ପିସିଆଇରେ ଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳିବ। କ୍ଲିୟରରାନ୍ସ ପାଇ ନ ଥିବା ହିତାଧିକାରୀଙ୍କ ଆବେଦନ ପତ୍ର ପୁନଃ ଯାଞ୍ଚ ପରେ ଯୋଗ୍ୟ ହିତାଧିକାରୀଙ୍କୁ ଡିସେମ୍ବର ସୁଦ୍ଧା ସୁଭଦ୍ରା ଯୋଜନା କିସ୍ତି ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମ ପର୍ଯ୍ୟାୟରେ ସୁଭଦ୍ରା ଯୋଜନାରେ ୨୫ ଲକ୍ଷ ୧୧ ଜଣ ଲୋକଙ୍କୁ ସୁଭଦ୍ରା ପ୍ରଥମ କିସ୍ତି ପ୍ରଦାନ କରିଥିଲେ।

# ଏବେ ବି ଯାଇନି ବିଜେଡି ପ୍ରେମ!

● ପ୍ରଚାରପତ୍ରରେ ନବୀନଙ୍କ ଫଟୋକୁ ନେଇ ତୀବ୍ର ବିରୋଧ
● ମୋ' ଜଙ୍ଗଲ ଜମି ତାଲିମ ଶିବିରରେ ଅଭାବନୀୟ ଘଟଣା




**ଭୁବନେଶ୍ୱର,୮।୧୦ (ସଂଚାର ବ୍ୟୁରୋ):** ଏବେ ବି ସରକାରୀ ଅଫିସର ଓ ସ୍ୱେଚ୍ଛାସେବୀ ସଂଗଠନ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କୁ ଉପସ୍ଥାପନା କରୁଛନ୍ତି।

ରାଜ୍ୟରେ ସରକାର ପରିବର୍ତ୍ତନ ୧୦୦ ରୁ ଅଧିକ ଦିନ ଅତିକ୍ରମ କରିସାରିଛି। ମୁଖ୍ୟମନ୍ତ୍ରୀ ଭାବେ ବିଜେପିର ମୋହନ ଚରଣ ମାଝୀ ଦାୟିତ୍ୱ ନିର୍ବାହ କରୁଥିବା ବେଳେ କିଛି ଏନ୍‌ଜିଓ ସଂସ୍ଥା ସରକାରୀ କର୍ମଚାରୀଙ୍କୁ ହାତବାରିସି କରି ସରକାରୀ କାର୍ଯ୍ୟାଳୟରେ ଜନସଚେତନତା ନାମରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଦଳୀୟ ଶଙ୍ଖ ଚିହ୍ନ ପ୍ରଚାର ପ୍ରସାର କରିବା ଘଟଣା ବାସୁଦେବପୁରରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ବାସୁଦେବପୁର ବ୍ଲକରେ ବସୁନ୍ଧରା ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ବ୍ଲକ କାର୍ଯ୍ୟାଳୟ ପରିସରରେ ମୋ ଜଙ୍ଗଲ ଜମି ଶୀର୍ଷକ ଏକ ଆଲୋଚନା ଶିବିର କରିଥିଲା। ଏଥିରେ ଏନ୍‌ଜିଓ ସଂସ୍ଥାର କାର୍ଯ୍ୟକର୍ତ୍ତାଙ୍କ ସହିତ ବାସୁଦେବପୁର ବ୍ଲକ ଉନ୍ନୟନ ଅଧିକାରୀ ସଞ୍ଜୀବ କୁମାର ସାହୁ, ବନ ବିଭାଗ ଅଧିକାରୀ କପିଳେନ୍ଦ୍ର ପ୍ରଧାନ, ଏନଜିଓ ସଂସ୍ଥାର ସଂଯୋଜକ ଦିଲ୍ଲିପ କୁମାର ନାୟକ ଏବଂ ବିଭିନ୍ନ ପଞ୍ଚାୟତର ପଞ୍ଚାୟତ ଅଧିକାରୀ ଏବଂ ରାଜସ୍ୱ ନିରୀକ୍ଷକମାନଙ୍କୁ ନେଇ ଏହି ଶିବିର ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ଭାବେ ନବୀବ ପଟ୍ଟନାୟକଙ୍କ ଫୋଟ ଥିବା ଏକ ସଚେତନତା ପ୍ରଚାରପତ୍ର, ବ୍ୟାନର, ଶଙ୍ଖ ଚିହ୍ନ ଓ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ବ୍ୟାଗ ସମସ୍ତଙ୍କୁ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଭାବେ ନବୀବଙ୍କ ଫଟୋକୁ ନେଇ ଶିବିରରେ ଆଲୋଡନ ସୃଷ୍ଟି ହୋଇଥିଲା।

ଏହି ଖବର ବିଜେପି କାର୍ଯ୍ୟକର୍ତ୍ତାଙ୍କ ପାଖରେ ପହଞ୍ଚିବା ପରେ କିଛି ସ୍ଥାନୀୟ ବିଜେପି ନେତା ଓ କର୍ମୀ ବ୍ଲକ ପରିସରରେ ପହଞ୍ଚି ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଏ ବାବଦରେ ପ୍ରଶ୍ନ କରିଥିଲେ। ଘଟଣା ଆସ୍ତେ ଆସ୍ତେ ଉଗ୍ର ରୂପ ନେଉଥିବା ଦେଖି ବସୁନ୍ଧରା ଏନ୍‌ଜିଓ କର୍ମକର୍ତ୍ତା ଓ ବ୍ଲକ ଉନ୍ନୟନ ଅଧିକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ମାତ୍ର ଏଠି ପ୍ରଶ୍ନ ଉଠୁଛି ବିଜେଡି ସରକାର ଯାଇ ସାରିଥିଲେ ମଧ୍ୟ ସରକାରୀ ଅଧିକାରୀ ଓ ଏନ୍‌ଜିଓ ସଂସ୍ଥା ମୁଖ୍ୟମାନଙ୍କର ମୁଣ୍ଡରୁ ଲିଭି ନାହିଁ ବିଜେଡି ପ୍ରେମ। ଉକ୍ତ ଘଟଣା ବାସୁଦେବପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଦେଖିବାକୁ ବାକି ରହିଲା ଏହି ପରି ଭୁଲ୍ ପ୍ରଚାରପତ୍ର ବାଣ୍ଟିଥିବା ଏନ୍‌ଜିଓ ବିରୋଧରେ ମୋହନ ମାଝୀଙ୍କ ସରକାର କ'ଣ ପଦକ୍ଷେପ ନେଉଛି।






# ଭିଜିଲାନ୍ସ ଜାଲରେ ବ୍ୟକ୍ତିଗତ ସଚିବ



**ଭୁବନେଶ୍ୱର,୮।୧୦ (ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଞ୍ଚାୟତିରାଜ ବାବୁ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରାଇଭେଟ୍ ସେକ୍ରେଟାରୀ ପାହ୍ୟାର ଅଫିସର ରମେଶ ଚରଣ ଜେନାଙ୍କ ଘରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ରମେଶଙ୍କ ଭୁବନେଶ୍ୱର ଘର ସମେତ ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ରମେଶଙ୍କ ଭୁବନେଶ୍ୱର କଳିଙ୍ଗନଗରରେ ଥିବା ଦୁଇ ମହଲା ଘର, ଗୋଠପାଟଣା ଥିବା ୩ ମହଲା କୋଠା, ପୁରୀ ଖୁଣ୍ଟିଆ ବାଣପୁରରେ ଥିବା ପୈତୃକ ଘର, ୟୁନିଟ ୨ରେ ଥିବା ସରକାରୀ କ୍ୱାର୍ଟର୍ସ, ଖୋର୍ଦ୍ଧା ଟାଙ୍ଗିରେ ଥିବା ସମ୍ପର୍କୀୟ ଘର ଓ ଅଫିସ୍ ଚାମ୍ବରର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉରେ ୮ ଜଣ ଡିଏସପି, ୩ଜଣ ଇନ୍ସପେକ୍ଟର,୧୦ ଜଣ ଏଏସ୍‌ଆଇ ସମେତ ଅନ୍ୟ ଷ୍ଟାଫ ସାମିଲ ହୋଇଛନ୍ତି।

# ଜମି ସଂରକ୍ଷଣ ବଢ଼ାଉଛି ପୁଞ୍ଜି ଆକର୍ଷଣ



**ଭୁବନେଶ୍ୱର, ୮।୧୦(ତଥ୍ୟ):** ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ସରକାର ପୁଞ୍ଜିପତିମାନଙ୍କୁ ନିମନ୍ତ୍ରଣ କରୁଥିବାବେଳେ ସରକାରଙ୍କ ହାତରେ ଏବେ ଶିଳ୍ପ ପାଇଁ ୧୪ହଜାର ଏକରରୁ ଅଧିକ ଜମି ରହିଛି। ଏହା ଶିଳ୍ପ ପ୍ରତିଷ୍ଠାକୁ ଅଧିକ ସହଜ କରିବା ସହିତ ଶିଳ୍ପପତିମାନଙ୍କୁ ଆକୃଷ୍ଟ କରିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

ଶିଳ୍ପ ପ୍ରତିଷ୍ଠା ପାଇଁ ବିଭିନ୍ନ ସଂସ୍ଥାମାନଙ୍କ ସହିତ ରାଜିନାମା ସ୍ୱାକ୍ଷର ପରେ ଜମି ଅଧିଗ୍ରହଣ କରିବା କଷ୍ଟକର ବ୍ୟାପାର ହେବାପରେ ସରକାର ଏବେ ଆଗୁଆ ବିଭିନ୍ନ ଜିଲ୍ଲାରେ ଜମି ଅଧିଗ୍ରହଣ କରି ତାହାକୁ ଶିଳ୍ପ ପାଇଁ ସଂରକ୍ଷଣ କରି ରଖୁଛନ୍ତି। କାରଣ ରାଜିନାମା ପରେ ଲୋକେ ଶିଳ୍ପ ପ୍ରତିଷ୍ଠାକୁ କଡ଼ା ବିରୋଧ ସହିତ କମ୍ପାନୀମାନଙ୍କ ଠାରୁ ଅଧିକରୁ ଅଧିକ କ୍ଷତିପୂରଣ ଆଶା କରୁଛନ୍ତି। ଯେଉଁଥିପାଇଁ ଓଡ଼ିଶା ଆସିଥିବା ସର୍ବବୃହତ୍ ପ୍ରକଳ୍ପ ପୋସ୍କୋ ଏଠାରୁ ପଳାଇବାର ନଜିର ରହିଛି। ତେଣୁ ଶିଳ୍ପସଂସ୍ଥାଗୁଡିକ ଯେଭଳି ଭବିଷ୍ୟତରେ ଜମି ପାଇଁ କୌଣସି ସମସ୍ୟାର ସମ୍ମୁଖୀନ ନହେବେ ସେ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି।

ତଦନୁଯାୟୀ ରାଜ୍ୟର ୨୮ ଟି ଜିଲ୍ଲାରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ଼୍କୋ) ୧୪, ୨୩୦ ଏକର ଜମି ଅଧିଗ୍ରହଣ କରି ରଖି ସାରିଲାଣି। ଏବେ ବି ବିଭିନ୍ନ ଜିଲ୍ଲାରେ ଜମି ଅଧିଗ୍ରହଣ ଜାରି ରହିଛି। ତେବେ ଇଡ୍‌କୋ ହାତରେ ଥିବା ଜମି ମଧ୍ୟରୁ ସର୍ବାଧିକ ୪୬୧୩ ଏକର ଯାଜପୁରରେ ରହିଛି। ଏହି ଜିଲ୍ଲାରେ ବିଭିନ୍ନ ପ୍ରକାର ଖଣି ଖାଦାନ ସହିତ ଟାଟା ଭଳି କମ୍ପାନୀ ଶିଳ୍ପ ପ୍ରତିଷ୍ଠା ପରେ ଅନ୍ୟାନ୍ୟ ଶିଳ୍ପ ପୁଞ୍ଜି ନିବେଶ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସେହିଭଳି ଜଗତ୍‌ସିଂହପୁର ଜିଲ୍ଲାରେ ୧୫୮୪ ଏକର, କଟକରେ ୮୦୦ ଏକର, ସମ୍ବଲପୁରରେ ୬୭୧ ଏକର, ବୌଦ୍ଧରେ ୫୬୮ଏକର, ଭଦ୍ରକରେ ୪୮୭ଏକର, ବାଲେଶ୍ୱରରେ ୪୧୫ଏକର ଜମି ଶିଳ୍ପ ପାଇଁ ପ୍ରସ୍ତୁତ ହୋଇ ରହିଛି। ତେବେ କନ୍ଧମାଳ ଓ ନବରଙ୍ଗପୁର ଜିଲ୍ଲାରେ ଇଡ୍‌କୋ କୌଣସି ଜମି ଅଧିଗ୍ରହଣ କରିନଥିବା ଜଣାଯାଇଛି।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜମି ଅଧିଗ୍ରହଣ ସହିତ ସେହିସବୁ ସ୍ଥାନକୁ ସଡକ ଓ ରେଳ ସଂଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ଶିଳ୍ପପାଇଁ ସଂରକ୍ଷିତ ଜମିକୁ ନିକଟସ୍ଥ ବନ୍ଦର, ରେଳପଥ ଓ ଜାତୀୟ ରାଜପଥ ସହିତ ସଂଯୋଗ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। କାରଣ ପୁଞ୍ଜି ନିବେଶ ପାଇଁ ଆଗେଇ ଆସୁଥିବା ଶିଳ୍ପସଂସ୍ଥାଗୁଡିକ ଜମି ସହିତ ଯୋଗାଯୋଗ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଉଛନ୍ତି।

ଇତି ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦଳ ବଳ ସହିତ ନୂଆଦିଲ୍ଲୀ ଠାରେ ଦଶରୁ ଅଧିକ ଦେଶର ରାଷ୍ଟ୍ରଦୂତମାନଙ୍କୁ ଭେଟିବା ସହିତ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଆମନ୍ତ୍ରିତ କରିଛନ୍ତି। ସେମାନେ ସକରାତ୍ମକ ମନୋଭାବ ପୋଷଣ କରିଥିବାବେଳେ ଆଗାମୀ ବର୍ଷ ପ୍ରାରମ୍ଭରେ ଓଡ଼ିଶାରେ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଆୟୋଜନ ପାଇଁ ସ୍ଥିର ହୋଇଛି। ଇତି ମଧ୍ୟରେ ଉତ୍କର୍ଷ ଓଡ଼ିଶାର ଲୋଗୋ ଉନ୍ମୋଚନ ହୋଇସାରିଛି। ଯେହେତୁ ସରକାରଙ୍କ ହାତରେ ପର୍ଯ୍ୟାପ୍ତ ଜମି ରହିଛି ଏବଂ ରାଜ୍ୟରେ ଖଣି ଖାଦାନ ସହିତ ବିଜୁଳି ଓ ପାଣିର ପର୍ଯ୍ୟାପ୍ତ ଭଣ୍ଡାର ରହିଛି ତେଣୁ ଉତ୍କର୍ଷ ଓଡ଼ିଶା ଆୟୋଜନ ସମୟରେ ଅଧିକରୁ ଅଧିକ ପୁଞ୍ଜିପତି ଏଠାକୁ ଆସି ରାଜ୍ୟ ସରକାରଙ୍କ ସହିତ ରାଜିନାମା ସ୍ୱାକ୍ଷର କରିବେ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି।

ରଙ୍ଗ ପରିବର୍ତ୍ତନ

# ଗୋଦରୀ ଲୋ ନିଜ ଗୋଡ଼କୁ ଅନା

**ଭୁବନେଶ୍ୱର, ୮।୧୦ (ସଂଚାର ବ୍ୟୁରୋ):** ବର୍ତ୍ତମାନ ରଙ୍ଗ ପରିବର୍ତ୍ତନକୁ ନେଇ ବିରୋଧୀ ବିଜେଡି ଏବେ ବଡ଼ ଚିନ୍ତାରେ ପଡ଼ିଯାଇଛି। ସରକାରୀ କୋଠାଗୁଡ଼ିକୁ କମଳା ଓ ଲାଲ ରଙ୍ଗରେ ରଙ୍ଗିତ କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧୀ ବିଜେଡି ସମାଲୋଚନା କରିବା ସହ ଏହାର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ଓ ନିର୍ବାଚନୀ ପ୍ରତିଶ୍ରୁତି ପୂରଣରେ ବିଫଳତା ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏହା ବିଜେପିର କୌଶଳ।



ସୂଚନାଯୋଗ୍ୟ, ଗତ ସପ୍ତାହରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନାରେ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ୟୁନିଫର୍ମର ରଙ୍ଗ ଓ ଡିଜାଇନକୁ ଧଳା ଓ ସବୁଜରୁ ଆରମ୍ଭ କରି ହାଲୁକା ବାଦାମୀ ଓ ମରୁନରେ ପରିବର୍ତ୍ତନ କରିଥିଲେ।

ରଙ୍ଗ ପରିବର୍ତ୍ତନ ନେଇ ବିଜେଡି ଯେଉଁ କୁମ୍ଭୀର କାନ୍ଦଣା ଆରମ୍ଭ କରିଛି ତାର ଅନେକ କାରଣ ରହିଛି। ରଙ୍ଗ ପରିବର୍ତ୍ତନ ହେଲେ ଲୋକଙ୍କ ମନରୁ ବିଜେଡି ହଜିଯିବ। ତେଣୁ ରଙ୍ଗ ପରିବର୍ତ୍ତନ ନ କରିବା ପାଇଁ ବେତଣ୍ଡା ଯୁକ୍ତି କରୁଛି। ରାଜ୍ୟରେ ପ୍ରାୟ ୭୦ ବର୍ଷ ଧରି ଚାଲି ଆସିଥିବା ପ୍ରଥାକୁ ଭାଙ୍ଗି ବିଜେଡି ନିଜ ଦଳର ରଙ୍ଗରେ ପରିବର୍ତ୍ତନ କରିଥିଲା। ଯାହାଫଳରେ ସ୍କୁଲ ଡ୍ରେସ୍‌ଠାରୁ ଆରମ୍ଭ କରି ସରକାରୀ କୋଠାବାଡ଼ି, ବସର ରଙ୍ଗ, ଏପରି ରାସ୍ତା ଉପରେ ସବୁଜ ରଙ୍ଗ ମାରିବାକୁ ଭୁଲି ନ ଥିଲା। ବିଜେଡି ମୁଖପାତ୍ରଙ୍କ ମନ୍ତବ୍ୟ ଉପରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଅନ୍ୟକୁ ପ୍ରଶ୍ନ କରିବା ପୂର୍ବରୁ ବିଜେଡି ନିଜ କାମକୁ ଦେଖିବା ଉଚିତ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ତାଙ୍କ ଟିମ୍ କାହିଁକି ସରକାରୀ କୋଠାଗୁଡ଼ିକର ରଙ୍ଗ (ସବୁଜ ରଙ୍ଗରେ) ପରିବର୍ତ୍ତନ କଲେ ତାହାର ଉତ୍ତର ପ୍ରଥମେ ଦିଅନ୍ତୁ। ପ୍ରତିବର୍ଷ ମୌସୁମୀ ପରେ ସରକାରୀ କୋଠାଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ଆବଶ୍ୟକ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ପୁନଃରଙ୍ଗ ରକ୍ଷଣାବେକ୍ଷଣର ଏକ ଅଂଶ। ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ରାଜ୍ୟ ସରକାର ସମସ୍ତ ନୂତନ ସରକାରୀ କୋଠା ତଥା ବର୍ତ୍ତମାନର କୋଠାଗୁଡ଼ିକ ପାଇଁ ନିୟମିତ ମରାମତି କିମ୍ବା ନବୀକରଣ ସମୟରେ ଏକ ସମାନ ରଙ୍ଗ କୋଡ୍ ଲାଗୁ କରିବାକୁ ଅନୁମୋଦନ କରିଛନ୍ତି। ବାହ୍ୟ କାନ୍ଥ ପାଇଁ ରଙ୍ଗ କୋଡ୍ କମଳା ଏବଂ ସୀମା ପାଇଁ ଲାଲ ରଙ୍ଗର କୋଡ୍ ରହିବ। ସରକାରୀ କୋଠାଗୁଡ଼ିକର ରଙ୍ଗ ବଦଳାଇବା ଘୋଷଣାକୁ ବିରୋଧୀଙ୍କ କଡ଼ା ସମାଲୋଚନା କରାଯାଇଥିଲା।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର